
₹ : 25
www.amarisatya.in

# ଆମରି ସତ୍ୟ

# AMARI SATYA

ଚତୁର୍ଦ୍ଦଶ ବର୍ଷ, ଚତୁର୍ଥ ସଂଖ୍ୟା
ଅକ୍ଟୋବର ୨୦୨୩, ପୃଷ୍ଠା ସଂଖ୍ୟା ୩୬
RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24








ଆମରି ସତ୍ୟ
ତ୍ରୟୋଦଶତମ ବାର୍ଷିକ ଉତ୍ସବ-୨୦୨୩
ପାଲା, ସମ୍ବର୍ଦ୍ଧନା, ପୁସ୍ତକ ଓ ସାଧାରଣ ସଭା
୨୪ ସେପ୍ଟେମ୍ବର,
ପ୍ରାଣନାଥ ଖୋର୍ଦ୍ଧା

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ଚତୁର୍ଥ ସଂଖ୍ୟା ❖ ଅକ୍ଟୋବର ୨୦୨୩



**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୫୦/-
୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ) ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା
**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ଭବସାଗରରୁ ଉଦ୍ଧାରି ପ୍ରଭୁ ହେ'
ଭାବ ସାଗରରେ ଭସାଇ ନିଅ
ତମରି ଆଶ୍ରିତ ହୋଇଛି ପ୍ରଭୁ ହେ'
ତୁମରି ପ୍ରେମରେ ବୁଡେଇ ଦିଅ।।୦।।
ଦୁନିଆ ଜଞ୍ଜାଳ ମାୟାର ଶୃଙ୍ଖଳ
ବାନ୍ଧିଛି ମନକୁ ମୋର
ମନ ମୋ ଭାବୁଛି ସବୁ ଆପଣାର
ଧନ ଯଉବନ ଘର
ଅଢ଼େଇ ଦିନର ଏ ସଂସାର ଖେଳ
ପ୍ରଭୁ ତମେ ମୋତେ ବୁଝେଇ ଦିଅ।।୧।।
ଭବ ସାଗରରୁ ........
ବୁଡି ଯାଉଥିବା ଜୀବଟିଏ ମୁହିଁ
ତମକୁ ଭରସା କରି
ଆରତେ ଡାକୁଛି ଆରତତ୍ରାଣ ହେ'
ତୁମରି ନାମକୁ ଧରି
ତାରିବା ମାରିବା ତୁମରି ହାତରେ
ଚରଣରେ ପ୍ରଭୁ ଶରଣ ଦିଅ।। ୨।।
ଭବ ସାଗରରୁ .........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ - ୯୧୭୮୬୨୬୨୮୦**

## ଅମର ଲେଖନୀରୁ

ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ।
ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ମାତ୍ର ଏ ଶୋଭାରେ ତୋହର ଅଧିଷ୍ଠାନ।

## ହିତବାଣୀ

### ଗୀତା

ବିହାୟ କାମାନ୍ ଯଃ ସର୍ବାନ୍, ପୁମାଂଶ୍ଚ ରତି ନିସ୍ପୃହଃ।
ନିର୍ମମୋ ନିରହଂକାରଃ, ସ ଶାନ୍ତିମଧିଗଚ୍ଛତି।୭୧।
ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ, ନୈନାଂ ପ୍ରାପ୍ୟ ବିମୁହ୍ୟତି।
ସ୍ଥିତ୍ୱାସ୍ୟାମନ୍ତକାଳେଽପି, ବ୍ରହ୍ମନିର୍ବାଣମୃଚ୍ଛତି।୭୨। (୨ୟ ଅଧ୍ୟାୟ)

ଯାହାର କାମନା ନାହିଁ ତା'ର ବିଷୟ ଥିଲେ ମଧ୍ୟ ସେଥିରେ ସେ ମୋହ ନ ହୋଇ ଶାନ୍ତି ଭୋଗେ। ଯେ ଜ୍ଞାନ ପାଏ ସେ ଶେଷରେ ପରମବ୍ରହ୍ମରେ ଲୀନ ହୁଏ।

### ଭାଗବତ ବାଣୀ

ଅମୃତ ବିନୟ ବଚନ। କହି ତୋଷିବ ପ୍ରାଣୀମନ।।
ନିଜ ରକ୍ଷଣ ଅସମ୍ଭବ। ସେ କାହୁଁ ପରକୁ ରଖିବ।।

### ଚାଣକ୍ୟ ନୀତି

ଦୁରାଚାରୀ ଚ ଦୁର୍ଦୃଷ୍ଟିର୍ଦୁରାଽଽବାସୀ ଚ ଦୁର୍ଜନଃ।
ଯନ୍ମୈତ୍ରୀ କ୍ରିୟତେ ପୁମ୍ଭିର୍ନରଃ ଶୀଘ୍ର ବିନଶ୍ୟତି।।

ଦୁଷ୍କର୍ମର ପରିଣାମ ପ୍ରତି ସଚେତନ କରିବାକୁ ଯାଇ କହୁଛନ୍ତି ଯେ ଦୁରାଚାରୀ, ଦୁଷ୍ଟ ସ୍ୱଭାବଧାରୀ, ବିନା କାରଣରେ ଅନ୍ୟର କ୍ଷତି କରୁଥିବା ତଥା ଦୁଷ୍ଟ ବ୍ୟକ୍ତି ସହିତ ମିତ୍ରତା ସ୍ଥାପନକାରୀ ଶ୍ରେଷ୍ଠ ପୁରୁଷ ମଧ ଶୀଘ୍ର ବିନାଶ ହୋଇଯାଆନ୍ତି। କାରଣ ସଂଗତିର ପ୍ରଭାବ ବିନା ପ୍ରଭାବରେ କେବେ ମଧ ତିଷ୍ଠି ରହି ପାରେନା।

### ନୀତିଶ୍ଳୋକ

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽବିଦ୍ୟାମୁପାସତେ।
ତତୋ ଭୂୟ ଇବ ତେ ତମୋ ଯ ଉ ବିଦ୍ୟାୟାଂ ରତାଃ।।

ଅବିଦ୍ୟାକୁ ଉପାସନା କରୁଥିବା ଲୋକ ଅଜ୍ଞାନରୂପକ ଘୋର ଅନ୍ଧକାରରେ ପ୍ରବେଶ କରେ; ବିଦ୍ୟାକୁ ଉପାସନା କରୁଥିବା ଲୋକ ତା'ଠାରୁ ମଧ ଅଧିକତର ଅନ୍ଧକାର ମଧକୁ ପ୍ରବେଶ କରେ।

### ପ୍ରବାଦ

ଆମ୍ବ ଗଛରେ ଆମ୍ବ ନାହିଁ
ଟେକା କାହିଁକି ମାରୁ
ଅଣ୍ଟା ଚାରିପାଖେ ପଇସା ନାହିଁ
ଆଖି କାହିଁ ପାଇଁ ମାରୁ।

ପାଖରେ ପଇସା ନ ଥାଇ ବାରାଙ୍ଗନାକୁ ରତି ଇସାରା ଦବା ନିରର୍ଥକ।


### ରୂଢ଼ି ପ୍ରୟୋଗ

କପାଳରେ ହାତ ଦେବା-
ଭାଗ୍ୟକୁ ନିନ୍ଦିବା।



ଯାହାର ଚକ୍ଷୁ ନଷ୍ଟ ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଛପେଇ ରଖେ ସେ ଅନ୍ଧ।






# ସମ୍ପାଦକୀୟ....

ଆସିଗଲା ମହାପାର୍ବଣର ମହାସମ୍ଭାର। ପ୍ରକୃତିରାଣୀର ମନଲୋଭା ରୂପପଙ୍କଜର ଅନ୍ୟଏକ ମହାର୍ଘ ବିଭୁତି। ଶାରଦୀୟ ଋତୁର ନିର୍ମଳ ଆକାଶରେ ଆନମନା ରୂପସୀ ଜହ୍ନର ଚପଳଛନ୍ଦ, ତାରକିତ ଚନ୍ଦ୍ରାତପ ତଳେ ବିମୁଗ୍ଧ ପ୍ରକୃତିକୁ ଆହୁରି ମହିମାନ୍ୱିତ କରେ। ପେଟଭର୍ତ୍ତି ଆଦିଗନ୍ତ ହରିତକେଦାର ଓ ନଈକୂଳିଆ କାଶତଣ୍ଡୀ ପ୍ରକୃତିରାଣୀର ଉଭୟପାର୍ଶ୍ୱରେ ଅବାରିତ ଆଲଟ ଓ ଚାମର ଢାଳନ୍ତି। ଗଙ୍ଗଶିଉଳିର ରଙ୍ଗପସରା ତଥା କମଳ-କୁମୁଦଙ୍କ କମନୀୟ ରୂପବିଭା ପ୍ରକୃତିକୁ ଆହୁରି ବିଭାବନ୍ତକରେ। ମେଘମୁକ୍ତ ଆକାଶରେ ବକମାଳା ରଚନା କରନ୍ତି ଅନ୍ୟ ଏକ ଅତିନ୍ଦ୍ରିୟ ଚେତନା। ମନ୍ଦ-ଅନିଳ ଅକପଟଭାବେ ପ୍ରସରୀଯାଏ ଓ ପରଷିଯାଏ ପ୍ରକୃତିର ଏହି ବାସ୍ନାୟିତ ମହକକୁ। ପରିବେଶ ଗହଗହ-ମହମହ। ମର୍ତ୍ତ୍ୟରେ ଏମିତି ଏକ ସମୟ କେବଳ ଇହଲୋକର ନୁହେଁ, ପରଲୋକ ଓ ଦେବଲୋକର କାମ୍ୟ ମଧ୍ୟ!

ସୁତରାଂ, ଏମିତିଆ ଏକ ପ୍ରାକୃତିକ ପରିବେଶର ମହକରେ ହଜିଯିବାକୁ, ମଜ୍ଜିଯିବାକୁ ଓ ଏହାକୁ ଆପଣେଇବାକୁ ପିତୃଲୋକରୁ ଆରମ୍ଭକରି ଦେବଲୋକଯାଏଁ ସମସ୍ତେ ଖୁବ ଆନମନା ହୋଇଉଠନ୍ତି। ଫଳରେ ପିତୃପୁରୁଷ ଓ ଦେବପୁରୁଷଙ୍କର ଧରାବତରଣ ଘଟେ ଏମିତିଆ ସମୟକୁ ଟିକିଏ ଉପଭୋଗ କରିବା ପାଇଁ। ଅନୁକୂଳ ପରିବେଶର ପର୍ଯ୍ୟବେକ୍ଷଣ ପାଇଁ ଆଗରେ ଆସନ୍ତି ଅଗ୍ରପୂଜ୍ୟ ଗଣେଶ। ପରେ ପରେ ପରିବେଶକୁ ଉପଯୋଗ କରିବାର ବିଧିନେଇ ମର୍ତ୍ତକୁ ଓହ୍ଲାନ୍ତି ଦେବକାରିଗର ବିଶ୍ୱକର୍ମା। ତାପରେ ମର୍ତ୍ତକୁ ଧାଡିଲାଗେ ପିତୃପୁରୁଷଙ୍କର। ମହାଳୟାଠାରୁ ଦୀପାବଳିଯାଏଁ ସେମାନଙ୍କର ମର୍ତ୍ତ୍ୟ ରହଣି ପ୍ରତିଟି ପରିବାରରେ ଭକ୍ତିକଶ୍ରଦ୍ଧାର ଅନୁପମ ଜାଗୃତି ଆଣେ। ଏମିତି ଏକ ପାର୍ବଣ ସମୟରେ ଯାହା ସବୁଠାରୁ ଅଧିକ ମହତ୍ତ୍ୱ ଦାବିକରେ ତାହା ହେଲା ମା' ଦୁର୍ଗାଙ୍କର 'ଅକାଳବୋଧନ'। ଅକାଳବୋଧନ ଏଇଥିପାଇଁ ଯେ, ଅସମୟରେ ଦେବୀଦୁର୍ଗାଙ୍କର ଆବାହନ କରାଯାଏ। ଦେବୀ ଦୁର୍ଗାଙ୍କର ପ୍ରକୃତ ଆବାହନକାଳ ହେଉଛି ବସନ୍ତକାଳ। ପୁରାଣ କହେ, ଭଗବାନ ଶ୍ରୀରାମ ରାବଣକୁ ବଧ କରିବାପାଇଁ ଏହି ଶରତଋତୁରେ ମା'ଦୁର୍ଗାଙ୍କୁ ଆବାହନକରି ସନ୍ତୁଷ୍ଟ କରିଥିଲେ। ତେବେ ସେ ଯାହାହେଉ ନା କାହିଁକି ସମଗ୍ର ଶାରଦୀୟ ମହୋତ୍ସବକୁ ତାଙ୍କରି ନାମରେ ଉତ୍ସର୍ଗ କରାଯାଏ। ନରନାରୀ ବିଭୋର ହୁଅନ୍ତି। ପିଲାଏ ମସଗୁଲ ହୁଅନ୍ତି ପାର୍ବଣର ଏହି ମହାସମାରୋହରେ। ସବୁଆଡେ ଉତ୍ସୁକତାର ଭିଜାଭିଜା ସ୍ପର୍ଶ। ହାତରେ କାମର ଜଞ୍ଜାଳ ନାହିଁ କି ପିଲାଙ୍କ ପାଠପଢାର କଟାଳନାହିଁ। ସର୍ବୋପରି ଭିନ୍ନ ଏକ ଆସ୍ୱାଦରେ ଗ୍ରାମ୍ୟଲଳନା ଓ ଗ୍ରାମ୍ୟବଧୂ ବ୍ୟସ୍ତ। ସବୁଆଡେ ଛୁଟି କଟେଇବାର ମହାପର୍ବ। ସୁତରାଂ, ସଭିଏଁ ନିଜକୁ ପାର୍ବଣର ପରିବେଶରେ ହଜେଇଦିଅନ୍ତି। ମା'ଦୁର୍ଗାଙ୍କର ମହିଷାସୁର ଦଳନର ମୃଣ୍ମୟପ୍ରତିମା ପାଖରେ କେତେ ମୁଣ୍ଡିଆ ମାରନ୍ତି। କେତେ ମାନସିକ କରିନ୍ତି। କେତେ ବାଗରେ କେତେ ଲାଞ୍ଚ ଯାଚନ୍ତି। ଏ ବର୍ଷ ବି ସେଇଆ ଘଟିବ। ସବୁ ଗତାନୁଗତିକ ସବୁ ଗଡ୍ଡାଳିକା!

ତେବେ ଏହି ଗତାନୁଗତିକତାରେ ଯଦି କିଛି ପରିବର୍ତ୍ତନ ଅଣାଯାଇପାରେ ତେବେ କ୍ଷତି କଣ? ଅଧୁନା ବିଶ୍ୱ ଏକ ଅନିଶ୍ଚିତତା ମଧ୍ୟରେ ଗତିକରୁଛି। ସାମାଜିକ, ରାଜନୈତିକ, ଆର୍ଥିକ ଅବ୍ୟବସ୍ଥା ମଧ୍ୟରେ ସମଗ୍ର ବିଶ୍ୱ-ମାନବ ଆଜି ଅଣନିଃଶ୍ୱାସୀ। ଏ ଅବ୍ୟବସ୍ଥା ମଧ୍ୟରୁ ଆମଦେଶ ମଧ୍ୟ ମୁକୁଳି ପାରୁନି। ଫଳରେ ଆମ ଭିତରକୁ ଅଧିକରୁ ଅଧିକ ନକାରାତ୍ମକତାର ମାତ୍ରା ସଂଚରୀ ଯାଉଛି। "ଆପେ ବଞ୍ଚିଲେ ବାପର ନାଁ" ନ୍ୟାୟରେ ଆପଣାର ସ୍ୱାର୍ଥସିଦ୍ଧି ଏକମାତ୍ର ଲକ୍ଷ୍ୟ ହୋଇଛି। ସରକାରୀ ଦାନ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଆପଣାର ସ୍ୱାଭିମାନ ଓ କାମ କରିବାର ସ୍ପୃହା ମରି ମରି ଯାଉଛି। ସେହି ଅନୁରୂପେ ଆଳସ୍ୟ ବଢିଯାଉଛି। ଏଭଳି ସ୍ଥିତିରେ ମା'ଦୁର୍ଗାଙ୍କର ସେହି ଚିରାଚରିତ ଆରାଧନା କରି ଶ୍ରମ ଓ ସମୟ ବୁହାଇଦେବା କେବଳ ଆତ୍ମପ୍ରବଞ୍ଚନା। ସୁତରାଂ, ଏହି ଶାରଦୀୟ ଶୁଭବେଳାରେ ଅନ୍ୟ ଏକ ଅକାଳବୋଧନର ଆବଶ୍ୟକତା ଅନୁଭୂତ ହୋଇଛି। ଅର୍ଥାତ୍ ନିଜ ଚେତନାକୁ ଜାଗ୍ରତ କରାଇବା ଭଳି ଅନ୍ୟ ଏକ ଅକାଳବୋଧନକୁ ଏହି ଶାରଦୀୟ ଶୁଭବେଳାରେ ଅନୁଷ୍ଠିତ କରାଇପାରିଲେ କ୍ଷତି କଣ?

ତେବେ ଆସନ୍ତୁ, ସେହି ଶକ୍ତି ସ୍ୱରୂପା ତଥା ନିଜ ଚେତନା ସ୍ୱରୂପା ମା'ଦୁର୍ଗାଙ୍କର ଅକାଳବୋଧନ କରି ନିଜ ଭିତରୁ କାପୁରୁଷତା, ଅପାରଗତା, କର୍ମକୁଣ୍ଠତା, ଶଠତା ଓ ଆଳସ୍ୟପରାୟଣତା ଭଳି ଆସୁରିକ ପ୍ରବୃତ୍ତି ସବୁକୁ ଦୂର କରିବା ସହ ସାରା ସଂସାରର ମଙ୍ଗଳ କାମନା କରିବା।



ଡ ପ୍ରସନ୍ନ କୁମାର ଜେନା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ନାରୀ ଶକ୍ତି ବନ୍ଦନ ଅଧିନିୟମ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ୨୦୨୩ ନୋବେଲ ପୁରସ୍କାର | | ୬ |
| ୩. | ଭାରତୀୟ ସଂସ୍କୃତିରେ ପୁରାଣ... | ଡ. ସୁକାନ୍ତି ମହାପାତ୍ର | ୭ |
| ୪. | ପାଇକ ସଂସ୍କୃତିରେ ଶକ୍ତି ଉପାସନା | ପବିତ୍ର ମୋହନ ବାରିକ | ୧୦ |
| ୫. | ମରଣମୁଖୀ ସଦାଚର | ପଣ୍ଡିତ ରମାକାନ୍ତ ମିଶ୍ର | ୧୨ |
| ୬. | ସମ୍ପର୍କ | ଯଜ୍ଞଦତ୍ତ ସାମନ୍ତରାୟ | ୧୩ |
| ୭. | ମହାତ୍ମାଗାନ୍ଧୀ | ରାମଶଙ୍କର | ୧୪ |
| ୮. | ତୁଳସୀ ଦାସ | ବ୍ରଜକିଶୋର ଦାସ | ୧୫ |
| ୯. | ସିଦ୍ଧାର୍ଥ | ନଳିନୀ ଦାଶ | ୧୫ |
| ୧୦. | କବିର କଲମ ଏକ ଦିବ୍ୟ ଅସ୍ତ୍ର | ନୂତନ କୁମାର ବେହେରା | ୧୬ |
| ୧୧. | ଜୀବନ | ରମାକାନ୍ତ ଦାସ | ୧୬ |
| ୧୨. | କ୍ରିକେଟ ବିଶ୍ୱକପରେ ଭାରତ... | ଆଶିଷ କୁମାର ରାୟ | ୧୭ |
| ୧୩. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୧୯ |
| ୧୪. | ସମ୍ବାଦ ବିଚିତ୍ରା | | ୨୩ |
| ୧୫. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର | | ୨୪ |
| ୧୬. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୧ |



## ବିଶେଷ ସୂଚନା

ଆପଣଙ୍କ ପ୍ରିୟ ଏହି ସୁପରିଚିତ ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୁଲ୍ୟରେ '**ବିଜ୍ଞାପନ**' ପ୍ରକାଶିତ କରିବାର ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ ।

**ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା)**
**'ଆମରି ସତ୍ୟ'**
**ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ**
**ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା**
**ମୋ : ୯୪୩୭୨୮୧୬୫୫**


# କାଶତଣ୍ଡୀ

ନାରାୟଣ ଦାସ

ବର୍ଷା ଅସରାରେ
ଭିଜିଯାଏ ଯେବେ
ଦେହ ଦିଶେ କଦାକାର
ଅନ୍ତରେ ଦିଅଇ
ଅଶେଷ ଆଘାତ
ଦହି ହୁଏ ହୃଦେ ତାର -୧
ବରଷା ବଇରି
ହୋଇଯାଏ ତା' ପାଇଁ
କିସ ବୋଲିବ କାହାକୁ
ବନ ଉପବନେ
ଖୋଜେ କାଶତଣ୍ଡୀ
ସାଥୀ ସଙ୍ଗେ ମିଶିବାକୁ -୨
ଅଶାନ୍ତ ମନରେ
ବିତିଲାଟି ଦିନ
ବରଷା ହେଲା ଭଗାରି
ଆଜିର ଚିନ୍ତନ
କାହିଁକି ନଥାଏ
ବସିଥାଏ ମନ ମାରି -୩
ମନସ୍ତାପେ ବିତେ
ଦୁର୍ଦ୍ଦିନ ସମୟ
ହୃଦେ ହୁଏ ବିଚଳିତ
ଅକାଳ ବେଳାଟି
ହେବ କେତେ ଦୂର
ଭାବୁଥାଏ ଅବିରତ -୪
ଋହୁଁ ଋହୁଁ ବେଗି
ବୁଡିଗଲା ବେଳ
ହୋଇଲା ନାହିଁ ସାକ୍ଷାତ
ଖୋଜି ଖୋଜି ସିଏ
ପାଇଲାନି ବଣେ
ବସେ ମାଥେ ଦେଇ ହାତ -୫

ନବୀନାବାଗ, ଖୋରଧା

# ନାରୀ ଶକ୍ତି ବନ୍ଦନ ଅଧିନିୟମ



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭାରତୀୟ ମହିଳା ସଂରକ୍ଷଣ ଆଇନ ୨୦୨୩ ତଥା ୧୨୮ତମ ସମ୍ବିଧାନ ସଂଶୋଧନ ସଂସଦରେ ଆନୁଷ୍ଠାନିକ ଭାବରେ ଉପସ୍ଥାପିତ ହୋଇ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ହୋଇଯାଇଛି ଏବଂ ଏହାକୁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' କୁହାଯାଏ। ଏହି ବିଧେୟକ ଦ୍ୱାରା ମହିଳାମାନଙ୍କୁ ଲୋକସଭା ତଥା ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଦସ୍ୟତା ଅଧିକାର ପ୍ରଦାନ କରାଯିବ।

ରାଜନୈତିକ ଦଳମାନଙ୍କ ମଧ୍ୟରେ ସହମତି ଅଭାବରୁ ବିଗତ ୨୭ ବର୍ଷ ଧରି ଚାଲିଆସୁଥିବା ମହିଳା ସଂରକ୍ଷଣ ବିଧେୟକ (୨୦୧୦)ର ଏହା ହେଉଛି ଏକ ସାମ୍ବିଧାନିକ ସମାପ୍ତି। ନବ ନିର୍ମିତ ସଂସଦ ଭବନରେ ଏହି ଆଇନ ପ୍ରଥମେ ବିଚାର କରାଯାଇଥିଲା। ୧୯ ସେପ୍ଟେମ୍ବର ୨୦୨୩ରେ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଲୋକସଭାରେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯାଇଥିଲା। ୨୦ ସେପ୍ଟେମ୍ବର ୨୦୨୩ରେ ଲୋକସଭାରେ ୪୫୪ଜଣ ସାଂସଦଙ୍କ ସହମତିରେ ଏବଂ ମାତ୍ର ୨ଜଣଙ୍କ ଅସହମତିରେ ଏହି ବିଧେୟକ ପାରିତ ହୋଇଥିଲା, ଠିକ୍ ତା'ର ପରଦିନ ୨୧ ସେପ୍ଟେମ୍ବର ୨୦୨୩ରେ ରାଜ୍ୟସଭାରେ ସର୍ବସମ୍ମତିରେ ପାରିତ ହୋଇଥିଲା ଏବଂ ୨୯ ସେପ୍ଟେମ୍ବର ୨୦୨୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନୁମୋଦିତ ହୋଇ ସାମ୍ବିଧାନିକ ଆଇନରେ ପରିଣତ ହୋଇଯାଇଛି।

୯ ଡିସେମ୍ବର ୧୯୪୬ରେ ଭାରତର ବିଧାନସଭାର ଉଦଘାଟନୀ ଅଧିବେଶନ ସମ୍ବିଧାନ କକ୍ଷ (ବର୍ତ୍ତମାନର ପୁରାତନ ସଂସଦ ଗୃହର ସମ୍ବିଧାନ କକ୍ଷ)ରେ ଅନୁଷ୍ଠିତ ହୋଇଥିଲା। ସେ ସମୟରେ ସରୋଜିନୀ ନାଇଡୁ ସମଗ୍ର ସମାବେଶରେ ଏକମାତ୍ର ମହିଳା ସଦସ୍ୟ ଭାବରେ ରାଷ୍ଟ୍ରପତିଙ୍କ ମଞ୍ଚ ସମ୍ମୁଖରେ ପ୍ରଥମ ଧାଡିରେ ବସିଥିଲେ। ମହିଳାମାନଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗ ପୂର୍ବରୁ ୧୯୯୬, ୧୯୯୭ ଏବଂ ୧୯୯୮ରେ ବିଚାର କରାଯାଇଥିଲା; ତେବେ ଲୋକସଭାରେ ରାଜନୈତିକ ଦଳମାନଙ୍କ ମଧ୍ୟରେ ସହମତି ନ ଥିବାରୁ ଏହା ଉପରେ ଅଧିକ ଆଲୋଚନା ହୋଇପାରିଲା ନାହିଁ। ସାମ୍ପ୍ରତିକ ଦଶନ୍ଧିରେ, ବିଶ୍ୱ ଜନସଂଖ୍ୟାର ଅଧାରୁ ଅଧିକ ଭାଗ ସତ୍ତ୍ୱେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ସହଯୋଗୀତାର ଅବନତିକୁ ନେଇ ଆଶଙ୍କା ବଢିବାରେ ଲାଗିଛି। ଏହି ଗଣତାନ୍ତ୍ରିକ ଅସମର୍ଥତା ଦେଶର ଦ୍ରୁତ ସର୍ବାଙ୍ଗୀଣ ବିକାଶ ହାସଲ କରିବାରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଫଳସ୍ୱରୂପ, ଏକ ରାଜନୈତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଦୃଢ଼ କରିବାକୁ ଲକ୍ଷ୍ୟ ରଖି ଏହି ପ୍ରସଙ୍ଗ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକତା। ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ହେବା ସମସାମୟିକ ଭାରତୀୟ ସମାଜ ପାଇଁ ଅତ୍ୟନ୍ତ ଜରୁରୀ। ୧୯୯୬ରେ ଏହାର ପ୍ରାରମ୍ଭିକ ପରିଚୟ ପରଠାରୁ ଏହି ବିଧେୟକ ୬ଟି ଅସଫଳ ପ୍ରୟାସର ସମ୍ମୁଖୀନ ହୋଇଛି।

୨୦୨୩ରେ ମହିଳା ସଂସଦର ସାଂସଦଙ୍କ ପ୍ରତିନିଧିତ୍ୱ ସଂଖ୍ୟା ପ୍ରକାଶ ପାଇଛି, ଏହା ୧୫%ରୁ କମ୍। ସେହିଭଳି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ଗୁଜୁରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ଓଡ଼ିଶା, ସିକ୍କିମ୍, ତାମିଲନାଡୁ, ତେଲେଙ୍ଗାନା, ତ୍ରିପୁରାରେ ଏହି ଲିଙ୍ଗଗତ ପାର୍ଥକ୍ୟ ଅଧିକ ଶକ୍ତିଶାଳୀ।
ପୁଡୁଚେରୀ, ଯେଉଁଠାରେ ମହିଳାମାନଙ୍କ ପ୍ରତିନିଧିତ୍ୱତା ସାଧାରଣତଃ ୧୦%ରୁ କମ୍ ରହେ, ଲୋକସଭାରେ ମହିଳା ସାଂସଦଙ୍କ ଉପସ୍ଥିତି ଧୀରେ ଧୀରେ ଉନ୍ନତ ପ୍ରଦର୍ଶନ କରିଛି; ଯାହା ୧ମ ଲୋକସଭାରେ ମାତ୍ର ୫% ଥିଲା ବର୍ତ୍ତମାନ ୧୭ତମ ଲୋକସଭାରେ ୧୪%କୁ ବୃଦ୍ଧି ପାଇଛି। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ୭୧୬ ମହିଳା ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରୁ ୭୮ ଜଣ ମହିଳା ସାଂସଦ ୧୭ତମ ଲୋକସଭାରେ ସଫଳତାର ସହ ନିର୍ବାଚିତ ହୋଇଛନ୍ତି। ୨୦୧୪ରେ ୬୨ ମହିଳା ସାଂସଦ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନ ତୁଳନାରେ ୨୦୧୯ରେ ଏହା ପ୍ରାୟ ଏକ ଚତୁର୍ଥାଂଶ ଅଧିକ।

ନବ ନିର୍ମିତ ସଂସଦ ଭବନରେ କାର୍ଯ୍ୟର ପ୍ରଥମ ଦିନରେ ମହିଳା ସାଂସଦମାନଙ୍କର ସଂଖ୍ୟା ୧୮୧କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୩ ଲୋକସଭାରେ ସମୁଦାୟ ୫୪୨ ଜଣ ସଦସ୍ୟ ଅଛନ୍ତି, ସେମାନଙ୍କ ମଧ୍ୟରେ ୭୮ ଜଣ ମହିଳା ସଦସ୍ୟ ଅଟନ୍ତି। ସେହିଭଳି ବର୍ତ୍ତମାନର ରାଜ୍ୟସଭାରେ ୨୨୪ ଜଣ ସଦସ୍ୟଙ୍କ ମଧ୍ୟରେ ୨୪ ଜଣ ମହିଳା ସଦସ୍ୟ ଅଛନ୍ତି। ୨୦୨୩ ସୁଦ୍ଧା ସମୁଦାୟ ୧୦୨ ମହିଳା ସାଂସଦ ଭାବେ ଦାୟିତ୍ୱ ତୁଲାଉଛନ୍ତି।

ପ୍ରସ୍ତାବିତ ଆଇନରେ ୩୩% ମହିଳା ସଂରକ୍ଷଣକୁ ୧୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ, ସଂସଦ ଏବଂ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ସଦସ୍ୟତା ମଧ୍ୟରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ଏକ ଆରକ୍ଷଣ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସ୍ପଷ୍ଟ କରାଯାଇଛି ଯେ, ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପରେ ପରେ ୨୦୨୬ ଜନଗଣନା କାର୍ଯ୍ୟ ସମାପ୍ତ କରି ୨୦୨୯ ସୁଦ୍ଧା ସୀମାଙ୍କନ ନିର୍ଦ୍ଧାରଣ ପରେ ଏହି ଆଇନ ଯଥାଶୀଘ୍ର କାର୍ଯ୍ୟକାରୀ ହେବ। ତେଣୁ ସଂପୂର୍ଣ୍ଣ କାର୍ଯ୍ୟକାରିତା ପ୍ରାୟତଃ ୨୦୩୩ ପୂର୍ବରୁ ସମ୍ଭବ ନୁହେଁ।

ଏହି ଆଇନର ସମାଲୋଚକମାନେ ଯୁକ୍ତି ବାଢିଛନ୍ତି ଯେ, କେବଳ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ ମୁଖ୍ୟତଃ ଶିକ୍ଷିତ ତଥା ସହରାଞ୍ଚଳ ମହିଳାଙ୍କୁ ବହୁ ସାହାଯ୍ୟ କରିବ, କିନ୍ତୁ ଗ୍ରାମାଞ୍ଚଳ ମହିଳା ତଥା ଅନ୍ୟ ସଂଖ୍ୟାଲଘୁଙ୍କ ପାଇଁ ଆରକ୍ଷଣ ପାଇନଥିବା ମହିଳାମାନେ ଅବହେଳିତ ହେବେ ଏବଂ ସେମାନଙ୍କ ପାଇଁ ସଂସଦରେ ସ୍ୱର ଉତ୍ତୋଳନ କରିବା ଅଧିକ କଷ୍ଟସାଧ୍ୟ ହେବ।

# ୨୦୨୩ ନୋବେଲ ପୁରସ୍କାର

ପ୍ରତ୍ୟେକ ବର୍ଷ ଅକ୍ଟୋବରରେ ସ୍ୱିଡେନ ଏବଂ ନରୱେର ନୋବେଲ ପୁରସ୍କାର ସମିତି ବିଜ୍ଞାନ, ସାହିତ୍ୟ ଏବଂ ଅର୍ଥନୀତି ତଥା ଶାନ୍ତି କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଜେତାମାନଙ୍କର ସୂଚୀ ପ୍ରକାଶ କରେ। ମୋଟ ଉପରେ ୬ଟି ପୁରସ୍କାର ପ୍ରଦାନ କରାଯାଏ। ଚଳିତ ବର୍ଷ ଡିସେମ୍ବର ମାସରେ ଷ୍ଟକହୋମରେ ବିଜେତାମାନଙ୍କୁ ନୋବେଲ ପୁରସ୍କାର ହିସାବରେ ଏକ ଡିପ୍ଲୋମା ଉପାଧି, ଏକ ପଦକ ଏବଂ ପୁରସ୍କାର ରାଶି ଭାବରେ ୧୧ ମିଲିୟନ ସ୍ୱିଡେନ କ୍ରୋନା (୮,୨୫,୯୮,୭୩୧.୫୮ ଭାରତୀୟ ଟଙ୍କା) ଦିଆଯିବ।

**୧. ଶରୀର ବିଜ୍ଞାନ କିମ୍ବା ଔଷଧ :** କରୋଲିନସ୍କା ଇନଷ୍ଟିଚ୍ୟୁଟର ନୋବେଲ ଆସେମ୍ବ୍ଲି, ୨୦୨୩ରେ ଶରୀର ବିଜ୍ଞାନ କିମ୍ବା ଔଷଧ କ୍ଷେତ୍ରରେ ନୋବେଲ ପୁରସ୍କାର, ସେଗେଡ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ପେରେଲମ୍ୟାନ୍ ଔଷଧ ବିଦ୍ୟାଳୟର ସଂଲଗ୍ନ ପ୍ରାଧ୍ୟାପକ **କାତାଲିନ କାରିକୋ** ଏବଂ ଟିକା ଅନୁସନ୍ଧାନରେ ରବର୍ଟସ୍ ପରିବାର ପ୍ରାଧ୍ୟାପକ ତଥା ପେନ୍ **RNA** ଅଭିନବ ଅନୁଷ୍ଠାନର ନିର୍ଦ୍ଦେଶକ **ଡ୍ରିଉ ୱିଜମ୍ୟାନ**ଙ୍କୁ ମିଳିତ ଭାବେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କର ନ୍ୟୁକ୍ଲିଓସାଇଡ୍ ବେସ୍ ମୋଡିଫିକେସନ୍ ସମ୍ବନ୍ଧରେ ଆବିଷ୍କାର ଯାହାକି ୨୦୨୦ ଆରମ୍ଭରେ ବ୍ୟାପୀ ଥିବା ମହାମାରୀ କୋଭିଡ-୧୯ ବିରୁଦ୍ଧରେ ପ୍ରଭାବଶାଳୀ **mRNA** ଟିକା ବିକାଶରେ ସକ୍ଷମ ହୋଇଥିଲା। ଆମର ପ୍ରତିରକ୍ଷା ପ୍ରଣାଳୀ ସହିତ **mRNA** କିପରି କାର୍ଯ୍ୟ କରେ ସେ ସମ୍ବନ୍ଧରେ ଅନୁସନ୍ଧାନ ଆଧୁନିକ ଯୁଗରେ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ ବିପଦ ସମୟରେ ଟିକା ବିକାଶ କରିବାରେ ଅଦ୍ଭୁତ ସହଯୋଗ କରିଥିଲା ।

**୨. ପଦାର୍ଥ ବିଜ୍ଞାନ :** ରୟାଲ ସ୍ୱିଡେନ ଏକାଡେମୀ ଅଫ ସାଇନ୍ସ; ଆମେରିକାର କଲମ୍ବସ, ଓହିଓ ଷ୍ଟେଟ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ **ପିଅରେ ଅଗୋସ୍ତିନି**; ମ୍ୟାକ୍ସ ପ୍ଲାନ୍କ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଣ୍ଟମ୍ ଅପ୍ଟିକ୍ସ, ଗାର୍ସିଂର ନିର୍ଦ୍ଦେଶକ ତଥା ଜର୍ମାନର ମୁନଚେନ୍ ସ୍ଥିତ ଲୁଡଓ୍ୱିଗ୍-ମ୍ୟାକ୍ସିମିଲିୟନ୍ସ-ୟୁନିଭର୍ସିଟିର ପ୍ରାଧ୍ୟାପକ **ଫେରେନ୍କ କ୍ରାଉସ୍** ଏବଂ ସ୍ୱିଡେନର ଲଣ୍ଡ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ **ଆନି ଲ'ହୁଲିଅର**ଙ୍କୁ ପଦାର୍ଥ ବିଜ୍ଞାନରେ ୨୦୨୩ର ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଇଲେକ୍ଟ୍ରନ୍ ଅଧ୍ୟୟନ ପାଇଁ ଆଲୋକର ଅଟ୍ଟୋସେକେଣ୍ଡ୍ (୦.୦୦୦୦୦୦୦୦୦୦୦୦୦୦୦୦୦୦୧ ସେକେଣ୍ଡ୍) ସ୍ପନ୍ଦନ ସୃଷ୍ଟିର ପରୀକ୍ଷାମୂଳକ ପ୍ରଣାଳୀ ପାଇଁ ସେମାନଙ୍କୁ ଏହି ପୁରସ୍କାର ଦିଆଯିବ। ପଦାର୍ଥର ଗତିଶୀଳତା, ଯାହା ପରମାଣୁ ଏବଂ ଅଣୁଗୁଡ଼ିକ ମଧ୍ୟରେ ଇଲେକ୍ଟ୍ରନ୍ ଜଗତକୁ ଅନୁସନ୍ଧାନ କରିବା ପାଇଁ ମାନବିକତାକୁ ନୂତନ ଉପକରଣ ଦେଇଛି।

**୩. ରସାୟନ ବିଜ୍ଞାନ :** ରୟାଲ ସ୍ୱିଡେନ ଏକାଡେମୀ ଅଫ ସାଇନ୍ସ; ଆମେରିକାର ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର **ମଙ୍ଗି ଜି ବାୱେଣ୍ଡି;** ନ୍ୟୁୟର୍କ, ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ **ଲୁଇ ଇ ବ୍ରୁସ୍** ଏବଂ ନାନୋକ୍ରିଷ୍ଟାଲ୍ସ ଟେକ୍ନୋଲୋଜି ସଂସ୍ଥାର ପୂର୍ବତନ ମୁଖ୍ୟ ବୈଜ୍ଞାନିକ **ଆଲେକ୍ସି ଆଇ ଏକିମୋଭ,** ରସାୟନ ବିଜ୍ଞାନରେ ୨୦୨୩ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। କ୍ୱାଣ୍ଟମ୍ ବିନ୍ଦୁଗୁଡ଼ିକର ଆବିଷ୍କାର ଏବଂ ଉତ୍ପାଦନ ଉପରେ ଅନୁସନ୍ଧାନ ପାଇଁ ଏହି ପୁରସ୍କାର ଦିଆଯିବ। ନାନୋଟେକ୍ନୋଲୋଜିର ଏହି କ୍ଷୁଦ୍ର ଉପାଦାନଗୁଡ଼ିକ ବର୍ତ୍ତମାନ ଟେଲିଭିଜନ୍ ଏବଂ ଏଲଇଡି ଲ୍ୟାମ୍ପରୁ ଆଲୋକ ବାହାର କରେ ଏବଂ ଅନ୍ୟାନ୍ୟ ଜିନିଷ ମଧ୍ୟରେ ଟ୍ୟୁମର ଟିସୁ ଅପସାରଣ କଲାବେଳେ ସର୍ଜନମାନଙ୍କୁ ମଧ୍ୟ ମାର୍ଗଦର୍ଶନ କରିପାରିବ ।

**୪. ସାହିତ୍ୟ :** ୨୦୨୩ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ନରୱେ ଲେଖକ **ଜନ୍ ଫୋସେ**ଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତାଙ୍କର ଅଭିନବ ନାଟକ ଏବଂ ଗଦ୍ୟ ଯାହା ଅସମ୍ଭବତାକୁ ସ୍ୱର ଦେଇଥାଏ। ନରୱେ ନାଇନୋରସ୍କରେ ଲିଖିତ ତାଙ୍କର କୃତିତ୍ୱ ଏବଂ ବିଭିନ୍ନ ସ୍ୱାଦର ଅନେକ ନାଟକ, ଉପନ୍ୟାସ, କବିତା ସଂଗ୍ରହ, ପ୍ରବନ୍ଧ, ପିଲାମାନଙ୍କର ପୁସ୍ତକ ଏବଂ ଅନୁବାଦ ଅତୁଳନୀୟ। ସେ ବର୍ତ୍ତମାନ ଯୁଗର ବହୁଚର୍ଚ୍ଚିତ ନାଟ୍ୟକାରମାନଙ୍କ ମଧ୍ୟରୁ ଜଣେ ହୋଇଥିବାବେଳେ ସେ ତାଙ୍କ ଗଦ୍ୟ ପାଇଁ ଅଧିକ ମାନ୍ୟତା ପାଇଛନ୍ତି।

**୫. ଶାନ୍ତି:** ନରୱେର ନୋବେଲ କମିଟି ଇରାନରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ଏବଂ ସମସ୍ତଙ୍କ ପାଇଁ ମାନବିକ ଅଧିକାର ତଥା ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ପାଇଁ ଜେଲରେ ବନ୍ଦୀ ଥିବା ଇରାନର ମାନବାଧିକାର ଆଡଭୋକେଟ ତଥା ସ୍ୱାଧୀନତା ସଂଗ୍ରାମୀ **ନର୍ଗେସ ମହମ୍ମଦି**ଙ୍କୁ ୨୦୨୩ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ମହିଳା ଅଧିକାର ତଥା ମୃତ୍ୟୁଦଣ୍ଡ ରଦ୍ଦ ପାଇଁ ମହମ୍ମଦି ଦୀର୍ଘ ଦିନରୁ ସଂଗ୍ରାମ କରିଆସୁଛନ୍ତି। ତାଙ୍କର ସାହସିକ ସଂଘର୍ଷ ପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି। ମୋଟାମୋଟି ଭାବେ ତାଙ୍କୁ ୧୩ଥର ଗିରଫ କରାଯାଇଛି, ୫ଥର ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ମୋଟ ୩୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ଓ ୧୫୪ ଚାବୁକ ଆଘାତ ଦିଆଯାଇଛି।

***୬. ଅର୍ଥନୈତିକ ବିଜ୍ଞାନ:*** ରୟାଲ୍ ସ୍ୱିଡେନ ଏକାଡେମୀ ଅଫ୍ ସାଇନସ୍ସେସ୍, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ **କ୍ଲାଉଡିଆ ଗୋଲ୍ଡିନ**ଙ୍କୁ ଅର୍ଥନୈତିକ ବିଜ୍ଞାନରେ ୨୦୨୩ ସେଭେରିଜ୍ ରିକ୍ସବ୍ୟାଙ୍କ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏହି ପୁରସ୍କାର ପାଇବାରେ ସେ ତୃତୀୟ ମହିଳା ଅଟନ୍ତି। ମହିଳା ଶ୍ରମ ବଜାର ବିଷୟରେ ଯୁଗାନ୍ତକାରୀ ତଥ୍ୟ ଅନୁସନ୍ଧାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଗୋଲ୍ଡିନ୍ ଅଭିଲେଖାଗୁଡିକ ମାଧ୍ୟମରେ ଅନୁସନ୍ଧାନ କରି ୨୦୦ ବର୍ଷରୁ ଅଧିକ ତଥ୍ୟ ସଂଗ୍ରହ କରି ଜାଣିବାକୁ ପାଇଲେ ଯେ, ରୋଜଗାର ଏବଂ ରୋଜଗାର ହାରରେ ଲିଙ୍ଗଗତ ବ୍ୟବଧାନ କିପରି ଏବଂ କାହିଁକି ବଦଳିଗଲା।

# ଭାରତୀୟ ସଂସ୍କୃତିରେ ପୁରାଣମାନଙ୍କର ଗୁରୁତ୍ୱ



**ଡ. ସୁକାନ୍ତି ମହାପାତ୍ର**

ପୁରାଣ ଶବ୍ଦ ପ୍ରତ୍ୟେକ ଭାରତୀୟମାନଙ୍କର ଅସ୍ଥିମଜ୍ଜାଗତ। ସେ ଯେ କୌଣସି ଭାଷାଭାଷୀ ଲୋକ ହୋଇଥାଉ ନା କାହିଁକି ପୁରାଣ ଶବ୍ଦ ଶୁଣିଲେ ପ୍ରତ୍ୟେକ ଭାରତୀୟର ମାନସରେ ଏକ ସ୍ୱତନ୍ତ୍ର ଧାରଣା ଜନ୍ମ ହୁଏ। କଥା, କାହାଣୀ, ତତ୍ତ୍ୱ ଉପଦେଶ ମଣ୍ଡିତ ଏହି ପ୍ରାଚୀନ ବୃତ୍ତାନ୍ତ ପ୍ରତ୍ୟେକ ଭାରତୀୟର ପ୍ରାଣକୁ ଏକ ଅପୂର୍ବ ପବିତ୍ର ଭାବରେ ବିମଣ୍ଡିତ କରାଇଥାଏ। ଦେବତା, ଋଷି, ଆଦର୍ଶ ରାଜା, ମହାରାଜା, ଦାନଯଜ୍ଞ ଓ ତ୍ୟାଗ ସର୍ବସ୍ୱ ଭାରତୀୟ ଜୀବନବୋଧର ପରିଚୟ ପୁରାଣରୁ ହିଁ ମିଳେ।

ଆକ୍ଷରିକ ଅର୍ଥରେ ପୁରାଣର ଅର୍ଥ ପ୍ରାଚୀନ। ପୁରୁଣାକାଳର ଆଦର୍ଶ କଥା ସବୁର ସଂଗ୍ରହ ଯେଉଁ ଗ୍ରନ୍ଥରେ କରାଯାଇଛି ତାହା ପୁରାଣ। ଭାଷାକୋଷର ବର୍ଣ୍ଣନା ଅନୁସାରେ ଅତି ପ୍ରାଚୀନ କାଳର ଦେବତା ଓ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ କ୍ରିୟାକଳାପ ସମ୍ବନ୍ଧୀୟ ଆଖ୍ୟାୟିକାକୁ ପୁରାଣ କୁହାଯାଏ। ପୁରାତନ, ଅନାଦି ଓ ବ୍ରହ୍ମବାଚକ ଅର୍ଥରେ ପୁରାଣ ଶବ୍ଦ ବ୍ୟବହୃତ ହୋଇଛି। ଗୀତାରେ ଭଗବାନଙ୍କୁ 'ପୁରୁଷ ପୁରାଣ' ବୋଲି କୁହାଯାଏ।

ଭାରତୀୟ ସଂସ୍କୃତିରେ ପୁରାଣମାନଙ୍କର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏହା ସର୍ବଦା ସମାଜର ଏକ ବୃହତ୍ତର ଶ୍ରେଣୀକୁ ପ୍ରତିନିଧିତ୍ୱ କରୁଥିବାରୁ ସାମାଜିକ ମଣିଷମାନଙ୍କର ଯାବତୀୟ କର୍ମ, ଆଚାରବିଚାର, ପାପପୁଣ୍ୟର ଧାରଣା ଧର୍ମ, ଅଧର୍ମ ଆଦିକୁ ପୁରାଣରେ ବିସ୍ତୃତ ରୂପେ ବର୍ଣ୍ଣନା କରାଯାଇଛି। ବୈଦିକ ସାହିତ୍ୟ ଶାସ୍ତ୍ର ଶୂଦ୍ରମାନେ ପାଠ କରିବାର ସୁଯୋଗ ନଥିଲା। ପୁଣି ଏହା ଥିଲା ଏକାନ୍ତ ଜଟିଳ। ଅନୁଭବଗମ୍ୟ ତଥା ଦାର୍ଶନିକତତ୍ତ୍ୱମଣ୍ଡିତ। କିନ୍ତୁ ବେଦ ଉପନିଷଦର ଏହି ତତ୍ତ୍ୱକୁ ପୁରାଣରେ ଅତି ସହଜ ସରଳ ଭାବରେ, ମନୋରଞ୍ଜକ ଶୈଳୀରେ ବର୍ଣ୍ଣନା କରାଯାଇଥିଲା। ତେଣୁ ପୁରାଣ ସମାଜରେ ଲୋକପ୍ରିୟ ହୋଇପାରିଥିଲା। ଭାରତୀୟ ପ୍ରାଣର ଆଧ୍ୟାତ୍ମିକ ପିପାସା ଯେମିତି ସେଇ ପୁରାଣମାନଙ୍କ ଦ୍ୱାରା ପରିତୃପ୍ତ ହେଉଥିଲା। ପାଠକ ସେଥିରୁ ହିଁ ପାଉଥିଲା ଜୀବନର ଶାନ୍ତି ପାଇଁ ପରାମର୍ଶ ତଥା ଉପକଥା ମାଧ୍ୟମରେ ସେ ମଧ୍ୟ ଆପଣାର ଜୀବନକୁ ନିୟନ୍ତ୍ରଣ କରୁଥିଲା। ସାଧାରଣ ଜନତା ସେଇ ପୁରାଣକୁ ଦେଖି ଭଲମନ୍ଦ, କର୍ତ୍ତବ୍ୟ/ ଅକର୍ତ୍ତବ୍ୟର ବିଚାର କରୁଥିଲେ। କଳି, ଝଗଡା, ଗଣ୍ଡଗୋଳ କେବଳ ଦୁଃଖ ଅପନୋଦନ ପାଇଁ ତଥା ପାପପୁଣ୍ୟର ବିଚାର ନିମିତ୍ତ ଲୋକେ ପୁରାଣର ଆଶ୍ରୟ ନେଉଥିଲେ। ତେଣୁ ମୋଟ ଉପରେ କହିଲେ ପୁରାଣ ହିଁ ଲୋକ ଜୀବନର ନିୟନ୍ତ୍ରଣ ପାଇଁ ଏକାନ୍ତ ନିୟାମକ ହୋଇଥିଲା।

ଭାରତୀୟ ସଂସ୍କୃତିରେ ବହୁ ପୁରାଣ ରଚିତ ହୋଇଥିଲା। କିନ୍ତୁ ସେଥିମଧ୍ୟରୁ ଅଷ୍ଟାଦଶ ପୁରାଣ ସାଧାରଣତଃ ମୁଖ୍ୟ ସ୍ଥାନ ଅଧିକାର କରିଥିଲା। ଏହି ଅଷ୍ଟାଦଶ ପୁରାଣଗୁଡ଼ିକର ସ୍ୱରୂପ ଏଠାରେ ବର୍ଣ୍ଣନା କରାଯାଇଛି।

**୧. ବ୍ରହ୍ମପୁରାଣ :** ଏହି ପୁରାଣ ୨୪୫ ଅଧ୍ୟାୟ ବିଶିଷ୍ଟ ୧୦,୦୦୦ ଶ୍ଳୋକ ସଂଖ୍ୟା ସମନ୍ୱିତ। ଏହି ପୁରାଣକୁ ଅଷ୍ଟାଦଶ ପୁରାଣମାନଙ୍କ ମଧ୍ୟରେ ପ୍ରଥମ ପୁରାଣ ଭାବରେ ସମ୍ମାନିତ କରାଯାଏ। ପୂର୍ବ ଓ ଉତ୍ତର ଭେଦରେ ଏହା ଦ୍ୱିଧା ବିଭକ୍ତ। ସୃଷ୍ଟି କଥନଠାରୁ ଆରମ୍ଭ ହୋଇ ସୂର୍ଯ୍ୟ ଓ ଚନ୍ଦ୍ର ବଂଶ ବିତରଣ ପାର୍ବତୀ ଆଖ୍ୟାନ, ମାର୍କେଣ୍ଡେୟ ଆଖ୍ୟାନ, ବିବିଧ ତୀର୍ଥର ବର୍ଣ୍ଣନା, ବିଶେଷ କରି କୋଣାର୍କ କ୍ଷେତ୍ର ଓ ସୂର୍ଯ୍ୟପୂଜାର ବର୍ଣ୍ଣନା ଏବଂ କୃଷ୍ଣ ଚରିତ୍ରର ବର୍ଣ୍ଣନା, ବ୍ରହ୍ମପୁରାଣର ମୁଖ୍ୟ ପ୍ରତିପାଦ୍ୟ ବିଷୟ। ଏଥିରେ ଧର୍ମକୁ ଜୀବନର ଚରମ ପୁରୁଷାର୍ଥ ଭାବରେ ବର୍ଣ୍ଣନା କରାଯାଇଛି। ଏହା ରାଜସିକସ୍ତରର ପୁରାଣ। ଆମ ଓଡ଼ିଆରେ ବ୍ରହ୍ମ ପୁରାଣ ଅନୁଦିତ ହୋଇ ପ୍ରକାଶିତ ହୋଇଛି।

**୨. ପଦ୍ମପୁରାଣ :** ପଦ୍ମପୁରାଣ ପ୍ରାୟ ଅଷ୍ଟାଦଶ ପୁରାଣ ମଧ୍ୟରେ ସବୁଠାରୁ ବିଶାଳକାୟ, ଏହାର ଶ୍ଳୋକ ସଂଖ୍ୟା ପଞ୍ଚାବନ ହଜାର। କେତେକ ସଂସ୍କରଣରେ ଏହା ଚାରିଭାଗରେ ଓ କେତେକ ସଂସ୍କରଣରେ ଛଅ ଭାଗରେ ବିଭକ୍ତ ହୋଇଛି। ତେବେ ସୃଷ୍ଟିଖଣ୍ଡ, ସ୍ୱର୍ଗଖଣ୍ଡ, ପାତାଳଖଣ୍ଡ ଓ ଉତ୍ତରଖଣ୍ଡ ମୁଖ୍ୟ ଭାଗରେ ବିଭକ୍ତ। ପଦ୍ମପୁରାଣ ଭାରତୀୟ କାବ୍ୟ ସାହିତ୍ୟର ଏକ ଆଦର୍ଶ ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ବର୍ଣ୍ଣିତ ଶକୁନ୍ତଳା ଉପାଖ୍ୟାନ, ରାମଚରିତ ଆଦି ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ ଅଭିଜ୍ଞାନଶାକୁନ୍ତଳମ୍, ରଘୁବଂଶମ୍ ଓ ଉତ୍ତର ରାମଚରିତମ୍ ଆଦି ନାଟକ ଓ କାବ୍ୟ ରଚନା ପାଇଁ ପ୍ରେରଣା ଯୋଗାଇଛି। ପଦ୍ମ ପୁରାଣରେ ହରିନାମର ମହାତ୍ମ୍ୟ ବର୍ଣ୍ଣିତ ହୋଇଛି। ଏହା ବୈଷ୍ଣବମାନଙ୍କର ଏକ ଆଦର୍ଶ ପୁରାଣ।

**୩. ବିଷ୍ଣୁପୁରାଣ :** ଅଷ୍ଟାଦଶ ପୁରାଣ ମଧ୍ୟରେ ବିଷ୍ଣୁପୁରାଣ ଏକ ମର୍ଯ୍ୟାଦାବନ୍ତ ସ୍ଥାନର ଅଧିକାରୀ ହୋଇଥାଏ। ଏଥିରେ ଭଗବାନ ବିଷ୍ଣୁଙ୍କର ମହାତ୍ମ୍ୟ ବର୍ଣ୍ଣିତ ହୋଇଛି। କେତେକ ଗବେଷକଙ୍କ ମତରେ ବିଷ୍ଣୁପୁରାଣ ହେଉଛି ବୈଷ୍ଣବ ଧର୍ମର ଆଦିଗ୍ରନ୍ଥ। ଆନୁମାନିକ ୨୭ ହଜାର ଶ୍ଳୋକ ସଂପନ୍ନ ପୁରାଣ ଏକ ସାତ୍ତ୍ୱିକ ପୁରାଣ ଅଟେ। ଏଥିରେ ଧ୍ରୁବ, ପ୍ରହ୍ଲାଦ ଚରିତ୍ର, ସୂର୍ଯ୍ୟବଂଶ ଓ ସୋମବଂଶର କଥା, ତ୍ରବ୍ୟସୁ, ହ୍ରହ୍ୟୁ ଅନୁ ଓ ପୁରୁ ଆଦି କ୍ଷତ୍ରିୟ ବଂଶଙ୍କର ବର୍ଣ୍ଣନା ରହିଛି। ସର୍ବୋପରି କୃଷ୍ଣ ଓ ମହାଦେବଙ୍କର ଅଭେଦତ୍ୱ ପ୍ରକାଶ କରି ଶୈବ-ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ପାଇଁ ଏହା ଉଦ୍ୟମ ଆରମ୍ଭ କରିଥିଲା।

**୪. ଶିବପୁରାଣ/ବାୟୁ ପୁରାଣ :** ବାୟୁ ପୁରାଣର ଅନ୍ୟତମ ନାମ ଶିବ ପୁରାଣ। ଏଥିରେ ପ୍ରାୟ ୧୧,୦୦୦ ଶ୍ଳୋକ ରହିଛି। ବାଣଭଟ୍ଟଙ୍କ କାଦମ୍ବରୀରେ ଏହାର ନାମୋଲ୍ଲେଖ ଥିବାରୁ ଏହାକୁ ଏକ ପ୍ରାଚୀନ ପୁରାଣ କୁହାଯାଏ। ଏହାର ବିଭିନ୍ନ ଭାଗକୁ ପଦ କୁହାଯାଏ। ବାୟୁ ପୁରାଣ ମୁଖ୍ୟତଃ ଚାରିଭାଗରେ ବିଭକ୍ତ। ସେଗୁଡିକ ହେଲା ପ୍ରକ୍ରିୟାପାଦ, ଅନୁଷଙ୍ଗ ପାଦ,



ସବୁଠାରୁ ବଡ଼ ଅଜ୍ଞାତ ହେଲା, ଗୋଟିଏ ବିଷୟରେ ଖୁବ୍ ଜାଣିଛ ବୋଲି ଗର୍ବ କରିବା।

ଉପୋଦ୍‌ଘାତପାଦ ଓ ଉପସଂହାର ପାଦ। ସୃଷ୍ଟିତତ୍ତ୍ୱ, ଚତୁରାଶ୍ରମ, ବିବିଧ ତୀର୍ଥସ୍ଥାନ, ଯଜ୍ଞ ଆଦି ସଂପର୍କରେ ଏଥିରେ ବର୍ଣ୍ଣନା କରାଯାଇଛି। ଶିବ ଓ ଶୈବ ଉପାସନାର ବ୍ୟାପକ ପରିଚୟ ଏଇ ଗ୍ରନ୍ଥରୁ ମିଳେ। ଶିବ ପୁରାଣ ଏକ ତାମସ ପୁରାଣ। ଏହା ମଧ୍ୟ ଓଡ଼ିଶାରେ ଅନୂଦିତ ହୋଇ ପ୍ରଚାରିତ ହୋଇଛି।

**୫. ଭାଗବତ ପୁରାଣ :** ଅଷ୍ଟାଦଶ ପୁରାଣ ମଧ୍ୟରେ ଭାଗବତ ପୁରାଣର ସ୍ଥାନ ଅନନ୍ୟ। ବୈଷ୍ଣବ ଓ ଭକ୍ତି ଧର୍ମର ଏହା ଏକ ପ୍ରମୁଖ ଗ୍ରନ୍ଥ। ବାରଗୋଟି ସ୍କନ୍ଧରେ ଏଥିରେ ମୋଟ ୧୮୦୦୦ ଶ୍ଳୋକ ରହିଛି। ଭାଗବତର ଅଧ୍ୟାୟ ସଂଖ୍ୟା ୩୬୫। କୁହାଯାଏ, ୩୬୫ ଦିନର ପାଠ୍ୟ ପାଇଁ ଏହା ଏହିପରି କୁହାଯାଇଛି। ଆପଣାର ଆଧ୍ୟାତ୍ମିକ ଅନ୍ୱେଷଣକୁ ଚରିତାର୍ଥ କରିବାକୁ ଯାଇ ମହର୍ଷି କୃଷ୍ଣ-ଦ୍ୱୈପାୟନ ବ୍ୟାସ ଶ୍ରୀମଦ୍ ଭାଗବତ ପରି ଗ୍ରନ୍ଥ ରଚନାରେ ହାତ ଦେଇଥିଲେ ବୋଲି ସ୍ୱୀକାର କରିଛନ୍ତି। ସତ ଯୌବନ ସମ୍ବାଦ ମଧ୍ୟରେ ଶୁକ ପରୀକ୍ଷିତଙ୍କର ଅବତାରଣା କରି କବି ଅତି ସୁନ୍ଦର ନାଟକୀୟ ଭାବରେ ସମୁଦାୟ ଗ୍ରନ୍ଥଟିକୁ ଉପସ୍ଥାପନ କରିଛନ୍ତି। କୃଷ୍ଣଜନ୍ମ, କଂସବଧ, ଗୋପଲୀଳା, ଦ୍ୱାରିକା ଲୀଳା ଓ ଯଦୁବଂଶ ଧ୍ୱଂସ ଶ୍ରୀମଦ୍ ଭାଗବତ ଗୀତାର ମୁଖ୍ୟ କାହାଣୀ ହୋଇଥିଲେ ହେଁ,ଏଥିରେ ଭଗବାନଙ୍କର ଚବିଶ ଅବତାରର ବିବିଧ ବୃତ୍ତାନ୍ତ ବର୍ଣ୍ଣିତ। ଭାଗବତ ଧର୍ମର ତତ୍ତ୍ୱରାଜିକୁ ସରଳ ଦୃଷ୍ଟାନ୍ତମାନଙ୍କଦ୍ୱାରା ଏଥିରେ ବର୍ଣ୍ଣନା କରାଯାଇଛି। ଭାଗବତ ହିନ୍ଦୁଧର୍ମ ଏକ ମହାନ୍ ଗ୍ରନ୍ଥ। ଜଗନ୍ନାଥ ଏହାକୁ ଓଡ଼ିଆରେ ଅନୁବାଦ କରିଛନ୍ତି। ଜଗନ୍ନାଥ ଦାସଙ୍କର ଓଡ଼ିଆ ଭଗବତ ଓଡ଼ିଶା ଦେଶବାସୀଙ୍କର ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର। ତେଣୁ ଜଗନ୍ନାଥ ଦାସ ପୁରପଲ୍ଲୀରେ ଅତି ନିବିଡ଼ ଭାବେ ପରିଚିତ।

***୬. ନାରଦ ପୁରାଣ :*** ନାରଦ ପୁରାଣ ଅନ୍ୟ ଏକ ବୈଷ୍ଣବ ପୁରାଣ। ୨୦୭ଟି ଅଧ୍ୟାୟରେ ଏହାର ମୋଟ ୨୫,୦୦୦ ଶ୍ଳୋକ ବର୍ଣ୍ଣିତ ହୋଇଛି। ବିଭିନ୍ନ ବୈଷ୍ଣବ ବ୍ରତ, ଉପବାସ, ତୀର୍ଥ ଦର୍ଶନର ଫଳ, ଦେବାଦେବୀଙ୍କ ମନ୍ତ୍ର, ସ୍ତୋତ୍ର, ସହସ୍ରନାମ ଆଦି ଏଥିରେ ବର୍ଣ୍ଣିତ ହୋଇଛି। ଜଣେ ଆଦର୍ଶ ବୈଷ୍ଣବର ଜୀବନଚର୍ଯ୍ୟାର ବିସ୍ତୃତ ରୂପ ଏଥିରେ ବର୍ଣ୍ଣନା କରାଯାଇଛି। ବିଶେଷକରି କଳିଯୁଗର ପାପ ତାପଗ୍ରସ୍ତ ମଣିଷ ଦୁଃଖ ସାଗରରୁ ମୁକ୍ତି ଲାଭ କରିବା ନିମନ୍ତେ ହରି ନାମର ଆଶ୍ରୟ ଗ୍ରହଣ କରିପାରିବେ ବୋଲି ପରାମର୍ଶ ଦିଆଯାଇଛି।

**୭. ଅଗ୍ନିପୁରାଣ :** ଅଗ୍ନିପୁରାଣ ଭାରତୀୟ ପରଂପରାରେ ଏକ ସ୍ୱତନ୍ତ୍ର ଗ୍ରନ୍ଥ। ପୁରାଣର ପଂଚ ଲକ୍ଷଣ ସହିତ ଏଥିରେ ରହିଛି ସମକାଳୀନ ଭାରତର ସଂସ୍କୃତି, ସମାଜ ସାହିତ୍ୟ, ଦର୍ଶନ ଓ ନାନା ବିଦ୍ୟାର ବର୍ଣ୍ଣନା। ଏଥିପାଇଁ କେତେକ ଆଲୋଚକ ଅଗ୍ନିପୁରାଣକୁ ପ୍ରାଚୀନ ଭାରତୀୟ ସାହିତ୍ୟର ଏକ ଜ୍ଞାନକୋଷ ଆଖ୍ୟା ପ୍ରଦାନ କରିଥାନ୍ତି। ୧୫୪୦୦ ଶ୍ଳୋକରେ ରଚିତ ଏହି ପୁରାଣଟିରେ ଅଗ୍ନିର ମହିମା ବର୍ଣ୍ଣନା କରାଯାଇଛି। ମହର୍ଷି ସୁତ ଏହି ପୁରାଣର ବକ୍ତା। ଏଥିରେ ବର୍ଣ୍ଣିତ ତତ୍କାଳୀନ ସାହିତ୍ୟାଳଙ୍କାରର ଆଲୋଚନା ଲାଗି ଏହା ପରବର୍ତ୍ତୀ କାଳରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲା।

ମାର୍କେଣ୍ଡେୟ ପୁରାଣ : ଅଷ୍ଟାଦଶ ପୁରାଣ ମଧ୍ୟରେ ମାର୍କେଣ୍ଡେୟ ପୁରାଣର କଳେବର ସବୁଠାରୁ କ୍ଷୁଦ୍ର। ଏଥିରେ ପ୍ରାୟ ୯୦୦ ଶ୍ଳୋକ ରହିଛି। ବ୍ରହ୍ମର୍ଷି ମାର୍କଣ୍ଡେୟ ଏହି ପୁରଣର ପ୍ରବକ୍ତା। ଏହି ପୁରାଣର ଏକ ମୁଖ୍ୟ ଅଂଶ 'ସପ୍ତସତୀ ଚଣ୍ଡୀ' ଦେବୀ ଦୁର୍ଗାଙ୍କର ମହିମା ଏଥିରେ ବର୍ଣ୍ଣିତ ହୋଇଛି। ହରିଶ୍ଚନ୍ଦ୍ର, ପୁରରବା, ନହୁଷ, କୃଷ୍ଣ, ଯଦୁବଂଶ ଓ ସୋମନାଥ ଆଦି ଚରିତ୍ର ଏବଂ ଘଟଣାର ବର୍ଣ୍ଣନା ଏହି ପୁରାଣରେ କରାଯାଇଛି।

**୮. ଭବିଷ୍ୟ ପୁରାଣ :** ଭବିଷ୍ୟ ଘଟଣାବଳୀର ବର୍ଣ୍ଣନା ଭବିଷ୍ୟ ପୁରାଣର ଲକ୍ଷ୍ୟ। ଭବିଷ୍ୟତରେ କ'ଣ ଘଟିବ ଏସବୁଥିରେ ଲିପିବଦ୍ଧ ହୋଇଛି। ଏହାକୁ ଏକ ନିଚ୍ଛକ ଇତିହାସ ଗ୍ରନ୍ଥ କରାଯାଇ ପାରିବ ନାହିଁ। ପୌରାଣିକ ଘଟଣାବଳୀର ସବୁ ଇତିହାସ ଢାଞ୍ଚାରେ ବର୍ଣ୍ଣିତ ହୋଇଛି। ଭବିଷ୍ୟତ ପୁରାଣର ଶ୍ଳୋକ ସଂଖ୍ୟା ପ୍ରାୟ ୧୫,୫୦୦। ଏହା ସୃଷ୍ଟି, ସଂସ୍କାର, କଳ୍ପ, ଶୈବ ଓ ସୌର ଓ ଭେଦରେ ପାଞ୍ଚ ପର୍ବରେ ବିଭକ୍ତ। ଅନ୍ୟାନ୍ୟ ବର୍ଣ୍ଣନା ମଧ୍ୟରୁ ଏଥିରେ ଶାୟର ସୂର୍ଯ୍ୟପୂଜା ଓ କୃଷ୍ଣରୋଗରୁ ମୁକ୍ତିଲାଭର ଘଟଣା ବିଶେଷ ଲୋକପ୍ରିୟ।

**୯. ବ୍ରହ୍ମବୈବର୍ତ୍ତ ପୁରାଣ :** ପୁରାଣମାନଙ୍କ ମଧ୍ୟରେ ବ୍ରହ୍ମବୈବର୍ତ୍ତ ପୁରାଣଙ୍କୁ ଏକ ପରବର୍ତ୍ତୀକାଳୀନ ରଚନା ବୋଲି କେତେକ କହିଥାନ୍ତି। କାରଣ ଏହାର ଶ୍ଳୋକଗୁଡ଼ିକ ଦ୍ୱାଦଶ ତ୍ରୟୋଦଶ ଶତାବ୍ଦୀରେ ରଚିତ କାବ୍ୟ ନାଟକମାନଙ୍କ ଶ୍ଳୋକ ସହ ସମାନ। ପୁଣି ଏଥିରେ କୃଷ୍ଣ ଜନ୍ମ ଓ କୃଷ୍ଣ ଚରିତ୍ର ସଂପର୍କରେ ବ୍ୟାପକ ବର୍ଣ୍ଣନା ରହିଥିବାରୁ ଏହାର ପରବର୍ତ୍ତୀ କାଳର ବୋଲି କୁହାଯାଏ। ବ୍ରହ୍ମବୈବର୍ତ୍ତ ଏକ ରାଜସିକ ପୁରାଣ। ଏହାର ଶ୍ଳୋକ ସଂଖ୍ୟା ୧୮୦୦୦। ବ୍ରହ୍ମଖଣ୍ଡ, ପ୍ରକୃତିଖଣ୍ଡ, ଗଣେଶଖଣ୍ଡ ଓ କୃଷ୍ଣ ଜନ୍ମଖଣ୍ଡ ଭେଦରେ ଏହା ଚାରିଭାଗରେ ବିଭକ୍ତ। ଏହାର କୃଷ୍ଣ ଜନ୍ମଖଣ୍ଡଟି ପାଠକମାନଙ୍କ ନିକଟରେ ବେଶ୍ ଲୋକପ୍ରିୟ। ରାଧାକୃଷ୍ଣଙ୍କର ପ୍ରେମ, ମିଳନ ଓ ବିବାହର ସୁନ୍ଦର ବର୍ଣ୍ଣନା ଏଥିରେ ରହିଛି।

**୧୦. ବିବାହ ପୁରାଣ :** ଦଶାବତାର କ୍ରମରେ ତୃତୀୟ ଅବତାର 'ବରାହ'ଙ୍କୁ ନେଇ ଏହି ପୁରାଣ ରଚିତ। ବିଷ୍ଣୁ ବରାହ ରୂପଧାରଣ କରି ଧରଣୀକୁ ପାତାଳଗାମୀ ହେବାର ରକ୍ଷା କରିଥିଲା। ଆପଣାର ତୀକ୍ଷ୍ଣ ଦନ୍ତରେ ସେ ପୃଥିବୀକୁ ଧରି ରଖିଥିଲେ। ହିରଣାକ୍ଷ ନାମକ ରାକ୍ଷାସକୁ ବଧ କରି ମହାଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ପ୍ରାୟ ୨୮,୦୦୦ ଶ୍ଳୋକ ବର୍ଣ୍ଣିତ ଏହି ଗ୍ରନ୍ଥରୁ ମଥୁରା ନଗୀରର ଭୌଗୋଳିକ ବର୍ଣ୍ଣନା ମିଳିଥାଏ। ଯମ ଓ ନଚିକେତା ସମ୍ବାଦଟି ଏଥିରେ ଏକାନ୍ତ ମନୋଜ୍ଞ ଭାବେ ବର୍ଣ୍ଣିତ ହୋଇଛି।

**୧୧. ଲିଙ୍ଗ ପୁରାଣ :** ଭାରତୀୟ ସଂସ୍କୃତିରେ ଅନନ୍ୟ ଦେବତା ଶିବଙ୍କର ମହିମା ପ୍ରଖ୍ୟାପନ ଗ୍ରନ୍ଥ ଲିଙ୍ଗ ପୁରାଣ। ଭଗବାନ ଶିବ ଲିଙ୍ଗରେ ପରିଣତ ହେବା ପରେ ତାଙ୍କର ପୂଜା କିପରି ବିଶେଷ ପରିଚିତ ହୋଇଥିଲା ତାହାର ସୂଚନା ଏଥିରୁ ମିଳେ। ଯୋଗକଳ୍ପ, ଲିଙ୍ଗୋଭବ, ପ୍ରତିଷ୍ଠା ପୂଜା ଆଦି ସଂପର୍କରେ ଲିଙ୍ଗ ପୁରାଣରେ ବର୍ଣ୍ଣନା କରାଯାଇଛି। ଏଥିରେ ବିଷ୍ଣୁ, ଶିବ, ବିନାୟକ ଓ ରାଜା ଅମ୍ବରୀଷଙ୍କ ଘଟଣାର ବର୍ଣ୍ଣନା ମଧ୍ୟ ଅଛି। ଏହି ପୁରାଣର ଶ୍ଳୋକ ସଂଖ୍ୟା ୧୧,୦୦୦।



କୌଣସି କାମରେ ବିଫଳ ହୋଇ ଯେ ଆତ୍ମହତ୍ୟା କରେ ସେ ଜ୍ଞାନହୀନ ଅର୍ଥାତ୍ ପଶୁ।

**୧୨. ବାମନ ପୁରାଣ :** ବିଷ୍ଣୁଙ୍କ ବାମନ ଅବତାର ସଂପର୍କୀତ ପୁରାଣ। ବାମନ ଜନ୍ମଠାରୁ ଆରମ୍ଭ କରି ବଳି ଚରିତ, ଦକ୍ଷଯଜ୍ଞ ଓ ସତୀଙ୍କ ବର୍ଣ୍ଣନା, ମହିଷାସୁର ଯୁଦ୍ଧ ପୃଥୁ ବେନୁ ଚରିତ, କୁମାର ସମ୍ଭବ ଓ ଚିତ୍ରାଙ୍ଗଦା ଆଖ୍ୟାନ ଆଦି ବର୍ଣ୍ଣିତ ହୋଇଛି। ୯୫ ଅଧ୍ୟାୟ ବିଶିଷ୍ଟ ଏହି ପୁରାଣ ମହର୍ଷି ଲୋହଷଣଙ୍କ ମୁଖରେ ବର୍ଣ୍ଣିତ। ଏହା ଏକ ପ୍ରାଚୀନ ବୈଷ୍ଣବ ପୁରାଣ ଭାବେ ସମ୍ମାନିତ।

**୧୩. କୂର୍ମ ପୁରାଣ :** କୂର୍ମବତାର ସଂପର୍କରେ ବର୍ଣ୍ଣିତ କୂର୍ମ ପୁରାଣ ଏକ ତାମସ ପୁରାଣ। ୯୬ ଅଧ୍ୟାୟରେ ଏଥିରେ ପ୍ରାୟ ୧୭,୦୦୦ ଶ୍ଳୋକ ବର୍ଣ୍ଣିତ। ବ୍ରାହ୍ମୀ, ଭଗବତୀ, ସୌରୀ ଓ ବୈଷ୍ଣବୀ ନାମକ ଚାରିଗୋଟି ସଂହିତା ଏଥିରେ ରହିଛି। ବ୍ରହ୍ମଙ୍କର ତିନିରୂପ ଭାବରେ ଏଥିରେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ କଳ୍ପନା କରାଯାଇଛି। ବିଶେଷକରି ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟରେ ଥିବା କଳହର ପରିସମାପ୍ତି ପାଇଁ ଶିବ ଓ ବିଷ୍ଣୁଙ୍କ ମଧ୍ୟରେ ଐକ୍ୟର ବର୍ଣ୍ଣନା କରାଯାଇ ଏକ ସମାଧାନ ସୂତ୍ର ଆବିଷ୍କାର କରାଯାଇଛି। ଅଧିକନ୍ତୁ ଶିବଙ୍କ ମହିମା ପ୍ରଖ୍ୟାପକ ଏକ ଗ୍ରନ୍ଥ ଭାବେ ଏହା ପ୍ରସିଦ୍ଧ ଅର୍ଜନ କରିଛି।

**୧୪. ମତ୍ସ୍ୟ ପୁରାଣ :** ମତ୍ସ୍ୟବତାର ସଂପର୍କରେ ରଚିତ ପୁରାଣ 'ମତ୍ସ୍ୟ ପୁରାଣ' ଭାବରେ ପରିଚିତ ହେଲେ ହେଁ ଏଥିରେ ବିଭିନ୍ନ ଅବତାର, ତୀର୍ଥବ୍ରତର ମାହାତ୍ମ୍ୟ, ଧର୍ମଶାସ୍ତ୍ର ଓ କର୍ମକାଣ୍ଡ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ୧୪,୦୦୦ ଶ୍ଳୋକ ସଂଖ୍ୟକ ଏହି ପୁରାଣ ଏକ ତାସମିକ ପୁରାଣ ଭାବରେ ଗୃହୀତ। କାଳିଦାସଙ୍କ ବିଶିଷ୍ଟ ନାଟକ 'ବିକ୍ରମ ବଂଶୀୟ' କଥାବସ୍ତୁ ଏହି ପୁରାଣରୁ ଗ୍ରହଣ କରାଯାଇଛି ବୋଲି ସମଲୋଚକମାନେ ମତବ୍ୟକ୍ତ କରିଥାନ୍ତି।

**୧୫. ଗରୁଡ଼ ପୁରାଣ :** ବିଷ୍ଣୁଙ୍କ ଅବତାରକୁ ନେଇ ପୁରାଣ ରଚିତ ହେବା ପରି ବିଷ୍ଣୁଙ୍କ ବାହନ ଗରୁଡ଼କୁ ନେଇ ମଧ୍ୟ ପୁରାଣ ରଚନା କରାଯାଇଛି। ଗରୁଡ଼ ପୁରାଣରେ ଗରୁଡ଼ଙ୍କର ପ୍ରାଧାନ୍ୟ ସ୍ୱୀକୃତ। ଗରୁଡ଼ଙ୍କ ଜନ୍ମ ଓ କର୍ମର ବିବରଣୀ ସହିତ ଏଥିରେ ବିଭିନ୍ନ ମନ୍ତ୍ର, ଯନ୍ତ୍ର, ଔଷଧ ଓ ରତ୍ନ ପରୀକ୍ଷାର ବିବିଧ ବୃତ୍ତାନ୍ତ ପ୍ରଦାନ କରାଯାଇଛି। ବିଭିନ୍ନ ନରକ ଓ ପ୍ରେତମାନଙ୍କର ବିଭିନ୍ନ ରୂପ ସଂପର୍କରେ ଏଥିରେ ଆଲୋଚନା କରାଯାଇଛି।

**୧୬. ବ୍ରହ୍ମାଣ୍ଡ ପୁରାଣ :** ବ୍ରହ୍ମାଣ୍ଡ ସଂପର୍କରେ ବ୍ୟାପକ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରଳୟ ପର୍ଯ୍ୟନ୍ତ ଯାବତୀୟ ଘଟଣାକୁ ଏଥିରେ ରୂପାୟିତ କରାଯାଇଛି। ପୁରାଣଟି ମୋଟ ତିନି ଭାଗରେ ବିଭକ୍ତ। ଏହି ପୁରାଣରେ ନୈମିଷାରଣ୍ୟ ଆଖ୍ୟାନ, ହରିଣ୍ୟ ଗର୍ବୋତ୍ପତ୍ତି, ମନ୍ୱନ୍ତର, ଦୀପ, ଯଜ୍ଞ, କାଳ, ଯୁଗ, ବେଳ ଓ ଋଷିଙ୍କ କଥା ବର୍ଣ୍ଣିତ। ପୁଣି ସପ୍ତର୍ଷି, ପ୍ରଜାପତି, ଋଷିବଂଶ ଚତୁର୍ଦ୍ଦଶ ଲୋକ, ଦେବାସୁର ଯୁଦ୍ଧ ବ୍ରହ୍ମା ବିଷ୍ଣୁ ଓ ଶିବଙ୍କ ମହିମା ବର୍ଣ୍ଣନା କରାଯାଇଛି। ପର୍ଶୁରାମ ଉପାଖ୍ୟାନ ଏବଂ ସଗର ରାଜାଙ୍କ ଷାଠିଏ ସହସ୍ର ପୁତ୍ରକୁ ଭଗୀରଥଙ୍କ ଉଦ୍ଧାରର ସୁନ୍ଦର କାହାଣୀ ବ୍ରହ୍ମାଣ୍ଡ ପୁରାଣରୁ ମିଳେ।

**୧୭. ସ୍କନ୍ଦ ପୁରାଣ :** ଅଷ୍ଟାଦଶ ପୁରାଣ ମଧ୍ୟରୁ ସ୍କନ୍ଦ ପୁରାଣ ପ୍ରାୟ ବୃହତ୍ତର। ଏଥିରେ ମୋଟ ୮୧,୦୦୦ ଶ୍ଳୋକ ରହିଛି। ଏହି ପୁରାଣ ମୋଟ ଆଠଖଣ୍ଡରେ ବିଭକ୍ତ। ଯଥା - ମାହେଶ୍ୱର ଖଣ୍ଡ, ବୈଷ୍ଣବ ଖଣ୍ଡ, ବ୍ରହ୍ମ ଖଣ୍ଡ, କାଶୀ ଖଣ୍ଡ, ରେବା ଖଣ୍ଡ, ତାପୀ ଖଣ୍ଡ ଓ ପ୍ରଭାସ ଖଣ୍ଡ। ପୁଣି ଏଥିରେ ରହିଛି ସନତ୍ କୁମାର, ସୂତ୍ର, ଶଙ୍କର, ବୈଷ୍ଣ, ବ୍ରାହ୍ମ ଓ ସୌର ଆଦି ଛଅ ଗୋଟି ସଂହିତା। ସ୍କନ୍ଦ ପୁରାଣ କାର୍ତ୍ତିକେୟଙ୍କ ବିଷୟରେ ରଚିତ ହୋଇଥିଲେ ହେଁ, ଏଥିରେ ନୀଳାଚଳ କ୍ଷେତ୍ର ଓ ଭଗବାନ ଜଗନ୍ନାଥଙ୍କର ମହିମା ସୂଚୀତ ନୀଳାଚଳ ଧାମର ସୃଷ୍ଟି ଓ ପୁରୁଷୋତ୍ତମ ଜଗନ୍ନାଥଙ୍କ ପୂଜା ଉପାସନା ତଥା ମନ୍ଦିର ନିର୍ମାଣ ତଥା ଯାତ୍ରା ବିଧାନ ସଂପର୍କରେ ବ୍ୟାପକ ବର୍ଣ୍ଣନା ଏଥିରୁ ମିଳେ।

ଏହିପରି ଭାବରେ ଅଷ୍ଟାଦଶ ପୁରାଣ ପରେ ବହୁ ପୁରାଣ ସୃଷ୍ଟି ହୋଇଥିଲା। ଅଷ୍ଟାଦଶ ଉପପୁରାଣ ବାହାରେ ମଧ୍ୟ ଆଉ କେତେକ ପୁରାଣର ନାମ ଶୁଣାଯାଏ। ବାୟୁ ବ୍ରହ୍ମାଣ୍ଡ ପ୍ରଭୃତି ପୁରାଣ - ଉପପୁରାଣ ଭାବରେ କଥିତ ହେଉଥିଲା। ଏହା ବ୍ୟତୀତ ଯେଉଁ ପୁରାଣଗୁଡ଼ିକ ଉପପୁରାଣ ଭାବେ କଥିତ ହେଉଥିଲା, ସେଗୁଡିକ ହେଲା ଦେବୀ ଭାଗବତ, ସନତ କୁମାର, ନରସିଂହ ପୁରାଣ, ଶିବ ପୁରାଣ, ବୃହନ୍ନାରଦୀୟ ପୁରାଣ, ଦୁର୍ବାସା ପୁରାଣ, କପିଳ ପୁରାଣ, ମାନବ ପୁରାଣ, ଊଂଷବେଶ ପୁରାଣ, ବରୁଣ ପୁରାଣ, କାଳିକା ପୁରାଣ, ଶାମ୍ବ ପୁରାଣ, ନନ୍ଦିକେଶରୀ ପୁରାଣ, ସୌର ପୁରାଣ, ପରାଶର ପୁରାଣ ଓ ଆଦିତ୍ୟ ପୁରାଣ।

ଭାରତୀୟ ସଂସ୍କୃତିରେ ଏହି ପୁରାଣ ସାହିତ୍ୟର ଅସପତ୍ନ ପ୍ରାଧାନ୍ୟ ରହିଥିଲା। ପୁରାଣକାରମାନେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଥିଲେ ହେଁ ସେମାନେ ସାମାଜିକ ଚଳଣି ଓ ସମକାଳୀନ ପରିବେଶକୁ ଆପଣା ଆପଣାର ଗ୍ରନ୍ଥରେ ସ୍ଥାନ ଦେଇଥିଲେ। ବିଭିନ୍ନ ସମୟରେ ଏଥିରେ ପ୍ରକ୍ଷିପ୍ତ ଅଂଶମାନ ମଧ୍ୟ ଯୋଡ଼ି ଦିଆଯାଉଥିଲା। ଏକ ଲୋକପ୍ରିୟ ରଚନା ହୋଇଥିବାରୁ ଅନେକ ସମୟରେ ସ୍ରଷ୍ଟା ପୁରୁଷମାନେ ଏଥିରେ ଆଦର୍ଶ ଉପାଖ୍ୟାନ ଓ ଚଳଣି ସବୁ ଯୋଡି ଦେଉଥିଲେ। ପୁରାଣଗୁଡିକ ଆମ କାବ୍ୟ ସାହିତ୍ୟକୁ ମଧ୍ୟ ବିଶେଷ ଭାବରେ ପ୍ରଭାବିକ କରିଥିଲା। କାଳିଦାସ, ମାଘ, ଶ୍ରୀହର୍ଷ ଆଦି ମହାକବିମାନଙ୍କ ରଚନାରେ ବୀଜ ପ୍ରାୟ ଏହି ପୁରାଣମାନଙ୍କରୁ ଗୃହୀତ ହୋଇଥିଲା। ତେଣୁ ପ୍ରାଚୀନଯୁଗର ପୁରାଣ ସାହିତ୍ୟ ଯେ ଆମ ସମାଜ ଓ ସଂସ୍କୃତି ଉପରେ ବିଶେଷ ପ୍ରଭାବ ପକାଇ ଆସିଛି, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

।। ଜୟ ଜଗନ୍ନାଥ।।

**ଏସ୍.ବି.ଡ଼ି. ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ,**
**କଣ୍ଟିଆ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦**
**ମୋ - ୯୮୬୧୦୬୨୫୬୪, ୭୮୪୬୯୮୯୭୧୭**



ଐଶୀଶକ୍ତି ବିନା ଜୀବନଟା ହେଲା ଦୁଃଖ ପୂର୍ଣ୍ଣ ମାୟା କିନ୍ତୁ ଐଶୀଶକ୍ତି ସହ ଏହା ହେଲା ଚିରନ୍ତନ ଶାନ୍ତି।

# ପାଇକ ସଂସ୍କୃତିରେ ଶକ୍ତି ଉପାସନା

ପବିତ୍ର ମୋହନ ବାରିକ

ଖୋର୍ଦ୍ଧା ତଥା ଓଡ଼ିଶାର ଗୌରବମୟ ସାମରିକ ଇତିହାସରେ ଦୁର୍ଦ୍ଧର୍ଷ, ଯୁଦ୍ଧପ୍ରିୟ ଓ ରଣରଙ୍ଗା ପାଇକମାନେ ଯେପରି ତାଙ୍କର ସର୍ବୋଚ୍ଚ ବଳିଦାନ ମାଟି ମା' ପାଇଁ ଅର୍ପଣ କରିଛନ୍ତି, ତାହା ଅନ୍ୟ କୌଣସି ଜାତିର ଇତିହାସରେ ବିରଳ ଦେଖିବାକୁ ମିଳେ। ଗଙ୍ଗ ଓ ଗଜପତି ରାଜତ୍ୱ ସମୟରେ ପାଇକ ବୀରମାନେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନକରି ଶତ୍ରୁକୁ ନିର୍ମମ ଆଘାତ ଦେବାରେ ସମର୍ଥ ହୋଇପାରିଥିଲେ। ପାଇକମାନଙ୍କର ବୀରତ୍ୱର କାହାଣୀ ଇତିହାସ, ଲୋକକଥା, କିମ୍ବଦନ୍ତୀ ପ୍ରଭୃତିରେ ଅତି ମାର୍ମିକ ଶୈଳୀରେ ବର୍ଣ୍ଣିତ ଅଛି। ପାଇକ ଶବ୍ଦର ଭିନ୍ନ-ଭିନ୍ନ ଅର୍ଥ ଗବେଷକ ଓ ବିଦ୍ୱାନମାନେ ବ୍ୟାଖ୍ୟା କରିଛନ୍ତି। ପାଇକ ଶବ୍ଦ ପଦାତିକରୁ ଆନୀତ ଏହାକୁ ଅଧିକାଂଶ ବିଦ୍ୱାନ ସ୍ୱୀକାର କରିଥାନ୍ତି। ପାଇକ ଶବ୍ଦ, ସଂସ୍କୃତ ଶବ୍ଦ 'ପଦାତିକ' ଓ ପାର୍ସୀ ଶବ୍ଦ 'ପାୟିକ'ରୁ ଆନୀତ ବୋଲି କିଛି ଗବେଷକ ବିଶ୍ୱାସ ରଖିଥାନ୍ତି। କିନ୍ତୁ ଏହା ନିର୍ଭର ଯୋଗ୍ୟ ପ୍ରମାଣ ନୁହେଁ। ପାଇକ ଶବ୍ଦ ଓଡ଼ିଆ ଋଷୀମାନଙ୍କ ମଧ୍ୟରେ ସୁପରିଚିତ। ଏହା ବୀରତ୍ୱ ଓ ନିର୍ଭୀକତାର ଅର୍ଥକୁ ପରିପ୍ରକାଶ କରିଥାଏ।

ଆମ ଲୋକକଥାରେ ପ୍ରଚଳିତ ଅଛି ମାଇପ ଆଗରେ ପାଇକ ଠାଣି। ଓଡ଼ିଆ ପାଇକମାନେ କେବଳ ପଦାତିକ ନଥିଲେ ଏମାନେ ଥିଲେ ଚତୁରଙ୍ଗ ସେନା (ପଦାତିକ, ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ)। ସଂସ୍କୃତ ଶବ୍ଦ ପଦାତିକରୁ ପାଇକ ଶବ୍ଦ ସୃଷ୍ଟି କହିବା ଠିକ୍ ହେବ ନାହିଁ। ପାଇକମାନଙ୍କର ଶକ୍ତି, ସାମର୍ଥ୍ୟ, ପରାକାଷ୍ଠାର ନିଦର୍ଶନ ଅତ୍ୟନ୍ତ ଚିତ୍ତସ୍ପର୍ଶକ ଓ ରୋମାଞ୍ଚକର। ଓଡ଼ିଆ ପାଇକମାନେ ବିଭିନ୍ନ ବୈଦେଶିକ ଶକ୍ତିମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାରେ କେବେ ଅବହେଳା କରିନଥିଲେ। ମୋଗଲ, ମରହଟ୍ଟା, ଆଫଗାନ ପ୍ରଭୃତି ଆକ୍ରମଣକାରୀଙ୍କୁ ଓଡ଼ିଆ ପାଇକମାନେ ଶକ୍ତ ଆଘାତ ଦେଇଥିଲେ। ବିଶେଷକରି ଇଂରେଜମାନଙ୍କର ଓଡ଼ିଶା ଅଧିକାର କରିବା ସମୟରେ ପାଇକମାନେ ସମସ୍ତ ଶକ୍ତି ପ୍ରୟୋଗ କରି ସାମ୍ରାଜ୍ୟବାଦୀ ଶକ୍ତିର ଦୃଢ଼ ପ୍ରତିରୋଧ କରିଥିଲେ। ୧୮୦୩ ମସିହାରେ ଗଜପତି ମୁକୁନ୍ଦ ଦେବ ଦ୍ୱିତୀୟଙ୍କ ମନ୍ତ୍ରୀ ଜୟୀ ରାଜଗୁରୁ ପାଇକମାନଙ୍କର ନେତୃତ୍ୱ ନେଇ ଇଂରେଜମାନଙ୍କୁ ନିର୍ମମ ପ୍ରହାର କରିବାର ସକ୍ଷମ ହୋଇଥିଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହା ଖୋର୍ଦ୍ଧା ପାଇକ ବିଦ୍ରୋହ ଇତିହାସର ଇତିକଥାରେ ଏକ ଘଟଣା ବହୁଳ ଅଧ୍ୟାୟ। ତାପଙ୍ଗ ଗଡ଼ର ଦଳ ବେହେରା, ମାଧବ ଚନ୍ଦ୍ର ରାଉତରାୟ ୧୮୨୭ ମସିହାରେ ୬ ଦିନ ଧରି ଯୁଦ୍ଧକ୍ଷେତ୍ର କାଣ୍ଡଗୋଦାଠାରେ ଇଂରେଜମାନଙ୍କ ସହିତ ତୁମୁଳ ସଂଗ୍ରାମ କରିଥିଲେ। ତାପଙ୍ଗ ବିଦ୍ରୋହର ନଅବର୍ଷ ପରେ ଅରାଙ୍ଗ ଗଡ଼ର କୃତିବାସ ପାଟଶାଣୀ ୧୮୩୬ ମସିହାରେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ। ୧୮୦୩ ମସିହାରୁ ୧୮୩୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପାଇକମାନେ ମାଟି ମାଆ ପାଇଁ ନିସ୍ୱାର୍ଥପର ଓ ପ୍ରାଣ ମୂର୍ଚ୍ଛା ସଂଗ୍ରାମ କରିଥିଲେ। ପାଇକ ବିଦ୍ରୋହର ବ୍ୟାପକତା ବିଦ୍ରୋହରେ ଅଂଶ ଗ୍ରହଣ କରିଥିବା ପାଇକମାନଙ୍କର ସ୍ଥିତି ଓ ଉଦ୍ଦେଶ୍ୟ, ବିଦ୍ରୋହର ଅଗ୍ରଗତି, ପରିସର, ଫଳାଫଳ, ତାହାର ବ୍ୟାପକତା, ତାତ୍ପର୍ଯ୍ୟକୁ ଅନୁଶୀଳନ କଲେ ଏହା ସ୍ପଷ୍ଟ ପ୍ରାମାଣିକ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଯଥା ଶୀଘ୍ର ଏହାକୁ ମାନ୍ୟତା ପ୍ରଦାନ କରିବା ଉଚିତ୍। ପାଇକମାନେ ନିଜର ଦକ୍ଷତା, ପ୍ରତିଭା, ପାରାକାଷ୍ଠା, ତ୍ୟାଗ ଓ ବଳିଦାନ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଯାହା ପାଇକ ସଂସ୍କୃତି ନାମରେ ଖ୍ୟାତ। କହ୍ନେଇ ଚମ୍ପତି ରାୟଙ୍କ ସ୍ୱରଚିତ 'ପାଇକ ଖେଦା' ପଦ୍ୟାଂଶରେ ବିରଚିତ। ପାଇକ ସଂସ୍କୃତିର ସବିଶେଷ ଭାବ ଗର୍ଭକ ତଥ୍ୟ ଉପସ୍ଥାପନ କରିଛନ୍ତି ପାଇକ ଖେଦା ପୁସ୍ତକରେ। ପାଇକ ସଂସ୍କୃତିର ବିଭିନ୍ନ ଦିଗ ଉପରେ ପ୍ରାମାଣିକ ତଥ୍ୟକୁ ବ୍ୟାଖ୍ୟା କରିଛନ୍ତି କହ୍ନେଇ ଚମ୍ପତି ରାୟ। ଉକ୍ତ ପୁସ୍ତକରେ ସେ ପାଇକମାନଙ୍କର କଳା, କୌଶଳ, ବେଶଭୂଷା, ଅସ୍ତ୍ର ଶସ୍ତ୍ର, ସୈନ୍ୟ ସଂଗ୍ରହର ନିୟମ, ଯୁଦ୍ଧକୁ ଯିବାରେ ପୂର୍ବ ନିୟମ, ପାଇକର ଯୁଦ୍ଧଯାତ୍ରା, ସୈନ୍ୟ ବାହିନୀରେ ଶୃଙ୍ଖଳା, ବାନା ଭିଆଣ, ଯୁଦ୍ଧର ଭେଷଜ ବିଭାଗ, ପାଇକ ଆଖଡ଼ା, ପାଇକମାନଙ୍କର ସାମାଜିକ ଓ ଧାର୍ମିକ ଜୀବନ ପ୍ରଭୃତି ବିଷୟରେ ଉଲ୍ଲେଖ ଅଛି।

ପାଇକମାନଙ୍କର ଧାର୍ମିକ ବିଶ୍ୱାସ ଅତି ଉଚ୍ଚକୋଟୀର। ଶକ୍ତିର ପ୍ରତୀକ ମାତୃ ଉପାସନା ପ୍ରତି ସେମାନଙ୍କର ଥିଲା ଅହେତୁକ ଦୁର୍ବଳତା। ପ୍ରତ୍ୟେକ ଗଡ଼ରେ ପାଇକମାନେ ଗଡ଼ ଦେବୀଙ୍କୁ ପ୍ରତିଷ୍ଠା କରି ଗଡ଼ର ସୁରକ୍ଷା ନିମନ୍ତେ ତାଙ୍କର ପୂଜାର୍ଚ୍ଚନା କରୁଥିଲେ। ପାଇକମାନଙ୍କର ପ୍ରତ୍ୟେକ ବ୍ୟବସ୍ଥା ଯଥା- ଯୁଦ୍ଧ ବିଦ୍ୟା ଶିକ୍ଷା, ଯୁଦ୍ଧକୁ ଗମନ ଓ ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ ପରିଚାଳନା କରୁଥିବା ସମୟରେ ମଧ୍ୟ ଧାର୍ମିକ ରୀତି ନୀତି ଓ ବିଶ୍ୱାସକୁ ମଧ୍ୟ ଅନୁସରଣ କରୁଥିଲେ। ଯୁଦ୍ଧକୁ ଯିବାର ପୂର୍ବଦିନ ପାଇକ ଚୁଆ ଓ ହଳଦୀ ଲଗାଇ ଅତୁଠରେ ସ୍ନାନ କରି ଗ୍ରାମ ଦେବତୀ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରି ଘରକୁ ଫେରେ। ମା' କିମ୍ବା ମାଉସୀ ପୁଅକୁ ହଳଦୀରେ ଧୋଇଥାନ୍ତି ଓ ସ୍ତ୍ରୀ ଅଠର ଗୋଟି ଦୁବ ବାନ୍ଧି ବ୍ରତ ଡୋରରେ ଚଣ୍ଡୀଙ୍କ ନାମ ଧରି ଅଠର ଘଣ୍ଟି ପକାଇ ବ୍ରତକୁ ଫୁଲ, ଚନ୍ଦନ, ଅଠର ଗୋଟି ମଣ୍ଡା ଓ ଚକୁଳି ପିଠାରେ ପୂଜା କରୁଥିଲେ। ଗୁରୁଜନମାନଙ୍କୁ ସମ୍ମାନ ଓ ପୁରୋହିତଙ୍କ ଆଶୀର୍ବାଦ ଗ୍ରହଣ କରିବାପରେ ପାଇକ ବ୍ରତ ଧାରଣ କରୁଥିଲେ। ଏହାପରେ ଅସ୍ତ୍ରଶସ୍ତ୍ରଗୁଡ଼ିକ ଧୋଇ, ସିନ୍ଦୂର, କଜ୍ଜ୍ୱଳ, ପାରିଜାତ, ବେଲପତ୍ରରେ ପୂଜାକରି ଶ୍ରୀଜଗନ୍ନାଥଙ୍କୁ ସ୍ମରଣକରି ଦହିଭାତ ଭୋଜନ କରୁଥିଲେ। ତୃତୀୟା, ତ୍ରୟୋଦଶୀ ତିଥି ପୁଷ୍ୟା, ହସ୍ତୀ, ମୃଗଶିରା, ନକ୍ଷତ୍ର ଯୁଦ୍ଧ ଯାତ୍ରା ପାଇଁ ଶୁଭଦାୟକ। ପିତା ଯୁଦ୍ଧକୁ ଗଲେ ବଡ଼ ପୁଅର

ଅନୁମତି, ବଡ଼ ପୁଅ ଯୁଦ୍ଧକୁ ଗଲେ ମାତାର ଅନୁମତି, ସାନ ଭାଇ ଯୁଦ୍ଧକୁ ଯିବା ସମୟରେ ବଡ଼ ଭାଉଜର ଅନୁମତି ନେବା ସଙ୍ଗେ ସଙ୍ଗେ ଭାଉଜଙ୍କ ଦ୍ୱାରା ପ୍ରସ୍ତୁତ ପ୍ରିୟ ଖାଦ୍ୟ ପଦାର୍ଥ ସମେତ ବିଶେଷତଃ ଲେଉଟା ଚକୁଳି ପିଠା ଖାଇକରି ଯିବାର ବ୍ୟବସ୍ଥା ଥିଲା। ଲେଉଟା ଚକୁଳି ପିଠା ଖାଇକରି ଗଲେ ସର୍ବସୁଖରେ ଫେରିଆସିବାର ବିଶ୍ୱାସ ରହିଛି। ପ୍ରତ୍ୟେକ ଗଡ଼ ଓ ଗ୍ରାମମାନଙ୍କରେ ପାଇକ ଆଖଡ଼ା ଘର ଥିଲା। ଏହାକୁ ପାଇକ ଆଖଡ଼ା ବୋଲି କୁହାଯାଏ। ପ୍ରତ୍ୟେକ ଆଖଡ଼ା ଘରେ ଗ୍ରାମ ଦେବତୀ କିମ୍ବା ମହାବୀର ହନୁମାନଙ୍କ ବିଗ୍ରହ ସ୍ଥାପନ କରି ପାଇକମାନେ ସେଠାରେ ଯୁଦ୍ଧ ବିଦ୍ୟା ତଥା ମଲ୍ଲ ବିଦ୍ୟା ଅଭ୍ୟାସ କରୁଥିଲେ। ପାଇକମାନେ ପ୍ରତ୍ୟେକ ଗଡ଼ ଓ ଗ୍ରାମମାନଙ୍କରେ ଗଡ଼ଚଣ୍ଡୀ ଓ ଗ୍ରାମଦେବତୀଙ୍କୁ ପ୍ରତିଷ୍ଠା କରି ମାତୃକୃପା ନିମନ୍ତେ ପୂଜାର୍ଚ୍ଚନା କରୁଥିଲେ। ମାତୃଶକ୍ତି ପ୍ରତି ପାଇକମାନଙ୍କର ଦୃଢ଼ ବିଶ୍ୱାସ ଓ ଆସ୍ଥା ଥିଲା। ପାଇକ ଗାଥା ସମ୍ପର୍କିତ ବିଭିନ୍ନ ପୁସ୍ତକରେ ଏହାର ପ୍ରମାଣ ଦେଖିବାକୁ ମିଳେ। ଶତ୍ରୁକୁ ନିର୍ମମ ଆଘାତ ଦେବା ପାଇଁ ପାଇକମାନେ ମାତୃଶକ୍ତି କୃପାର ପ୍ରାର୍ଥୀ ଥିଲେ। ଦେବୀଙ୍କ ଆରଧନା ପ୍ରତି ସେମାନଙ୍କର ଥିଲା ଦୃଢ ବିଶ୍ୱାସ ଓ ଗଭୀର ଆସ୍ଥା। ଖୋର୍ଦ୍ଧାର ଆରାଧ୍ୟା ଦେବୀ ମା'ବରୁଣେଇ। ପାଇକମାନଙ୍କର ଇଷ୍ଟଦେବୀ। ଏ ମର୍ମରେ କହ୍ନେଇ ଚମ୍ପତି ରାୟ ନିଜସ୍ୱ ରଚନା 'ପାଇକ ଖେଦା'ରେ ଉଲ୍ଲେଖ କରିଛନ୍ତି-

*"ବାନା ଗହନ ଅଟଇ*
*ସାହା ଅଟେ ତାକୁ ମା'ବରୁଣେଇ ଯେ*
*ନାମ କହିବା ବୁଝାଇ ପାଇକରେ।"*

ତାପଙ୍ଗ ଦଳବେହେରା ଓ ଇଂରେଜମାନଙ୍କ ମଧ୍ୟରେ ସଂଗଠିତ ହୋଇଥିବା ୧୮୨୭ ମସିହା ସଂଗ୍ରାମର ବିପ୍ର ମଧୁସୂଦନ ପ୍ରତ୍ୟକ୍ଷଦର୍ଶୀ ଥିଲେ। ଏହା ଉପରେ ଆଧାରିତ 'ଫିରିଙ୍ଗ କଳି ଭାରତ'କୁ ସେ ରଚନା କରିଥିଲେ। ଏଥିରେ ସେ ବିଭିନ୍ନ ଗଡ଼ର ଆରାଧ ଦେବୀଙ୍କର ନାମ ଉଲ୍ଲେଖ କରିଛନ୍ତି। ତାଙ୍କର ଏକ ପଦରେ ଗଙ୍ଗପଡା ଗଡ କଥା ଉଲ୍ଲେଖ ଅଛି -

*"ଗଡ଼ର ଉତ୍ତର ଦ୍ୱାର ଅଟେ ଗଙ୍ଗପଡା*
*ହସ୍ତେ ଖଣ୍ଡା ଧରି ବିଜୟ ଚାମୁଣ୍ଡା।"*

ତାପଙ୍ଗଗଡ଼ ପାଇକମାନଙ୍କର ଇଷ୍ଟଦେବୀ ହସ୍ତେଶ୍ୱରୀ। ମା'ଙ୍କ ଆଶୀର୍ବାଦରୁ ପାଇକମାନେ ଶତ୍ରୁ ମନରେ ଭୟ ସଞ୍ଚାର କରିବାରେ ସମର୍ଥ ହୋଇ ପାରୁଥିଲେ। ମା'ଙ୍କର ଅନେକ ଆଲୌକିକ ଲୀଳା ସର୍ବଦା ମାଟି ମାଆର ଲଢୁଆ ପୁଅ ପାଇକମାନଙ୍କର ଦୃଢ ମନୋବଳ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା। ଦେବୀ ହସ୍ତେଶ୍ୱରୀଙ୍କ ଅପୂର୍ବ ମହିମା ବିଭିନ୍ନ ପୁସ୍ତକରେ ବର୍ଣ୍ଣିତ ଅଛି। 'ଦଳ ବେହେରା' ନାମକ ଏକ ଗୀତିକାବ୍ୟର ରଚୟତା ଗାୟକ ସାରସ ଶ୍ରୀ ସୁଦର୍ଶନ ମହାପାତ୍ର। ଏଥିରେ ତାପଙ୍ଗ ଗଡ଼ର ଇଷ୍ଟଦେବୀ ହସ୍ତେଶ୍ୱରୀଙ୍କ ମହିମା ମଧ୍ୟ ଉଲ୍ଲେଖ କରିଛନ୍ତି। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୭.୧୧.୨୦୧୬ରେ ଉକ୍ତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉକ୍ତ ପୁସ୍ତକର ୨୯ ପୃଷ୍ଠା ଦ୍ୱିତୀୟ ପଦରେ କବି ହସ୍ତେଶ୍ୱରୀ ଦେବୀଙ୍କର ଗୁଣ କୀର୍ତ୍ତନ କରିଛନ୍ତି -

*"ଏଣେ ଦଳ ବେହେରା ବିଚାର କଲେ ତ୍ୱରା*
*ଡକାଇ ପାଇକ ବାହିନୀ*
*ସର୍ବେ ହୁଅ ପ୍ରସ୍ତୁତ ବର୍ବର ପ୍ରତିହତ*
*ଗର୍ବରେ ଫଟାଅ ମେଦିନୀ।*
*ସେ ହସ୍ତେଶ୍ୱରୀ ପୂର୍ବରୁ କରିବା ମାଜଣା*
*ଦୁର୍ବଳ କି ପାଇକ ସେନା*
*କାତ ତୋପ କମାଣ ଭିଡ କମର ଟାଣ*
*ଉଡାଅ ଗଡେ ଜୟବାନା"।।*

ଦଶହରା ଆମ ଗୌରବମୟ ସଂସ୍କୃତିର ଏକ ଅନନ୍ୟ ପରିଚୟ। ଜୀବନଚର୍ଯ୍ୟା ସହିତ ଦଶହରା ପର୍ବର ନିବିଡ଼ ଦାର୍ଶନିକ ସଂପର୍କ ରହିଛି। ଏହିଦିନ ବୃତ୍ତି-ପ୍ରବୃତ୍ତି ସହିତ ଜଡିତ ବିଭିନ୍ନ ଉପକରଣକୁ ଶ୍ରଦ୍ଧାଳୁମାନେ ସଜ ବସାଇଥାନ୍ତି ଇଷ୍ଟଦେବୀଙ୍କ ସମ୍ମୁଖରେ। ଶକ୍ତି ସ୍ୱରୂପିଣୀ ଜଗତ ଜନନୀ ମା'ଦୁର୍ଗା ଦେବୀ ଶକ୍ତି, ସାହସ, ନିର୍ଭୀକତା ଓ ବୀରତ୍ୱର ପ୍ରତୀକ। ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ପାଇକ ସଂସ୍କୃତି ଦଶହରା ଗଣପର୍ବ ସହିତ ସଂଶ୍ଲିଷ୍ଟ। ଦଶହରା ଦିନ ଦଶହରା ପଡିଆରେ କୁସ୍ତି, କସରତ, ଲାଠି ଓ ଅସ୍ତ୍ର ଚାଳନା, ମଲ୍ଲ ଯୁଦ୍ଧ ପ୍ରଭୃତି ଆୟୋଜିତ ହୁଏ। ପୂର୍ବେ ପାଇକମାନେ ଗଡ଼ ଦେବୀଙ୍କ ଉଦ୍ଦେଶ୍ୟରେ ଏଭଳି ଯୁଦ୍ଧ ବିଦ୍ୟା ଓ କୌଶଳ ପ୍ରଦର୍ଶନ କରିଥାନ୍ତି। ପୂର୍ବେ ଗଡ଼ଜାତ ଅଞ୍ଚଳର ରାଜା, ମହାରାଜା, ଜମିଦାର ଗୌନ୍ତିଆମାନେ କୁଳଦେବୀଙ୍କ ନିକଟରେ ନିଜର ପାରମ୍ପରିକ ଅସ୍ତ୍ର ଯଥା- ଖଣ୍ଡା, ବର୍ଚ୍ଛା, ତେଣ୍ଡା, ଧନୁ ପ୍ରଭୃତି ସଜ ବସାଇଥାନ୍ତି ଦଶହରା ପୂର୍ବ ରାତ୍ରରେ। ସଜ ଉଠିଲା ପରେ ଅର୍ଥାତ ଦଶହରା ଦିନ କ୍ଷତ୍ରୀୟ, ଖଣ୍ଡାୟତ ଓ ପାଇକମାନେ ନିଜସ୍ୱ ଅସ୍ତ୍ରରେ ସୁନ୍ଦର ସମର କଳା ପ୍ରଦର୍ଶନ କରିଥାନ୍ତି। ବିଗତ ଦିନରେ ଦଶହରା ଅବସରରେ ପାଇକମାନେ ଦୁର୍ଗା ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରୁଥିବା ସମର କଳା ଆଜି ମଧ୍ୟ ଉଜ୍ଜିବିତ ରହିଛି। ଶକ୍ତି ଉପାସନା ପ୍ରତି ପାଇକମାନଙ୍କର ଥିଲା ଭାଗବତ ନିବିଡ଼ ସଂପର୍କ। ପାଇକ ସଂସ୍କୃତିରେ ଶକ୍ତି ଆରଧନା ଅତ୍ୟନ୍ତ ଭାବୋଦ୍ଦୀପକ, ଅନନ୍ୟ ତଥା ଅସାଧାରଣ ଅଟେ।

**ଅଧ୍ୟାପକ (ଇତିହାସ ବିଭାଗ)**
**ସନାତନ ହରିଚନ୍ଦନ ମହାବିଦ୍ୟାଳୟ**
**ମଦନପୁର, ଖୋର୍ଦ୍ଧା-୭୫୨୦୫୪**
**ଦୂରଭାଷ-୮୮୯୫୧୯୦୪୭୫**



ସଂସାରରେ ନିଶ୍ଚୟ ରହିବ, କିନ୍ତୁ ସେଥିରେ ଯେପରି ବୁଡି ନ ଯାଅ।

# ମରଣମୁଖୀ ସଦାଚାର



**ପଣ୍ଡିତ ରମାକାନ୍ତ ମିଶ୍ର**

ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା ଉଭୟଙ୍କର ମାନବ ସମାଜ ପାଇଁ ରହିଛି ଅତୁଳନୀୟ ଅବଦାନ। ବିଭିନ୍ନ ଶାସ୍ତ୍ର ପୁରାଣ ବା ପାଠ୍ୟପୁସ୍ତକର ପ୍ରଶ୍ନ ଓ ଉତ୍ତର ସେହି ଗ୍ରନ୍ଥମାନଙ୍କରେ ସୁଲଭ ହୋଇଥାଏ। ମାତ୍ର ଜଗତରେ ଏଭଳି କିଛି ଚିନ୍ତାଶୀଳ ମସ୍ତିଷ୍କ ରହିଛି ଯେଉଁଗୁଡିକରୁ କିଛି ନୂତନ ପ୍ରଶ୍ନ ଜନ୍ମ ନିଏ ଓ ଉତ୍ତରଦାତା ମଧ୍ୟ ତଦନୁଯାୟୀ ନିଜ ବିଚାର ବୁଦ୍ଧିର ଯଥାର୍ଥ ଉତ୍ତରଟିଏ ଯୋଗାଡ କରନ୍ତି। ଏ ପ୍ରକାର ପ୍ରଶ୍ନଗୁଡିକ ସାଧାରଣତଃ ସମାଜ, ପରିବେଶ ଓ ପରିସ୍ଥିତିକୁ ନେଇ ସୃଷ୍ଟ। ଏହାଦ୍ୱାରା ସମାଜର କିଛି ଉପକାର ନିଶ୍ଚିତ ସାଧିତ ହୁଏ। ଏପରି ଏକ ପ୍ରଶ୍ନ ଏକଦା ଜଣକ ମନରେ ଜାତ ହୋଇଥିଲା ଯେ ଜଗତରେ ଶ୍ରେଷ୍ଠ ପ୍ରାଣୀ ହିଁ ମନୁଷ୍ୟ। ମନୁଷ୍ୟର ସମାଜ ଅଛି। ଜାତୀୟତା ଅଛି। ହିତାହିତ ଜ୍ଞାନ ଅଛି। ବୁଦ୍ଧି ବିବେକ ବଳରେ ମନୁଷ୍ୟ ମରଣଜୟୀ ହୋଇପାରୁଛି। ମନୁଷ୍ୟ ହିଁ ଦିବ୍ୟଜ୍ଞାନର ଅଧିକାରୀ, କିନ୍ତୁ ମନୁଷ୍ୟ ସମାଜ ପଥଭ୍ରଷ୍ଟ ହୁଏ କାହିଁକି ? ଦିବ୍ୟ ମାନବତ୍ୱକୁ ତେଜି ପଶୁତ୍ୱ ଅର୍ଜନ କରେ କାହିଁକି ? ସାମାଜିକ ନୀତିନିୟମକୁ ଲଂଘନ କରିବାର କାରଣ କ'ଣ ? ଏ ସମସ୍ତ ପ୍ରଶ୍ନର ଉତ୍ତର କେଉଁଠାରୁ ମିଳିପାରିବ ? ଏହା ବିଚାରକରି ସେ ମନସ୍ଥ କଲା ଯେ ମହାରାଜ ଭୋଜଙ୍କର ରାଜସଭାରେ ସର୍ବଦା ବିବିଧ ଶାସ୍ତ୍ରର ଆଲୋଚନା ଓ ବିବିଧ ପ୍ରଶ୍ନର ସମାଧାନ ହୁଏ। ସେହିଠାକୁ ଗଲେ ମୋ ପ୍ରଶ୍ନର ମୀମାଂସା ମୋତେ ମିଳିଯିବ।

ଏପରି ପ୍ରଶ୍ନ ଏକଦା ଜଣେ ବ୍ରହ୍ମରାକ୍ଷସର ମନରେ ଜାତ ହୋଇଥିଲା। ଉତ୍କଣ୍ଠାର ସହ ସେ ମହାରାଜ ଭୋଜଙ୍କ ଦରବାରରେ ଉପସ୍ଥିତ ହେଲା ଏବଂ ରାଜାଙ୍କ ସମ୍ମୁଖରେ ପ୍ରଶ୍ନଟି ଉପସ୍ଥାପନ କଲା। ଏକ ଭିନ୍ନ ରୂପରେ ପ୍ରଶ୍ନଟି ପଚାରି ରାକ୍ଷସ କହିଲା, "ନଷ୍ଟସ୍ୟ କାନ୍ୟା ଗତିଃ" ଅର୍ଥାତ୍ ହେ ରାଜନ୍! ନଷ୍ଟ ଲୋକର ଅନ୍ୟଗତି ବା କ'ଣ ଅଛି, ମୋ'ର ଏହି ପଂକ୍ତିକୁ ବ୍ୟବହାରକରି ଏକ ଶ୍ଳୋକ ରଚନା କରିଦିଅନ୍ତୁ, ଯେଉଁଥିରେ ମୋ ପ୍ରଶ୍ନର ସମାଧାନ ରହିଥିବ। ମୋତେ ଏକ ସପ୍ତାହ ମଧ୍ୟରେ ଉତ୍ତର ଦରକାର। ସପ୍ତାହକ ମଧ୍ୟରେ ଉତ୍ତର ନମିଳିଲେ ମୁଁ ଆପଣଙ୍କ ଦରବାରର ସମସ୍ତ ସଭ୍ୟପଣ୍ଡିତ ସହିତ ଆପଣଙ୍କୁ ମଧ୍ୟ ଭକ୍ଷଣ କରିବି। ରାକ୍ଷସର ପ୍ରଶ୍ନ ଶୁଣି ରାଜା ସଭାସ୍ଥିତ ପଣ୍ଡିତମାନଙ୍କ ପ୍ରତି ସତୃଷ୍ଣ ଦୃଷ୍ଟି ନିକ୍ଷେପ କଲେ କିନ୍ତୁ କାହାରି ମୁଖରୁ ବାକ୍ସ୍ଫୁରଣ ହେଲା ନାହିଁ। ସମସ୍ତେ ଅତ୍ୟନ୍ତ ଭୟଭୀତ ପ୍ରତୀୟମାନ ହେଉଥିଲେ। ସୁତରାଂ ରାଜା ରାକ୍ଷସକୁ ଧାର୍ଯ୍ୟ ସମୟ ମଧ୍ୟରେ ଉତ୍ତର ଦେବାର ପ୍ରତିଶ୍ରୁତି ଦେଇ ଫେରାଇଦେଲେ। ଦୁଇ ତିନିଦିନ ମଧ୍ୟରେ ପ୍ରଶ୍ନଟି ସାରା ରାଜ୍ୟରେ ପ୍ରଘଟ ହୋଇଗଲା। ଉତ୍ତର ନମିଳିଲେ ତା'ର ଭୟଙ୍କର ପରିଣତି କ'ଣ ହେବ ତାହା ମଧ୍ୟ ପ୍ରଚାର ହୋଇଗଲା।

ପ୍ରଚାରର ଦୁଇ ତିନିଦିନ ପରେ ଏକଦା ରାଜା ନଗର ଭ୍ରମଣ କରୁଥାନ୍ତି। ହଠାତ୍ ତାଙ୍କ ଦୃଷ୍ଟି ପଥକୁ ଆସିଲା ଏକ କିଂଭୂତକିମାକାର ଚିତ୍ର। ରାଜା ଦେଖିଲେ ରାଜ ମାର୍ଗର ଗୋଟିଏ ପାର୍ଶ୍ୱରେ ଏକ ବୃକ୍ଷ ମୂଳରେ ବସିଛନ୍ତି ଜଣେ ସିଦ୍ଧ ସନ୍ନ୍ୟାସୀ। ଜଟା ମଣ୍ଡିତ ମସ୍ତକ, ଶ୍ମଶ୍ରୁଳ ମୁଖମଣ୍ଡଳ, ଶରୀରରେ ଗୈରିକ ବସ୍ତ୍ର। ଲଲାଟରେ, ବାହୁଯୁଗଳରେ ଓ ବକ୍ଷରେ ଯଜ୍ଞ ବିଭୂତି ଲୋପିତ। ଗୋଟିଏ ପାର୍ଶ୍ୱରେ କମଣ୍ଡଳୁ, ଦଣ୍ଡ, ଚିମୁଟା ଓ ଜପମାଳା ପ୍ରଭୃତି ଥୁଆ ହୋଇଛି। ଥରେ ଥରେ ବିଶୁଦ୍ଧ ମୁଖରୁ ନିଃସୃତ ହେଉଛି ପ୍ରଭୁଙ୍କ ନାମର ପବିତ୍ର ଘୋଷ, କିନ୍ତୁ ସନ୍ନ୍ୟାସୀଙ୍କର ଏକ ପାର୍ଶ୍ୱରେ ରଜ୍ଜୁବଦ୍ଧ ହୋଇ ରହିଥିଲା ଏକ ଛାଗ। ସମ୍ମୁଖରେ ଗୋଟିଏ ଚିକ୍କଣ ଶିଳାଖଣ୍ଡ। ହାତରେ ଥିଲା ଏକ କଟାରୀ। ସେ କଟାରୀଟିକୁ ପ୍ରସ୍ତର ଖଣ୍ଡ ଉପରେ ବାରମ୍ବାର ଘଷୁଥିଲେ ଓ ତାର ଧାର ପରୀକ୍ଷା କରୁଥିଲେ। ଏପରି ରୂପ ଓ ଆଚରଣରେ ବୈପରୀତ୍ୟ ଲକ୍ଷ୍ୟକରି ରାଜା କିଛି କ୍ଷଣ ପାଇଁ ଠିଆହୋଇ ସନ୍ନ୍ୟାସୀଙ୍କ ହାବଭାବ ଜାଣିବା ପାଇଁ ନିରୀକ୍ଷଣ କରି ଜାଣିଲେ ଯେ ଏ ସନ୍ନ୍ୟାସୀଙ୍କର ଆଚରଣ ମହତ୍ ନୁହେଁ। ଏ ସନ୍ନ୍ୟାସୀ ହେଲେ ମଧ୍ୟ ମାଂସାଶୀ, ସୁତରାଂ ନିଜ ହୃଦୟର ଆବେଗକୁ ଅବରୁଦ୍ଧ କରି ନପାରି ସନ୍ନ୍ୟାସୀଙ୍କୁ ପ୍ରଶ୍ନକଲେ, ଇଦଂ କିମ୍? (ଏ କ'ଣ) ତହୁଁ ସନ୍ନ୍ୟାସୀ ଉତ୍ତର ଦେଲେ, ଇମଂ ଛେତ୍ସ୍ୟାମି (ଏହି ଛାଗକୁ ହାଣିବି) ରାଜା ପୁନଃ ପଚାରିଲେ, କିମର୍ଥମ୍= (କାହିଁକି) ସନ୍ନ୍ୟାସୀ କହିଲେ, ଭୋଜନାର୍ଥମ୍= (ଖାଇବା ପାଇଁ)। ଉତ୍ତର ଶୁଣି ଅତି ବିସ୍ମିତ ହେଲେ ରାଜା। ଭାବିଲେ ସନ୍ନ୍ୟାସୀ ପୁଣି ଜୀବ ହତ୍ୟାକରି ମାଂସ ଖାଉଛନ୍ତି ! ଏହା ତ ବିଚିତ୍ର ! ରାଜାଙ୍କର କୌତୁହଳୀ ହୃଦୟରୁ ପୁନଃ ପ୍ରଶ୍ନଟିଏ ନିର୍ଗତ ହେଲା।

ରାଜା- ଭିକ୍ଷୋ ମାଂସ ନିଷେବଣଂ ପ୍ରକୁରୁଷେ ? (ହେ ସନ୍ନ୍ୟାସୀ ତୁମେ ମାଂସ ଭୋଜନ କରୁଛ) !

ସନ୍ନ୍ୟାସୀ- କିଂତେନ ମଦ୍ୟଂ ବିନା (ମଦ୍ୟପାନ ବିନା ମାଂସ ଭକ୍ଷଣରେ କି ଲାଭ ଅଛି, ମାଂସ ସହିତ ମୋର ମଦ୍ୟପାନ ବି ଦରକାର ହୁଏ)। ରାଜା- ମଦ୍ୟଂ ଚାପିତବ ପ୍ରିୟମ୍ ? (ମଦ୍ୟବି ତୁମର ପ୍ରିୟ ?)

ସନ୍ନ୍ୟାସୀ- ପ୍ରିୟମ ହୋବାରାଙ୍ଗନାଭିସହ (ଆହେ ! ମଦ୍ୟ ମାଂସ ସହିତ ମୁଁ ବେଶ୍ୟା ସଂସର୍ଗ ମଧ୍ୟ କରେ।)

ରାଜା- ତାସାମର୍ଥ ରୁଚିଃ କୁତସ୍ତବ ଧନମ୍ ? (ବେଶ୍ୟାମାନେ ଧନପ୍ରିୟ, ତୁମେ ସନ୍ନ୍ୟାସୀ, ସେମାନଙ୍କ ନିକଟକୁ ଗମନ କରିବାପାଇଁ ତୁମର ଧନ କାହିଁ ?)

ସନ୍ନ୍ୟାସୀ- ଦ୍ୟୂତେନ ଚୌର୍ଯ୍ୟେଣ ବା (ଜୁଆଖେଳି ବା ଚୋରିକରି ମୁଁ ଧନ ପାଏ)।

ରାଜା- ଚୌର୍ଯ୍ୟଂ ଦ୍ୟୂତ ପରିଗ୍ରହୋଽପିଭବତଃ ? (ଚୌର୍ଯ୍ୟ ବୃତ୍ତି ଓ ଦ୍ୟୂତ କ୍ରୀଡ଼ାକୁ ମଧ୍ୟ ଗ୍ରହଣ କରୁଛ !)

ସନ୍ନ୍ୟାସୀ- ନଷ୍ଟସ୍ୟ କାନ୍ୟା ଗତିଃ। (ନଷ୍ଟ ଚରିତ୍ର ବ୍ୟକ୍ତିର ଆଉ ଅନ୍ୟଗତି କ'ଣ ଅଛି ? ମନୁଷ୍ୟ ନଷ୍ଟ ହେଲେ ଏସବୁ ଆଚରଣ କରେ)। ରାଜା ଭୋଜ ନିଜର ଅମୀମାଂସିତ ପ୍ରଶ୍ନର ଉତ୍ତର ପାଇଗଲେ। ମନ ତାଙ୍କର ଅପୂର୍ବ ଆନନ୍ଦରେ ପୂରି

ଉଠିଲା। କିନ୍ତୁ ସନ୍ନ୍ୟାସୀଙ୍କର ଏତାଦୃଶ ଆଚରଣ ତାଙ୍କୁ ବିସ୍ମିତ ଓ ଦୁଃଖିତ କଲା। ଶ୍ଳୋକ ରଚନାର ଅପୂର୍ବ ପାଣ୍ଡିତ୍ୟ ପ୍ରକାଶ କରି ତାଙ୍କ ଭୟାକୁଳିତ ମନକୁ ପ୍ରୀତ କରିଥିବା ସନ୍ନ୍ୟାସୀଙ୍କ ପ୍ରତି ସନ୍ଦେହକରି ସେ ନିକଟକୁ ଯାଇ ଦେଖିଲେ ସନ୍ନ୍ୟାସୀଙ୍କ ମୁଖର ଶ୍ମଶ୍ରୁ ଓ ମସ୍ତକରେ ଜଟା ସବୁ ନକଲି। ତହୁଁ ବିସ୍ମିତ ରାଜା ସେଗୁଡ଼ିକୁ ଅପସାରଣକରି ଦେଖିଲେ, ସେ ହେଉଛନ୍ତି ତାଙ୍କ ସଭାର ପଣ୍ଡିତ ଶ୍ରେଷ୍ଠ କାଳିଦାସ। ଉତ୍ତର ଦେବାର ଏପରି ଏକ ଅଭିନୟ ଯୋଗୁଁ ସେ ବହୁତ ପ୍ରସନ୍ନ ହୋଇ କାଳିଦାସଙ୍କୁ ରାଜସଭାରେ ବହୁ ଧନରତ୍ନ ଦେଇ ସମ୍ମାନିତ କଲେ। ବ୍ରହ୍ମରାକ୍ଷସ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜ ପ୍ରଶ୍ନର ଉତ୍ତର ପ୍ରାପ୍ତ ହୋଇ ସନ୍ତୋଷରେ ଚାଲିଗଲା।

ସେଦିନ ରାଜା ଭୋଜ ଓ ଛଦ୍ମବେଶୀ ସନ୍ନ୍ୟାସୀଙ୍କର ପ୍ରଶ୍ନୋତ୍ତରରୁ ସମ୍ଭୂତ ଶ୍ଳୋକଟି ବହୁ ଶତାବ୍ଦୀ ଭେଦକରି ଆଜିବି ଲୋକମୁଖରେ ଶୁଣାଯାଏ। ପ୍ରଶ୍ନୋତ୍ତରଗୁଡ଼ିକୁ ମିଳିତ କଲେ ଶ୍ଳୋକଟି ନିମ୍ନ ପ୍ରକାରେ ରୂପାୟିତ ହୁଏ।

ଶ୍ଳୋକ - *"ଭିକ୍ଷୋମାଂସନିଷେବଣଂ ପ୍ରକୁରୁଷେ କିଂ ତେନମଦ୍ୟଂବିନା*
*ମଦ୍ୟଂ ଚାପିପ ବ ପ୍ରିୟଂ ପ୍ରିୟମହୋ ବାରାଙ୍ଗନାଭି ସହ*
*ତାସାମର୍ଥରୁଚିଃ କୁତସ୍ତବଧନଂ ଦ୍ୟୂତେନଚୌର୍ଯ୍ୟେଣବା*
*ଚୌର୍ଯ୍ୟ ଦ୍ୟୂତପରିଗ୍ରହୋଽପିଭବତଃ ନଷ୍ଟସ୍ୟକାନ୍ୟା ଗତିଃ"*

ସାମ୍ପ୍ରତିକ ସମାଜର ସ୍ୱରୂପ ଦେଖିବାପାଇଁ ଏହି ଶ୍ଳୋକ ଏକ ଦର୍ପଣ। ମାଂସ, ମଦ୍ୟ, ବେଶ୍ୟାସଂଗ, ଚୌର୍ଯ୍ୟ ଓ ଦ୍ୟୂତକ୍ରୀଡ଼ା, ଏଥିରୁ କେଉଁ ଗୋଟିକର ଅଭାବ ଆଜିର ସମାଜରେ ନାହିଁ। ଆଜି ଅନେକ ଉଚ୍ଛୃଙ୍ଖଳ ମାନବ ଆତ୍ମମର୍ଯ୍ୟଦାକୁ ଅତିକ୍ରମ କରି ନୈତିକ ପରିସୀମାକୁ ଉଲ୍ଲଂଘନକରି ସେହି ନଷ୍ଟପଥର ଯାତ୍ରୀ ସାଜିଛନ୍ତି । ତ୍ୟାଗକୁ ପାଦତଳେ ଚାପିଦେଇ ଭୋଗକୁ ମସ୍ତକରେ ଧାରଣ କରିଛନ୍ତି। ରୂପ, ଯୌବନ, କ୍ଷମତା ଓ ଧନର ପ୍ରାଚୁର୍ଯ୍ୟକୁ ନେଇ ବିବେକର ବେକ ମୋଡି ଦେଇଛନ୍ତି। ଇନ୍ଦ୍ରିୟ ସଂଯମ ଓ ନୈତିକ ଜ୍ଞାନର ଅଭାବ ସମାଜକୁ ଧ୍ୱଂସାଭିମୁଖୀ କରୁଛି। ମଦ୍ୟପାନଜନିତ ଯକୃତ ରୋଗରେ ପୀଡ଼ିତ ହୋଇ ଅନେକ ଯୁବକ ଅକାଳରେ କାଳର ଶିକାର ହେଉଛନ୍ତି। ଅନେକ ଯୁବତୀ ସୀମନ୍ତିନୀ ମଥା ସିନ୍ଦୂର ପୋଛି ଦାରୁଣ ବୈଧବ୍ୟ କଷ୍ଟ ଭୋଗୁଛନ୍ତି। ଅନେକ ଶିଶୁ ଶୈଶବରୁ ପିତୃହରା ହୋଇ ଶିକ୍ଷା ଦୀକ୍ଷା ଓ ପାଳନ ପୋଷଣରୁ ବଞ୍ଚିତ ହେଉଛନ୍ତି। ପିତୃହୀନା ଅନୂଢ଼ା କନ୍ୟାଟିଏ ଚିର କୁମାରୀତ୍ୱକୁ ଆଦରି ନେଉଛି। ଅନେକ ପିତା ମାତା ନୟନ ତାରାକୁ ହରାଇ ଚକ୍ଷୁଷ୍ମାନ୍ ଥାଇ ମଧ୍ୟ ଅନ୍ଧପରି ସଂସାର ପଥକୁ ବହୁ କଷ୍ଟରେ ଅତିକ୍ରମ କରୁଛନ୍ତି। ଅନେକ ପରିବାର ଆର୍ଥିକ ମେରୁଦଣ୍ଡର ଦୁର୍ବଳତାକୁ ପ୍ରାପ୍ତହୋଇ ଭୁଷୁଡ଼ି ପଡୁଛି। ମାଂସ ଭୋଜନ ଓ ବେଶ୍ୟା ସଂଗରୁ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମନୁଷ୍ୟର ମୃତ୍ୟୁ ହେଉଛି। ଚୌର୍ଯ୍ୟ ବୃତ୍ତିରୁ ଜଘନ୍ୟ ଅପରାଧକରି ମନୁଷ୍ୟ କାରାଦଣ୍ଡ ଓ ସ୍ଥଳ ବିଶେଷରେ ଫାଶୀଦଣ୍ଡ ଭୋଗି ନିଜ ପରିବାରକୁ ନୈରାଶ୍ୟର ସାହାରା ବାଲିରେ ଚଳାଉଛି। ଦ୍ୟୂତ କ୍ରୀଡ଼ାରୁ ଅନର୍ଥ ସୃଷ୍ଟି ଅବଶ୍ୟମ୍ଭାବୀ। ଏହି କ୍ରୀଡ଼ା ବଂଶଧ୍ୱଂସବୃକ୍ଷର ବୀଜକୁ ରୋପଣ କରିବା ମଧ୍ୟ ବିଚିତ୍ର ନୁହେଁ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ମହାଭାରତର ମହାସମର ଓ କୁରୁବଂଶ ଧ୍ୱଂସ। ସଂପ୍ରତି ଚରସ୍ , ହେରୋଇନ୍ ଓ ବ୍ରାଉନ୍ ସୁଗାର୍ ପରି ଅନେକ ସାଂଘାତିକ ନିଶା ମଧ୍ୟ ସାମାଜରେ ତାର କାୟା ବିସ୍ତାର କରିଚାଲିଛି। ଏଥିପାଇଁ କେବଳ ଦେଶ ନୁହେଁ ସମଗ୍ର ବିଶ୍ୱ ଚିନ୍ତା କରିବା ଉଚିତ୍। ଯେତେଦିନ ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା ସମାଜରେ ସୃଷ୍ଟି କରାନଯାଇଛି ସେତେଦିନ ପର୍ଯ୍ୟନ୍ତ ଶୃଙ୍ଖଳିତ ସୁସ୍ଥ ସମାଜ ଗଠନ ଦିବା ସ୍ୱପ୍ନ ହୋଇ ରହିଯିବ। ବର୍ତ୍ତମାନ କୌଣସି ଦେଶ ବା ବିଶ୍ୱସ୍ତରରେ ଯେଉଁ ପଦକ୍ଷେପ ନିଆଯାଉଛି ତାହା ନ୍ୟୂନାତିନ୍ୟୂନ। ଗୋଟିଏ ପ୍ରଦୀପର କ୍ଷୀଣ ଅଗ୍ନି ଶିଖାରେ ଅନନ୍ତସାଗରର ସଲିଳ ଶୋଷଣର ପ୍ରୟାସ ମାତ୍ର। ଏଥି ନିମନ୍ତେ ବ୍ୟାପକ ସଦାଚାର ଓ ନୈତିକ ଶିକ୍ଷା ପାଠ୍ୟାନ୍ତର୍ଗତ ହେବା ଉଚିତ୍।

ବିଦ୍ୟା କେବଳ ଅର୍ଥକରୀ ନ ହୋଇ ସଚ୍ଚରିତ୍ରାଭିମୁଖିନୀ ହେବା ଏକାନ୍ତ ବାଞ୍ଛନୀୟ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ**
**ମୋ - ୯୭୭୮୬୮୨୪୮୭**

# ସମ୍ପର୍କ



**ଯଜ୍ଞଦତ୍ତ ସାମନ୍ତରାୟ**

ଏବେ
ସମ୍ପର୍କ ଯୋଡ଼ିବାକୁ
ଆଉ ଭଲ ଲାଗୁନି
ଏମିତିକି
ଡ଼ର ବି ଲାଗୁଛି।
ହଁ,
କିଛି ସ୍ୱାର୍ଥୀ
ସ୍ୱାର୍ଥ ହାସଲ ପରେ
ସ୍ୱୀୟ ସ୍ମାର୍ଟ ପଣରେ
ସମ୍ପର୍କର ମୂଲ୍ୟକୁ
କଦର୍ଥ କରି
ଆକ୍ଷେପ, ଆଘାତ
ଦେବାକୁ ପଛାନ୍ତି ନାହିଁ।
ସମ୍ପର୍କ
ସେଇମାନଙ୍କ ସହିତ
ଯୋଡ଼ିବା ଉଚିତ
ଯେଉଁମାନେ ତା'ର
ଠିକ୍ ମୂଲ୍ୟ ବୁଝନ୍ତି।

**ସମ୍ପାଦକ, ଗୁଞ୍ଜନ**
**କବିସୂର୍ଯ୍ୟନଗର, ଗଞ୍ଜାମ**
**ମୋ-୯୩୩୭୪୪୪୯୨୪**

# ମହାତ୍ମାଗାନ୍ଧୀ



**ରାମଶଙ୍କର**



ନାମ- ମୋହନଦାସ କରମଚାନ୍ଦ ଗାନ୍ଧୀ, ୨ ଅକ୍ଟୋବର ୧୮୬୯ରେ ଗୁଜୁରାଟର ପୋରବନ୍ଦରରେ ଜନ୍ମ। ପିତା- କରମଚାନ୍ଦ ଉତ୍ତମଚାନ୍ଦ ଗାନ୍ଧୀ, ମାତା- ପୁତୁଳୀ ବାଈ। ମେ ୧୮୮୩ରେ କସ୍ତୁରୀବାଇ ମାଖନ୍‌ଜୀ କପାଡ଼ିଆଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଭାରତବାସୀ ତାଙ୍କୁ କସ୍ତୁରବା ଓ ଶ୍ରଦ୍ଧାରେ କେବଳ 'ବା' ବୋଲି ସମ୍ବୋଧନ କଲେ। ନଭେମ୍ବର ୧୮୮୭ରେ ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ମହାବିଦ୍ୟାଳୟରେ ଅଧ୍ୟୟନ କଲେ। ୪ ସେପ୍ଟେମ୍ବର ୧୮୮୮ରେ ଓକିଲାତି ପଢିବା ପାଇଁ ବମ୍ବେରୁ ଲଣ୍ଡନ ଯାତ୍ରା କଲେ। ଜୁନ୍ ୧୮୯୧ରେ ଓକିଲାତି ପାଠ ପଢ଼ି ଲଣ୍ଡନରୁ ଭାରତ ପ୍ରତ୍ୟାବର୍ତ୍ତନ କଲେ। ମେ ୨୫, ୧୮୯୩ରେ ଦକ୍ଷିଣ ଆଫ୍ରିକାସ୍ଥିତ ଏକ ଜାହାଜ କମ୍ପାନୀରେ ଚାକିରି ପାଇଁ ଗଲେ। ସେଠାରେ ୨୧ ବର୍ଷ କାର୍ଯ୍ୟକରି ୧୯୧୫ରେ ଭାରତ ପ୍ରତ୍ୟାବର୍ତ୍ତନ କଲେ। ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ବ୍ରିଟିଶ ଶାସନରୁ ଭାରତକୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଲେ। ଅହିଂସା ଅସହଯୋଗ ଆନ୍ଦୋଳନ, ସତ୍ୟାଗ୍ରହ ଗାନ୍ଧୀଙ୍କର ପ୍ରମୁଖ ଆୟୁଧ ଥିଲା। ୧୨ ମାର୍ଚ୍ଚରୁ ୬ ଏପ୍ରିଲ ୧୯୩୦ ଲବଣ ସତ୍ୟାଗ୍ରହ ପାଇଁ ଦାଣ୍ଡିଯାତ୍ରା ଭଳି ଐତିହାସିକ ଆନ୍ଦୋଳନର ନେତୃତ୍ୱ ନେଲେ। ୧୯୪୨ରେ ଦେଶକୁ ସ୍ୱାଧୀନ କରିବା ପାଇଁ 'କର ଅବା ମର' ନାରା ସହିତ ବ୍ରିଟିଶ ସରକାରଙ୍କ ପାଇଁ 'ଭାରତ ଛାଡ' ଆନ୍ଦୋଳନର ଡ଼ାକରା ଦେଲେ। ୧୫ ଅଗଷ୍ଟ ୧୯୪୭-ଦୀର୍ଘ ଆନ୍ଦୋଳନ ପରେ ଦେଶ ସ୍ୱାଧୀନ ହେଲା। କିନ୍ତୁ ଦୁଃଖର କଥା ନାଥୁରାମ୍ ଗଡ଼ସେ ନାମକ ଜଣେ ହିନ୍ଦୁ ଧାର୍ମିକ ଉନ୍ମାଦଗ୍ରସ୍ତ ଯୁବକ ୩୦ ଜାନୁଆରୀ ୧୯୪୮ରେ ମହାତ୍ମାଗାନ୍ଧୀଙ୍କୁ ପ୍ରାର୍ଥନା ସଭାରେ ଗୁଳି କରି ହତ୍ୟା କଲେ। ୩୦ ଜାନୁଆରୀ ୧୯୪୮କୁ ବିଶ୍ୱରେ 'ଆନ୍ତର୍ଜାତିକ ଅହିଂସା ଦିବସ' ରୂପେ ପାଳନ କରାଯାଉଅଛି। ସ୍ୱାଧୀନତା ଆନ୍ଦୋଳନକୁ ଦେଶବ୍ୟାପୀ ପ୍ରସାର ପାଇଁ ସେ ବିଭିନ୍ନ ପ୍ରାନ୍ତ ଭ୍ରମଣ କରୁଥିଲେ। ଭାରତୀୟମାନଙ୍କ ଦାରିଦ୍ର୍ୟତା ତାଙ୍କୁ ଏତେ ବ୍ୟଥିତ କଲା ଯେ ତାମିଲନାଡୁ ରାଜ୍ୟର ମଦୁରାଇ ଯାଇଥିବା ବେଳେ ୨୨ ସେପ୍ଟେମ୍ବର ୧୯୨୧ରେ ପାରମ୍ପାରିକ ପୋଷାକ ପରିତ୍ୟାଗ କରି ସାରା ଜୀବନ ପାଇଁ ଖଣ୍ଡିଏ ଆଣ୍ଠୁ ଲୁଚୁ ନଥିବା ଧୋତିକୁ ଆଦରି ନେଲେ। ସେଥିପାଇଁ ତାଙ୍କୁ 'ରାଜନୈତିକ ସନ୍ଥ' ବୋଲି ସମ୍ବୋଧିତ କରାଯାଏ। ନେତାଜୀ ସୁଭାଷଚନ୍ଦ୍ର ବୋଷ ମହାତ୍ମାଗାନ୍ଧୀଙ୍କୁ ପ୍ରଥମେ 'ରାଷ୍ଟ୍ରପିତା' ରୂପେ ୧୯୪୪ ରେ ସମ୍ବୋଧନ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଐତିହାସିକଙ୍କ ମତରେ ରବୀନ୍ଦ୍ରନାଥ ଟାଗୋର ଗାନ୍ଧୀଙ୍କୁ ପ୍ରଥମେ 'ମହାତ୍ମା' ବୋଲି ସମ୍ବୋଧନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଆମ ଦେଶରୁ ଜାତି ଆଧାରିତ ଭେଦଭାବ ଓ ଅସ୍ପୃଶ୍ୟତା ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିଥିଲେ। ମହାତ୍ମାଗାନ୍ଧୀଙ୍କ ଅନେକ ସ୍ୱପ୍ନ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ପୂରଣ ହୋଇପାରିନାହିଁ। ତାହା ମଧ୍ୟରୁ ଦୁଇଟି ମୁଖ୍ୟ ବିଷୟ (୧) ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରା ଏବଂ (୨) ନିଶାମୁକ୍ତ ଭାରତ। ଆଜିର ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଆମ ଦେଶକୁ ଉପରୋକ୍ତ ଦୁଇଟି ବିଷୟରେ ସଫଳତା ଦେବେ ବୋଲି ଆଶା ଓ ବିଶ୍ୱାସ। ମହାତ୍ମାଗାନ୍ଧୀ ଏକ ମାତ୍ର ମହାପୁରୁଷ ଯାହାଙ୍କ ପ୍ରତିମୂର୍ତ୍ତି ପ୍ରାୟ ବିଶ୍ୱର ପ୍ରତ୍ୟେକ ଦେଶରେ ସ୍ଥାପନା କରାଯାଇଅଛି।

**ମହାତ୍ମାଗାନ୍ଧୀଙ୍କର ଉପଦେଶ-** (୧) ସତ୍ୟ (୨) ଅହିଂସା (୩) ତ୍ୟାଗ (୪) ପରସ୍ପର ପ୍ରତି ସମ୍ମାନ (୫) ସହଯୋଗ। (୬) ମଣିଷର ସାର୍ଥକ ଜୀବନ ପାଇଁ ଲମ୍ବା ବୟସ ନୁହେଁ ମହତ୍ କାର୍ଯ୍ୟ ବିଚାର କରାଯାଏ। (୭) ସର୍ବଦା ସତ୍ୟ କୁହ (୮) ଅନ୍ୟକୁ ଉପଦେଶ ଦେବା ପୂର୍ବରୁ ତାହା ନିଜେ ପାଳନ କର (୯) ଭଲ ପାଇବା ଉପରେ ବିଶ୍ୱାସ ରଖ (୧୦) ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ଏହାର ପରିଣାମ ସମ୍ପର୍କରେ ଜାଣ (୧୧) ମଣିଷ ଜୀବନରେ ମୃତ୍ୟୁ କେତେବେଳେ ଆସିବ ଜଣାନାହିଁ, ତେଣୁ ଶିକ୍ଷା ଲାଭ କରିବାରେ ବିଳମ୍ବ କର ନାହିଁ। (୧୨) ଭଲ କଥା ଚିନ୍ତା କର (୧୩) କ୍ଷମାଶୀଳ ହୁଅ (୧୪) ନିଜକୁ ଠକ ନାହିଁ, ଯାହା ଠିକ୍ ତାହା ହିଁ କରଣୀୟ (୧୫) ଧରତ୍ରୀର ଯତ୍ନ ନିଅ।

**ମହାତ୍ମାଗାନ୍ଧୀଙ୍କ ଅନୁଯାୟୀ ୭ଟି ପାପ କାର୍ଯ୍ୟ-** (୧) ପରିଶ୍ରମ ବିହୀନ ଧନ ଅର୍ଜନ (୨) ବିବେକ ବିହୀନ ଉପଭୋଗ (୩) ଚରିତ୍ର ବିହୀନ ଜ୍ଞାନ (୪) ନୈତିକତା ବିହୀନ ବ୍ୟବସାୟ (୫) ମାନବିକତା ବିହୀନ ବିଜ୍ଞାନ (୬) ତ୍ୟାଗ ବିହୀନ ଧର୍ମ (୭) ନୀତି ବିହୀନ ରାଜନୀତି।

**ଅଧ୍ୟକ୍ଷ,**
**ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା**
**ମୋ-୯୩୩୭୬୨୧୪୫୫**



ସନ୍ତୁଷ୍ଟ ଲୋକଟି କେବେହେଲେ ଦରିଦ୍ର ନୁହେଁ, ଅସନ୍ତୁଷ୍ଟ କେବେ ଧନୀ ନୁହେଁ।

# ତୁଳସୀ ଦାସ



**ବ୍ରଜକିଶୋର ଦାସ**

ପ୍ରତିଭା ସଂପନ୍ନା, ନାରୀକବି ତୁଳସୀ ଦାସ ୧୯୨୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଜଣେ ରାନ୍ଦସିକା କବୟିତ୍ରୀ, ପ୍ରତିଭା ସଂପନ୍ନା ଗୀତି କବୟିତ୍ରୀ ଭାବରେ ସେ ଯଶସ୍ୱିନୀ ହୋଇ ପାରିଛନ୍ତି। ଗ୍ରାମ୍ୟ ଭାଷାର ପ୍ରୟୋଗରେ କବିତା ରଚନା କରି ସେ ବହୁ ପାଠକୀୟ ସ୍ୱୀକୃତି ଲାଭ କରି ପାରିଥିଲେ। ତାଙ୍କ ରଚିତ 'ଅର୍ଘ୍ୟ', 'ଆଦ୍ୟରଶ୍ମି', 'ଝଡ଼ର ଝଙ୍କାର' ଇତ୍ୟାଦି କବିତା ସଂକଳନ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ ହୋଇରହିଛି। ଏହି କବିତା ପୁସ୍ତକରେ କବୟିତ୍ରୀ ତୁଳସୀ ଦାସ 'ଜୀବନ ଦର୍ଶନର ପରିପକ୍ୱଣ' 'ସାମ୍ୟବାଦୀ ଦର୍ଶନର ସ୍ୱର' ପ୍ରଦାନ କରି ନିଜ ପ୍ରାଣ ପ୍ରାଚୁର୍ଯ୍ୟ ଭରା ସୃଜନଶୀଳତାର ପରିଚୟ ପ୍ରଦାନ କରିଥିଲେ। 'ପୂଜାଫୁଲ', 'ତୀର୍ଥ ସଲିଳ' ତାଙ୍କ ଅମୃତ ଲେଖନୀର ଦୁଇଟି ହୃଦୟଗ୍ରାହୀ ସୃଷ୍ଟି । ଏହି ଦୁଇଟି ପୁସ୍ତକରେ ତାଙ୍କର ବିଭୁପ୍ରୀତି ଓ 'ପୂଜ୍ୟପୂଜା' ପ୍ରତି ଆନ୍ତରିକତାର ପରିଚୟ ମିଳିଥାଏ । ସେ ସମୟରେ ନାରୀ ଶିକ୍ଷା, ନାରୀ ସଚେତନାର ବିଶେଷ ଅଭିବୃଦ୍ଧି ନହୋଇଥିବା ବେଳେ ମଧ୍ୟ ନିଜର ସଂଗ୍ରାମ, ସାଧନା, ସାହିତ୍ୟ ପ୍ରୀତି, ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ, ଧୈର୍ଯ୍ୟ, ସାହସ, ନିରବଚ୍ଛିନ୍ନ ପୁସ୍ତକ ଅଧ୍ୟୟନ ଦ୍ୱାରା ସେ ହୋଇ ପାରିଥିଲେ ଜଣେ ଅନବଦ୍ୟା, ଅସାଧାରଣ, ବହୁ ଚର୍ଚ୍ଚିତା ନାରୀ କବୟିତ୍ରୀ, ଏପରି ଉତ୍କଳର ବରପୁତ୍ରୀ, ବାଣୀପୁତ୍ରୀଙ୍କ ପ୍ରତିଭା, ସାହିତ୍ୟିକାଙ୍କ ଅଭିଜାନ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆଜୀବନ ଐକାନ୍ତିକ ଉଦ୍ୟମ ବାସ୍ତବିକ ଚିରପୂଜ୍ୟ, ପ୍ରଶଂସନୀୟ, ଅନୁସରଣୀୟ। ଆଜି ଓଡ଼ିଶାର ସମସ୍ତ ସାହିତ୍ୟିକା ସାହିତ୍ୟ ସାଧନା ବ୍ରତୀ ବଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟର ସାହିତ୍ୟ ଉପାସକା ଛାତ୍ରୀ ସମାଜ, ସାହିତ୍ୟ ଅଧାପିକାଙ୍କ ପାଇଁ ଅବସ୍ମରଣୀୟା ତୁଳସୀ ଦାସ ହେଉଛନ୍ତି ଚିରନ୍ତନ ସ୍ମରଣ, ଦିଗ୍‌ଦର୍ଶନ, ସଂଜିବନୀମୟ ଉଦ୍‌ବୋଧନ।

**କଳଦିଆ, ନମୌଜା,**
**ଆଳି, କେନ୍ଦ୍ରାପଡ଼ା**
**ଦୂରଭାଷ-୯୭୭୭୭୩୦୪୪**

# ସିଦ୍ଧାର୍ଥ

**ନଳିନୀ ଦାଶ**

ସାଧନାରେ ସିଦ୍ଧ
ସୂର୍ଯ୍ୟପରି ସ୍ଥିର ଅବିଚଳ,
ଚନ୍ଦ୍ରପରି ଶୀତଳ
ସମୟକୁ ସହିବାର ଶକ୍ତି;
ଆଲୋକକୁ ପିଠି କରି
ଅନ୍ଧାରକୁ ମୁହଁ କରି
ଅଳନ୍ଧୁକୁ ଝାଳରେ ଧୋଇ ଦେଇ
ତୁମେ ସିଦ୍ଧ ! ସୁଗନ୍ଧିତ ସାଧନାର ପଥେ;
ତୁମ ଗୁରୁ ଗମ୍ଭୀର ସ୍ୱରରୁ
ଝଡ଼ି ପଡୁଥିଲା
କାମନାର ବିନାଶରେ ଦୁଃଖର ବିନାଶ ।।

କାମନା କି ସରିଯାଏ
ନାଁ ହୁଏ ଦୁଃଖର ରିହାତି,
ଏ ସଂସାର ଥିବାଯାଏ
କାମନାର ହୁଏନାହିଁ ଅନ୍ତ ।।
ଦୁଃଖ ଯଦି ପୃଥିବୀରୁ ସରିଯାଉଥାନ୍ତା
ମନ୍ଦିର ଦୁଆରେ
କିଆଁ କୋଟି କୋଟି ଲୋକ
ଆତୁର କଣ୍ଠରେ
ନିତି ନିତି ମୁଣ୍ଡ ପିଟୁଥାନ୍ତେ
କୁହ ସିଦ୍ଧାର୍ଥ ! କୁହ !

**ଖୋର୍ଦ୍ଧା**



ଜଣେ ଅକୃତଜ୍ଞ ଅପେକ୍ଷା ଗୋଟିଏ କୃତଜ୍ଞ କୁକୁର ଢେର ଭଲ।

# କବିର କଲମ ଏକ ଦିବ୍ୟ ଅସ୍ତ୍ର

କବିରତ୍ନ ନୂତନ କୁମାର ବେହେରା

କବିର କଲମ ନୁହଁଇ ସାମାନ୍ୟ କ୍ଷୁଦ୍ର ବସ୍ତୁଟିଏ
ସେ ଯେ ସବୁଠାରୁ ଶକ୍ତିଶାଳୀ ଦିବ୍ୟ ଅସ୍ତ୍ରଟିଏ
ଶାଣିତ ଖଣ୍ଡାରୁ ବେଶି ଧାରୁଆ ତା'ର ଧାର
କାଟିପାରେ ମହାପରାକ୍ରମୀ ଶତ୍ରୁର ଗର୍ବିତ ଶିର
ସେ କଲମ କେବେ ହୁଏ ତରବାରୀ କେବେ ବଲମ
ସମାଜ ସଂସ୍କାର ପାଇଁ କରୁଥାଏ ସଦା ସଂଗ୍ରାମ
ଗର୍ବ ଗୌରବର ଉଡାଏ ବିଜୟଧ୍ୱଜା ସତ୍ୟକୁ ଚିହ୍ନି
ଦେଶପ୍ରେମୀର ହୃଦୟେ ଜାଳି ପାରେ ବିପ୍ଳବର ବହ୍ନି
ହାତେ ଧରି ତାକୁ ଲେଖିଯାଏ କବି ଜୀବନର ତତ୍ତ୍ୱ
ଶବ୍ଦ ପଦର ବିନ୍ୟାସରେ ପ୍ରକାଶେ ଜ୍ଞାନର ମହତ୍ତ୍ୱ
କ୍ଷୁଣ୍ଣାତି ସୂକ୍ଷ୍ମ ଚିନ୍ତା ଚେତନାରୁ କହେ ଅଶେଷ
ହୃଦୟର ଭାବକୁ ଭାଷାରେ କରିଥାଏ ପରିପ୍ରକାଶ
ଜ୍ଞାନ ବିନା କର୍ମ କରିବାକୁ ଅସମର୍ଥ ହୁଏ ମଣିଷ
କବିର ସୃଜନୀ ଜ୍ଞାନାଲୋକର ରଶ୍ମି ବିଶେଷ
ରୂପ ରଙ୍ଗର ଆଡ଼ମ୍ବରରେ ରଚି କରିଥାଏ ଜୀବନ୍ତ
ଉପମା ଅଳଙ୍କାରରେ ଲାଗୁଥାଏ ଚିର ବସନ୍ତ
ନବରସରେ ସିକ୍ତ ହୋଇଥାଏ ତା' ଲାଳିତ୍ୟ ପଂକ୍ତି
ଭାବାର୍ଥରେ ଭରି ରହିଥାଏ ଅମାପ ଶକ୍ତି
ପଠନେ ପାଠକର ମନେ ଆସେ ଅସରନ୍ତି ଆନନ୍ଦ
ପାଇ ପ୍ରେରଣା ଅନ୍ତଃକରଣରୁ ହୁଏ ଉଦବୁଦ୍ଧ
କବିର କଲମ କଳ କଳ ନିନାଦିନୀ କଲ୍ଲୋଳିନୀ
ପ୍ଳାବନରେ ତାର ପ୍ଳାବିତ କରିଥାଏ ସୁନ୍ଦର ଅବନୀ
ଛନ୍ଦ ତାଳରେ ଭରିଥାଏ ଅପୂର୍ବ ରାଗ ରାଗିଣୀ
ବିଦଗ୍ଧେ ମୁଗ୍ଧରେ ହୁଅନ୍ତି ସ୍ତବ୍ଧ ଶୁଣି ତା' ଅମୃତବାଣୀ
ସେ କଲମ ଲେଖିଥାଏ ମାନବବାଦର ଜୟଗାଥା
ଦେଶ ଜାତିର ଐତିହ୍ୟ ପରମ୍ପରା ଯେତେ ପ୍ରଥା
ପ୍ରକୃତି ପୁରୁଷର ମଧୁର ମିଳନ କରୁଣ ବିଚ୍ଛେଦ କଥା
ଅନ୍ତର୍ଦାହର ଅଦେଖା ଯନ୍ତ୍ରଣା ଅସହ୍ୟ ବ୍ୟଥା
ବିକଶିତ ଫୁଲର ହସଠାରୁ ଫଗୁଣର ରଙ୍ଗ ପସରା
ଶ୍ରାବଣର ଲୁହଠାରୁ ମଲାଜହ୍ନର ମଳିନ ଚେହେରା
କଲମର ଗତି ତୀବ୍ର ପ୍ରଖର ଦୁର୍ଗମ ପଥରେ ଦୁର୍ବାର
ସମାଜର ଚିତ୍ର ଚରିତ୍ରକୁ ବର୍ଣ୍ଣିଥାଏ ଚମତ୍କାର
କବିର କଲମ ଈଶ୍ୱରଙ୍କ ଦତ୍ତ ଏକ ଦିବ୍ୟ ଅସ୍ତ୍ର
ତା'ର ଅକ୍ଳାନ୍ତ ଶ୍ରମ ସାଧନାର ପ୍ରମାଣ ଯେତେ ଶାସ୍ତ୍ର।

କୋହି, ବାରିପଦା, ମୟୂରଭଞ୍ଜ, ମୋ - ୮୦୧୮୩୫୩୩୨୨

# ଜୀବନ

ରମାକାନ୍ତ ଦାସ

ଜୀବନ,
କେବେ ଅଙ୍କାବଙ୍କା ପଥ, କେବେ ଶୁଣି ଖରାଛାଇ
କେବେ ଏନ୍ତୁଡ଼ିର ନିଆଁ, କେବେ ଶ୍ମଶାନର ଯୁଇ ।।
ଜୀବନ,
କେବେ ଦୁଃଖର ପାହାଡ଼, କେବେ ସୁନ୍ଦର ମଳୟ ପବନ
କେବେ ଅଲରା ବୁଢ଼ିଆଣୀ ଜାଲ, କେବେ ଚିରୁଡାଏ ସପନ।।
ଜୀବନ,
କେବେ ସାରୁ ପତରର ପାଣି ଫୋଟକା, କେବେ ଫୁଲର ବାଟିକା
କେବେ ଅନ୍ଧକାର ଆଲୋକିତ ଦିଶା, କେବେ ଲିଭିଯାଇଥିବା ଶିଖା।।
ଜୀବନ,
କେବେ ଛନ୍ଦହୀନ ବିମୁକ୍ତ ପବନ, କେବେ ସଂଘର୍ଷର ପଶାଖେଳ
କେବେ ସଦ୍ୟ ପ୍ରସ୍ଫୁଟିତ ଗୋଲାପଟିଏ, କେବେ ପଦ୍ମ ପତ୍ରର ଜଳ।।
ଜୀବନ,
କେବେ କଣ୍ଟକିତ ପଥ, କେବେ ଶୁଣି କୁସୁମିତ
କେବେ ମାୟା ମରୀଚିକା, କେବେ ଧୂଳି ଧୂସରିତ ।।
ଜୀବନ,
କେବେ ଅଛିଣ୍ଡା ଅଙ୍କର ସୂତ୍ର, କେବେ ତରଳ ଜଳର ବିନ୍ଦୁ
କେବେ ମରଭୂମି ତାତି, କେବେ ପ୍ରେମର ଅଥଳ ସିନ୍ଧୁ।।
ଜୀବନ,
କେବେ ଅଗଣିତ ଶୂନତା, କେବେ ବୈଶାଖର ଝାଞ୍ଜି ଖରା
କେବେ ସୁଖ ଦୁଃଖର ରଙ୍ଗମଞ୍ଚ, କେବେ ଶ୍ରାବଣର ବାରିଧାରା।।
ଜୀବନ,
କେବେ ଆଶାର ସଳିତା, କେବେ ନିରଶା ପବନ
କେବେ ଘାତ ପ୍ରତିଘାତ, କେବେ ଜୀମୂତେ ଜୀରକ ଜଳନ।।
ଜୀବନ,
କେବେ ପଲତାଳ ଦୁଃଖ, କେବେ ଦି ମୁଠା ପାଉଁଶ
କେବେ ନୟନ ଅଶ୍ରୁ, କେବେ ଶୁଖିଲା ଅଧରେ ହସ।।

ନନ୍ଦିଗ୍ରାମ, ନାଉଗାଁ,
ଜଗତ୍‌ସିଂହପୁର
ମୋ-୯୬୬୮୮୧୫୩୬୯




ସଂସାର ଭିତରେ ରହି ପବିତ୍ର ଜୀବନ କଟାଇବାରେ ବାହାଦୂରୀ ଅଛି, ସମାଜରୁ ଦୂରକୁ ପଳାଇଯିବାରେ ନାହିଁ।

# କ୍ରିକେଟ ବିଶ୍ୱକପରେ ଭାରତର ସଫଳତା



ଆଶିଷ କୁମାର ରାୟ





ଆରମ୍ଭ ହୋଇଯାଇଛି ଆଇ.ସି.ସି. କ୍ରିକେଟ ବିଶ୍ୱକପର ତ୍ରୟୋଦଶତମ ସଂସ୍କରଣ। ଭାରତ ମାଟିରେ ମଧ୍ୟ ଚତୁର୍ଥଥର ସକାଶେ ଆୟୋଜିତ ହେଉଛି କ୍ରିକେଟ ଜଗତର ଏହି ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରତିଯୋଗିତା। ପୂର୍ବରୁ ୧୯୮୭, ୧୯୯୬ ଓ ୨୦୧୧ରେ ଏହି ପ୍ରତିଯୋଗିତା ଆମ ଦେଶରେ ଖେଳା ଯାଇଥିଲେ ହେଁ ଭାରତ ଏହାର ଏକମାତ୍ର ଆୟୋଜକ ନଥିଲା। ୧୯୮୭ରେ ପାକିସ୍ତାନ ସହିତ, ୧୯୯୬ରେ ପାକିସ୍ତାନ ଓ ଶ୍ରୀଲଙ୍କା ସହିତ ଏବଂ ୨୦୧୧ରେ ଶ୍ରୀଲଙ୍କା ଓ ବାଂଲାଦେଶ ସହିତ ମିଶି ଭାରତ ଆୟୋଜନ କରିଥିଲା ଏହି ପ୍ରତିଯୋଗିତାକୁ। ତେବେ ଏଥର ବିଶ୍ୱକପର ଏହି ତ୍ରୟୋଦଶ ସଂସ୍କରଣକୁ ଭାରତୀୟ କ୍ରିକେଟ ବୋର୍ଡ ଏକାକୀ ଆୟୋଜିତ କରୁଛି ଏବଂ ଏଥିରେ ଅଂଶଗ୍ରହଣ କରୁଛନ୍ତି ଭାରତ, ଅଷ୍ଟ୍ରେଲିଆ, ଇଂଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ନେଦରଲାଣ୍ଡସ୍ ଦଳ। ପ୍ରଥମ ଦୁଇଟି ବିଶ୍ୱକପର ଚାମ୍ପିଆନ ୱେଷ୍ଟଇଣ୍ଡିଜ୍ କିନ୍ତୁ ଏଥର ପ୍ରତିଦ୍ୱନ୍ଦିତାରେ ନାହିଁ, କାରଣ ଏହି ଦଳ ଏଥର ବିଶ୍ୱକପ ସକାଶେ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ଏଥରର ବିଶ୍ୱକପରେ ପାଞ୍ଚଥରର ଚାମ୍ପିଆନ ଅଷ୍ଟ୍ରେଲିଆ ତଥା ଗତଥରର ବିଜେତା ଇଂଲାଣ୍ଡ ଦଳ ରହିଥିଲେ ହେଁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଯେ ସମ୍ଭାବ୍ୟ ବିଜେତା ସୂଚୀରେ ପ୍ରଥମ ସ୍ଥାନରେ ରହିଛି ଏହା ନିଶ୍ଚିତ। ନିଜର ପରିଚିତ ପରିବେଶରେ ନିଜ ସମର୍ଥକଙ୍କ ସମ୍ମୁଖରେ ଭାରତ ପୁଣି ୨୦୧୧ର ସଫଳତାକୁ ଦୋହରାଇବ ବୋଲି ଅନେକେ ଆଶା ରଖିଛନ୍ତି।

କ୍ରିକେଟ ବିଶ୍ୱକପରେ ଭାରତକୁ ଏହାର ପ୍ରଥମ ସଫଳତା ମିଳିଥିଲା ୧୯୮୩ରେ। କପିଲ ଦେବଙ୍କ ନେତୃତ୍ୱରେ ଭାରତୀୟ ଦଳ ବିଶ୍ୱକପରେ ବିଜୟୀ ହେବା ଥିଲା ଏକ ଅବିସ୍ମରଣୀୟ ଘଟଣା। ବିଶେଷ କରି ସେତେବେଳକୁ ଏକ ଦିବସୀୟ କ୍ରିକେଟରେ ଭାରତ ଏକ ଦୁର୍ବଳ ଦଳ ଭାବେ ରହିଥିବାରୁ ଏବଂ ପୂର୍ବବର୍ତ୍ତୀ ୧୯୭୫ ଓ ୧୯୭୯ର ବିଶ୍ୱକପରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାରୁ ଭାରତ ଯେ ୧୯୮୩ର ବିଶ୍ୱକପରେ ଚାମ୍ପିଆନ ହେବ ତାହା ଥିଲା ସମସ୍ତଙ୍କ କଳ୍ପନାର ବାହାରେ। କ୍ଲାଇବ୍ ଲୟର୍ଡଙ୍କ ୱେଷ୍ଟଇଣ୍ଡିଜ୍ ଦଳ ସେ ସମୟରେ ଥିଲା କ୍ରିକେଟ ଜଗତର ବିଶ୍ୱବିଜେତା। ୧୯୭୫ ଓ ୧୯୭୯ର ପ୍ରଥମ ଦୁଇଟି ବିଶ୍ୱକପରେ ବିଜୟୀ ହେବା ସହିତ ଟେଷ୍ଟ କ୍ରିକେଟରେ ମଧ୍ୟ ଏହି ଦଳ



ଜୀବନରେ ଯାହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ସେ ହେଉଛି ସମାଜରେ ସବୁଠାରୁ ବଳି ଦରିଦ୍ର।

ଥିଲା ପ୍ରାୟତଃ ଅପରାଜିତ। ୧୯୮୩ ବିଶ୍ୱକପର ପ୍ରଥମ ମ୍ୟାଚରେ କିନ୍ତୁ ସେହି ୱେଷ୍ଟଇଣ୍ଡିଜକୁ କପିଲ ଦେବଙ୍କ ଦଳ ପରାସ୍ତ କରିଦେଲା। ଏହି ବିଜୟ ଥିଲା ଆମ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ଭଳି। ଏହାପରେ ଜିମ୍ବାବ୍ୱେ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଲିଗ୍ ମ୍ୟାଚରେ ମଧ୍ୟ ବିଜୟ ମିଳିଲା। ଦେଖିବାକୁ ଗଲେ ସାଥୀ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ଦିଗରେ ଅଧିନାୟକ କପିଲ ଦେବ ହିଁ ଗ୍ରହଣ କରିଥିଲେ ପ୍ରମୁଖ ଭୂମିକା। ଜିମ୍ବାବ୍ୱେ ବିପକ୍ଷରେ ୫ମ ଲିଗ୍ ମ୍ୟାଚରେ ଭାରତର ୫ ଜଣ ଖେଳାଳି ମାତ୍ର ୧୭ରନରେ ଆଉଟ ହୋଇଯାଇଥିବା ସମୟରେ କପିଲ ଦେବଙ୍କ ଅପରାଜିତ ୧୭୫ରନର ଇନିଂସ ହିଁ ଭାରତକୁ ପରାଜୟର ଦ୍ୱାର ଦେଶରୁ ବାହାର କରି ବିଜୟଶ୍ରୀ ମଣ୍ଡିତ କଲା। ଏହା ଥିଲା ଏକ ଦିବସୀୟ ଆନ୍ତର୍ଜାତିକରେ ସେ ସମୟର ସର୍ବଶ୍ରେଷ୍ଠ ସ୍କୋର ଏବଂ ଭାରତର କୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ପ୍ରଥମ ଶତକ।

ଏହାପରେ ଭାରତ ସେମି ଫାଇନାଲରେ ଇଂଲାଣ୍ଡକୁ ୫ ୱିକେଟରେ ଏବଂ ଫାଇନାଲରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍‌କୁ ୪୩ ରନରେ ହରାଇ ପୂର୍ବରୁ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରି ଦେଖାଇଦେଲା। ପ୍ରକୃତରେ ଦେଖିବାକୁ ଗଲେ ୧୯୮୩ର ଜୁନ ୨୫ ତାରିଖଟି ଥିଲା ଭାରତୀୟ କ୍ରୀଡ଼ା ଇତିହାସର ଏକ ସ୍ମରଣୀୟ ଦିବସ। ଐତିହାସିକ ଲର୍ଡସ ମୈଦାନରେ ସେଦିନ ଖେଳା ଯାଇଥିବା ଚୂଡ଼ାନ୍ତ ମୁକାବିଲାରେ ଭାରତର ୧୮୩ରନର ଜବାବରେ ୱେଷ୍ଟଇଣ୍ଡିଜ୍‌ର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ତାସ୍‌ର ଘର ଭଳି ଭୁଷୁଡ଼ି ପଡ଼ିଲା ଏବଂ ଭାରତୀୟ ବୋଲରମାନେ ୧୪୦ରନରେ ସମସ୍ତ ୱିକେଟ ଦଖଲ କରିନେଲେ। ପ୍ରଥମଥର ପାଇଁ ଭାରତ ହେଲା କ୍ରିକେଟ ଜଗତର ବିଶ୍ୱବିଜେତା। ପ୍ରାୟ ସମସ୍ତ ମ୍ୟାଚରେ ଅଧିନାୟକ କପିଲ ଦେବ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିବା ବେଳେ ନିଜର ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଉଭୟ ସେମି ଫାଇନାଲ ଓ ଫାଇନାଲରେ ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଭାରତର ଉପ ଅଧିନାୟକ ମହିନ୍ଦର ଅମରନାଥ। ସେହିଭଳି ମୋଟ ୧୮ଟି ୱିକେଟ ନେଇ ରୋଜର ବିନ୍ନୀ ଏହି ବିଶ୍ୱକପର ସର୍ବାଧିକ ୱିକେଟ ହାସଲକାରୀ ହେବାର ଗୌରବ ଲାଭ କରିଥିବା ବେଳେ ୧୭ଟି ୱିକେଟ ସହିତ ତାଙ୍କ ପଛକୁ ଥିଲେ ମଦନ ଲାଲ। ଏମାନଙ୍କ ବ୍ୟତୀତ ସନ୍ଦୀପ ପାଟିଲ, କେ. ଶ୍ରୀକାନ୍ତ, ଯଶପାଲ ଶର୍ମା ଆଦିଙ୍କ ପ୍ରଦର୍ଶନ ମଧ୍ୟ ଥିଲା ବେଶ୍ ଉପଯୋଗୀ। ଏହି ବିଶ୍ୱକପ ବିଜୟ ହିଁ ଆମ ଦେଶରେ କ୍ରିକେଟର ଲୋକପ୍ରିୟତାକୁ ବହୁଗୁଣରେ ବୃଦ୍ଧି କରିଥିଲା କହିଲେ କିଛି ଭୁଲ୍ ହେବ ନାହିଁ।

ଏହାପରେ ନିଜ ଦେଶର ମାଟିରେ ୧୯୮୭ର ବିଶ୍ୱକପ ଜିତିବା ନିମନ୍ତେ କପିଲ ଦେବଙ୍କ ଦଳ ନିକଟରେ ଆଉ ଏକ ସୁଯୋଗ ଥିଲା। ତେବେ ମୁମ୍ବାଇରେ ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚରେ ଇଂଲାଣ୍ଡ ହାତରୁ ପରାଜିତ ହେବା ଯୋଗୁଁ ତାହା ସମ୍ଭବ ହୋଇ ପାରିଲାନାହିଁ। ସେହିଭଳି ୧୯୯୬ରେ ମଧ୍ୟ କୋଲକାତାରେ ଅନୁଷ୍ଠିତ ସେମି ଫାଇନାଲରେ ମହମ୍ମଦ ଅଜହରୁଦ୍ଦିନ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅତ୍ୟନ୍ତ ଶୋଚନୀୟ ଭାବେ ଶ୍ରୀଲଙ୍କାଠାରୁ ହାରିଗଲା। ଭାରତକୁ ବିଶ୍ୱକପ ଜିତିବାର ଆଉ ଏକ ସୁଯୋଗ ମିଳିଥିଲା ୨୦୦୩ରେ। ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଏହି ବିଶ୍ୱକପରେ ସୌରଭ ଗାଙ୍ଗୁଲୀଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପହଁଚିଥିଲେ ହେଁ ସେଠାରେ ଅଷ୍ଟ୍ରେଲିଆ ହାତରୁ ଏକତରଫା ପରାଜୟ ବରଣ କରିଥିଲା।

ତେବେ ୨୦୧୧ର ବିଶ୍ୱକପ ଭାରତୀୟ ଦଳପାଇଁ ପୁନର୍ବାର ସଫଳତାର ବାର୍ତ୍ତା ବହନ କରି ଆଣିଲା। ମହେନ୍ଦ୍ର ସିଂହ ଧୋନୀଙ୍କ ନେତୃତ୍ୱରେ ଦୀର୍ଘ ୨୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଦ୍ୱିତୀୟଥର ପାଇଁ ହାସଲ କଲା ବିଶ୍ୱକପ। ଏପ୍ରିଲ ୨ ତାରିଖ ରାତ୍ରିରେ ମୁମ୍ବାଇର ୱାନଖେଡ଼େ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ଛଅ ୱିକେଟରେ ବିଜୟୀ ହୋଇ ଧୋନୀବାହିନୀ ଇତିହାସର ପୁନାରାବୃତ୍ତି ଘଟାଇଲା। ଶ୍ରୀଲଙ୍କାର ୨୭୪ରନର ଜବାବରେ ଭାରତ ଚାରି ୱିକେଟ ବିନିମୟରେ ସଂଗ୍ରହ କରିନେଲା ୨୭୭ରନ। ଭାରତ ପକ୍ଷରୁ ଗୌତମ ଗମ୍ଭୀର ସର୍ବାଧିକ ୯୭ରନ କରିଥିବା ବେଳେ ଅଧିନାୟକ ଧୋନୀ ୯୧ରନରେ ଥିଲେ ଅପରାଜିତ ଏବଂ ତାଙ୍କର ଏକ ବିଶାଳ ଛକ୍କା ଦ୍ୱାରା ହିଁ ଦଳର ବିଜୟସୂଚକ ରନ ସ୍କୋର ହୋଇଥିଲା। ପୂର୍ବରୁ ଭାରତ ଅନ୍ତିମ ଲିଗ୍ ମ୍ୟାଚରେ ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜକୁ, କ୍ୱାର୍ଟର ଫାଇନାଲରେ ଚାରିଥରର ବିଜେତା ଅଷ୍ଟ୍ରେଲିଆକୁ ଏବଂ ସେମି ଫାଇନାଲରେ ୧୯୯୨ର ବିଜେତା ପାକିସ୍ତାନକୁ ହରାଇ ଫାଇନାଲକୁ ଆସିଥିଲା।

୨୦୧୧ର ଏହି ବିଶ୍ୱକପ ବିଜୟରେ ମୁଖ୍ୟତଃ ଯୁବରାଜ ସିଂହଙ୍କ ଅଲରାଉଣ୍ଡ ପ୍ରଦର୍ଶନ ହିଁ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା। ମୋଟ ନଅଟି ମ୍ୟାଚରେ ସେ ୩୬୨ରନ କରିବା ସହିତ ୧୫ଟି ୱିକେଟ ନେଇ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିର ପୁରସ୍କାର ହାସଲ କରିଥିଲେ। ତାଙ୍କ ବ୍ୟତୀତ ଏହି ସଫଳତାରେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍‌ୱାଗ, ଗୌତମ ଗମ୍ଭୀର, ବିରାଟ କୋହଲୀ, ଜାହିର ଖାନ୍, ହରଭଜନ ସିଂହ ତଥା ମହେନ୍ଦ୍ର ସିଂହ ଧୋନୀଙ୍କ ଅବଦାନ ମଧ୍ୟ କିଛି କମ ନଥିଲା। ଏହି ବିଶ୍ୱକପ ବିଜୟ ପରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୧୫ର ବିଶ୍ୱକପରେ ଧୋନୀଙ୍କ ନେତୃତ୍ୱରେ ଏବଂ ଇଂଲାଣ୍ଡରେ ଅନୁଷ୍ଠିତ ୨୦୧୯ର ଗତ ବିଶ୍ୱକପରେ ବିରାଟ କୋହଲୀଙ୍କ ନେତୃତ୍ୱରେ ଭାରତ ସେମି ଫାଇନାଲରେ ପରାଜିତ ହୋଇ ବିଦାୟ ନେଇଛି। ତେବେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଏଥର ଭାରତ ତୃତୀୟଥର ସକାଶେ ଆଇ.ସି.ସି. ଏକଦିବସୀୟ ବିଶ୍ୱକପରେ ଚାମ୍ପିଆନ ହେବ ବୋଲି ଅନେକେ ଆଶା ରଖିଛନ୍ତି।

ମୋ - ୯୪୩୭୬୨୭୫୧୪

# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ହୁଙ୍ଗା-ଟୋଙ୍ଗା-ହୁଙ୍ଗା ହା ଆପଲ -** ୨୦୨୨ ମସିହା ଜାନୁଆରୀ ୧୫ ତାରିଖରେ ଦକ୍ଷିଣ ପ୍ରଶାନ୍ତ ମହାସାଗରର ଟୋଙ୍ଗା ଦ୍ୱୀପ ନିକଟସ୍ଥ ସମୁଦ୍ର ଗର୍ଭରେ ରହିଥିବା ଏକ ଆଗ୍ନେୟଗିରୀରୁ ଯେଉଁ ଭୟଙ୍କର ଉଦଗୀରଣ ହେଲା ସେଥିରେ ପ୍ରାୟ ୧୫୦ ମିଲିଅନ ଟନର ଜଳରାଶି ବାଷ୍ପୀଭୂତ ହୋଇ ଆମ ବାୟୁମଣ୍ଡଳର ୧୨ କିମିରୁ ୫୦ କି.ମି. ମଧ୍ୟରେ ଥିବା ଷ୍ଟ୍ରାଟୋସ୍ଫିଅରକୁ ବ୍ୟାପିଗଲା । ଏହାର ନାମକରଣ ହୁଙ୍ଗା-ଟୋଙ୍ଗା-ହୁଙ୍ଗା ହା ଆପଲ କରାଯାଇଥିଲା । ଜାପାନର ହିମାୱାରୀ-୮ ନାମକ ଉପଗ୍ରହ ଫଟୋ ଜରିଆରେ ଏହାକୁ ପ୍ରଥମେ ଚିହ୍ନଟ କରାଯାଇଥିଲା । କୋଲୋରାଡୋ ସ୍ଥିତ ନେସନାଲ ସେଂଟର ଫର ଆଟମସଫିଅରିକ ରିସର୍ଚ୍ଚର ବୈଜ୍ଞାନିକ ହୋଲଗର ଭୋଏମେଲଙ୍କ ମତରେ ମାନବ ଜୀବନକାଳରେ ଏପରି ଘଟଣା ଥରେ ମାତ୍ର ସଂଘଟିତ ହୋଇଥାଏ । ତାଙ୍କ ମତରେ ଏହି ବାଷ୍ପ ସ୍ତର ଆକାଶରେ ବର୍ଷ ବର୍ଷ ଧରି ଆଚ୍ଛାଦିତ ହୋଇ ରହିବା ଫଳରେ ପୃଥିବୀର ଜଳବାୟୁ ମଣ୍ଡଳରେ ବିରାଟ ପରିବର୍ତ୍ତନ ଦେଖା ଦେଇପାରେ । ଏହା ଓଜନ ସ୍ତରକୁ ମଧ୍ୟ କ୍ଷତି ପହଂଚାଇପାରେ । କାରଣ ଏଥିରୁ ନିର୍ଗତ ଗନ୍ଧକର ସ୍ତର ସୂର୍ଯ୍ୟ କିରଣର ଆଗମନକୁ ଶିଥିଳ କରି ଦେଇପାରେ । ସମୁଦ୍ର ଗର୍ଭରୁ ଏହି ଉଦଗୀରଣ ହେଉ ଥିବାରୁ ଅପେକ୍ଷାକୃତ ଅଧିକ ପରିମାଣର ଜଳୀୟବାଷ୍ପ ଆକାଶକୁ ଯାଉଥିବାରୁ ଏହା ସବୁଜଗୃହ ପ୍ରଭାବ ସୃଷ୍ଟି ପୂର୍ବକ ସେହି ଅଂଚଳର ତାପମାତ୍ରାକୁ ବୃଦ୍ଧି କରିଦିଏ । କିନ୍ତୁ ଅନ୍ୟ ଜଣେ ପରିବେଶବିତ କାରେନ ରୋସେନଲଫଙ୍କ ମତରେ ଏହି ତାପମାତ୍ରା ବୃଦ୍ଧି କ୍ଷଣସ୍ଥାୟୀ ଏବଂ ସ୍ୱଳ୍ପ ହୋଇପାରେ । କିନ୍ତୁ ନିଜ ଜୀବଦ୍ଦଶାରେ ଏହା ପ୍ରଥମ ଘଟଣା ହୋଇ ଥିବାରୁ ଏ ସଂପର୍କରେ ବିଶେଷ କିଛି ଆକଳନ କରିବା ସମ୍ଭବ ହେଉନାହିଁ ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି ।

**ଉଦଜାନ ଚାଳିତ ଟ୍ରେନ -** ଭାରତରେ ଅତି ଅଳ୍ପ ଦିନ ମଧ୍ୟରେ ଉଦଜାନ ଚାଳିତ ଟ୍ରେନର ବ୍ୟବହାର ହେବାକୁ ଯାଉଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ପ୍ରକାଶ କରିଛନ୍ତି । ଚେନ୍ନାଇ ସ୍ଥିତ ଇଂଟିଗ୍ରାଲ କୋଚ ଫ୍ୟାକ୍ଟ୍ରିରେ ଏହାକୁ ନିର୍ମାଣ କରାଯାଇଛି । ବିଶ୍ୱର ଏହିପରି ୫ମ ଟ୍ରେନ ହିସାବରେ ଏହା ଘଣ୍ଟାକୁ ୧୮୦ କିମି ବେଗରେ ଗତି କରିପାରିବ । ଏହାର ବିଶେଷତ୍ୱ ହେଲା ଏହି ଯେ ଏତେ ତୀବ୍ର ଗତିରେ ଯାଉଥିଲେ ମଧ୍ୟ ଯାତ୍ରୀମାନେ ଏହାକୁ ଅନୁଭବ କରିପାରିବେ ନାହିଁ । ବିଭାଗର ଇଞ୍ଜିନିୟରମାନଙ୍କ ମତ ଥିଲା, ଏହି ଟ୍ରେନର ଯନ୍ତ୍ରାଂଶ ବିଦେଶରୁ ଆମଦାନୀ କରିବାକୁ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏହାକୁ ନିଜ ଦେଶରେ ତିଆରି କରାଯାଇ ନିର୍ଦ୍ଧାରିତ ସମୟରେ ଉପଯୋଗ କରାଗଲା । ଏହି ଧାରାରେ ଆଇଆଇଟି ମାଡ୍ରାସ ଦ୍ୱାରା ହାଇପରଲୁପ ବିକଶିତ ହେଉଛି ଯଦ୍ୱାରା ଗାଡିର ଗତିକୁ ଘଂଟା ପ୍ରତି ୭୦୦ କିମି ବେଗକୁ ବୃଦ୍ଧି କରାଯାଇପାରିବ । ଜାପାନରେ ବୁଲେଟ ଟ୍ରେନର ଗତିକୁ ୦ ରୁ ୧୦୦କୁ ଆଣିବାକୁ ୫୫ ସେକେଣ୍ଡ ଲାଗିଲା ବେଳେ ଭାରତରେ ବନ୍ଦେ ଭାରତ ଏକ୍ସପ୍ରେସର ବେଗକୁ ୫୨ ସେକେଣ୍ଡରେ ଆଣିବା ସମ୍ଭବ ହେଉଛି । ଉଦଜାନରେ ଚାଲିଲେ ବାୟୁ ମଣ୍ଡଳର ପ୍ରଦୂଷଣକୁ ରୋକାଯିବା ସହ ବିଦ୍ୟୁତ ଶକ୍ତିର ସଂରକ୍ଷଣ କରା ଯାଇ ପାରିବ ।

**ଅଙ୍ଗଦାନ ଏକ ମହତ ଦାନ -** ମନୁଷ୍ୟ ମରିଗଲା ପରେ ତା'ର ଆଉ କୌଣସି ଅଙ୍ଗର ଆବଶ୍ୟକତା ନଥାଏ, କିନ୍ତୁ ଯଦି ଏହାକୁ ସଠିକ ସମୟରେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯାଏ, ତେବେ ସେହି ବ୍ୟକ୍ତିଟି ନିଜର ଜୀବନ ରକ୍ଷା ପୂର୍ବକ ଏକ ଭିନ୍ନ ଉନ୍ନତ ଜୀବନକୁ ଆବୋରିଥାଏ । ଭାରତରେ ବର୍ଷକୁ ଏହିପରି ୨.୫ ଲକ୍ଷ ଲୋକ କିଡନୀ, ୮୦,୦୦୦ ଲୋକ ଲିଭର, ୫୦,୦୦୦ ଲୋକ ହୃତପିଣ୍ଡ ଓ ୧ ଲକ୍ଷ ଲୋକ ଚକ୍ଷୁ ପ୍ରତିରୋପଣ ଅପେକ୍ଷାରେ ଥାଆନ୍ତି । କିନ୍ତୁ ଅଙ୍ଗଦାନ କରୁଥିବା ବ୍ୟକ୍ତିକୁ କେତୋଟି ନିୟମ କାନୁନ ମଧ୍ୟ ଦେଇ ଯିବାକୁ ହୋଇଥାଏ । ଏଥିପାଇଁ ଏକ ଇଚ୍ଛାପତ୍ରରେ ସ୍ୱାକ୍ଷର କରିବାକୁ ପଡିଥାଏ । ଆମ ଦେଶରେ ଏଥିପାଇଁ ୨୦୧୩ ମସିହାରେ ଏକ ଆନ୍ଦୋଳନ ଆରମ୍ଭ ହେଲା, ଯେଉଁଥିରେ ପ୍ରଭାବିତ ହୋଇ ପ୍ରାୟ ୧.୭୨ ଲକ୍ଷ ଲୋକ ଏହି ଇଚ୍ଛାପତ୍ରରେ ସ୍ୱାକ୍ଷର କରିଛନ୍ତି, ଯଦ୍ୱାରା ୧.୩ ମିଲିଅନ ଲୋକଙ୍କ ଜୀବନ ରକ୍ଷା ହୋଇ ପାରିବ । କୋଭିଡ ସମୟରେ ଏହି ଧାରାରେ ପ୍ରାୟ ୭୦% ଅବକ୍ଷୟ ଦେଖିବାକୁ ମିଳିଥିଲା । ଏହି ଆନ୍ଦୋଳନକୁ ପ୍ରୋତ୍ସାହିତ କରିବାକୁ କେତେକ ରାଜ୍ୟ ଅଙ୍ଗଦାନ ବିଷୟକୁ ପାଠ୍ୟପୁସ୍ତକରେ ସାମିଲ କଲେଣି । ଜଣେ ବ୍ୟକ୍ତି ଅଙ୍ଗଦାନ ଦ୍ୱାରା ପ୍ରାୟ ଆଠ ଜଣ ବ୍ୟକ୍ତିଙ୍କୁ ନୂତନ ଜୀବନ ପ୍ରଦାନ କରିପାରେ । ଆମ ଦେଶରେ ଏ କ୍ଷେତ୍ରରେ କାର୍ଯ୍ୟରତ ଶହଶହ ଅନୁଷ୍ଠାନ ମଧ୍ୟରେ ଏସବିଆଇ ଫାଉଣ୍ଡେସନ, ଟାଟା ଟ୍ରଷ୍ଟ, ଟେକ ମହିନ୍ଦ୍ରା, ଓ ସାନୋଫୀ ପ୍ରମୁଖ ଅଟନ୍ତି, ଯେଉଁମାନେ ସଚେତନତା ସୃଷ୍ଟି ସହିତ ଆର୍ଥିକ ସହାୟତା ଓ ମେଡିକାଲ ଷ୍ଟାଫ ମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି । ଯଦି ଏ ସଂପର୍କରେ ଅଧିକ ଜାଣିବାକୁ ଚାହାନ୍ତି ତେବେ **organdonationday.in** ୱେବସାଇଟକୁ ଭିଜିଟ କରନ୍ତୁ କିମ୍ବା ୮୮୮୨୧୧୦୦୮୮ ନମ୍ବରରେ ମିସକଲ୍ ଦିଅନ୍ତୁ ।

**ହୀରାକୁଦ ବନ୍ଧର ଜଳ ଧାରଣ କ୍ଷମତା –** ରୁରକି ସ୍ଥିତ ଜାତୀୟ ହାଇଡ୍ରୋଲୋଜୀ ପ୍ରତିଷ୍ଠାନର ଏକ ସର୍ଭେରୁ ଜଣା ଯାଇଛି ଯେ ବିଗତ ୬୪ ବର୍ଷ ମଧ୍ୟରେ ପଟୁମାଟି ଜମିବା ଏବଂ ସରକାରଙ୍କ ତରଫରୁ କୌଣସି ବିହୀତ ପଦକ୍ଷେପ ନିଆ ନଯିବା ହେତୁ ବନ୍ଧର ଜଳ ଧାରଣ କ୍ଷମତା ପ୍ରାୟ ୨୪.୭% ହ୍ରାସ ପାଇଛି । ୧୯୫୬ ମସିହାରେ ଏହାର କ୍ଷମତା ୫,୮୪୨.୮୮ ମିଲିଅନ କ୍ୟୁବିକ ମିଟର ଥିଲାବେଳେ ଏବେ ୨୦୨୦ ମସିହାରେ ତାହା ୧,୪୪୨.୮୮ କୁ ଖସି



ଯଦି ବନ୍ଧୁ ଏବଂ ଶତ୍ରୁ ଉଭୟଙ୍କୁ ଏକ ସମୟରେ କ୍ଷମା କରିବାର ଥାଏ, ତେବେ ପ୍ରଥମେ ଶତ୍ରୁକୁ କ୍ଷମା କର ।


ଯାଇଛି । ଆଇଆଇଟି ଖଡଗପୁରର ପ୍ରଫେସର ଧ୍ରୁବଜ୍ୟୋତି ସେନ ବୃନେସ ଟ୍ରାପ ଏଫିସିଏନ୍ସି ଆଣ୍ଡ ଷ୍ଟେପ ମେଥଡ ପ୍ରୟୋଗରୁ ଜାଣି ପାରିଛନ୍ତି ଯେ ୨୧୧୦ ମସିହା ବେଳକୁ ଏହି ପଟୁମାଟିର ସ୍ତର ୧୯୨.୦୨ ମିଟରକୁ ବୃଦ୍ଧି ପାଇବ ଫଳରେ ୨୧୫୦ ମସିହା ବେଳକୁ ଏହି ନଦୀବନ୍ଧଟି ସଂପୂର୍ଣ୍ଣ ଭାବେ ପୋତି ହୋଇଯିବ । କିନ୍ତୁ ଡ୍ୟାମ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର କରନ୍ତି । ସେମାନଙ୍କ ମତରେ ମହାନଦୀର ଉପର ମୁଣ୍ଡରେ କେତେକ ନିର୍ମାଣ ଫଳରେ ବିଗତ କିଛି ବର୍ଷରେ ପଟୁମାଟି ଆସିବା ପ୍ରକ୍ରିୟାରେ ହ୍ରାସ ଘଟିଛି ଏବଂ ପ୍ରତିବର୍ଷ ବନ୍ୟା ଜଳ ସ୍ଲୁଇସ ଗେଟ ଦେଇ ନିଷ୍କାସନ ହେଲାବେଳେ ଡ୍ୟାମର ୮୩ କିମି ପରିମିତ ଅଂଚଳ ମଧ୍ୟରୁ ୪୦ କିମି ଏରିଆର ମାଟି ଆପେ ଆପେ ଜଳସ୍ରୋତରେ ଖାଲି ହୋଇ ଯାଉଛି ତେଣୁ କେବେବି ଡ୍ୟାମ ସଂପୂର୍ଣ୍ଣ ଭାବେ ପୋତି ହେବ ନାହିଁ ।

# ଆମେ ବ୍ୟବହାର କରୁଥିବା ମହୁ କେତେ ବିଶୁଦ୍ଧ ?



ଆମ ସ୍ୱାସ୍ଥ୍ୟ ପାଇଁ ପ୍ରକୃତି ଉତ୍ସରୁ ମିଳୁଥିବା ବିଶୁଦ୍ଧ ପଦାର୍ଥ ଗୁଡିକ ମଧ୍ୟରୁ ମହୁ ବା ମଧୁ ଅନ୍ୟତମ । ଆୟୁର୍ବେଦ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ସଂପର୍କରେ ବର୍ଣ୍ଣନା ରହିଛି। ଭାରତରେ କି ଗରିବ କି ଧନୀ ସମସ୍ତଂକ ଘରେ ମହୁ ନିଶ୍ଚିତ ଭାବରେ ପାଇବେ । ଅଧିକାଂଶ କବିରାଜୀ ଔଷଧକୁ ମହୁ ସହ ଖାଇବାକୁ ପଡେ । ସାଧାରଣ ଥଣ୍ଡା କିମ୍ବା କାଶ ପାଇଁ ମହୁ ସହ ଅଦା ଗୋଲମରିଚ ଏବଂ ତୁଳସୀ ମିଶାଇ ଖାଇବାକୁ କୁହାଯାଏ । ସକାଳୁ ଖାଲି ପେଟରେ ଲେମ୍ବୁ ପାଣିରେ ମହୁ ମିଶାଇ ପିଇଲେ ମେଦବୃଦ୍ଧି ହୁଏ ନାହିଁ ବୋଲି କବିରାଜମାନେ ଦାବି କରନ୍ତି । ଏପରି ହୋଇଛି ଯେ ଆଜିକାଲି ଜଳଖିଆରେ ମଧ୍ୟ ପାଉଁରୁଟି ସହ ମହୁକୁ ଲଗାଇ ଅନେକେ ଖାଉଛନ୍ତି । କହିବାର ତାତ୍ପର୍ଯ୍ୟ ହେଲା ମହୁ ଏକ ଅତ୍ୟାବଶ୍ୟକୀୟ ଔଷଧିୟ ଖାଦ୍ୟ ଅଟେ ।

**ଏହା ସଂଗୃହୀତ ହୁଏ କିପରି ?** ପୂର୍ବେ ଜଙ୍ଗଲରୁ ମହୁକୁ ଜନଜାତିର ଲୋକେ ସଂଗ୍ରହ କରୁଥିଲେ । ଗଛ ଉପରେ ବଡ ବଡ ମହୁଫେଣାରେ ମହୁ ଭର୍ତ୍ତି ହୋଇଗଲା ପରେ ମାଛିମାନେ ଉଡିଯାନ୍ତି କିମ୍ବା କୃତ୍ରିମ ରୂପେ ସେମାନଙ୍କୁ ବିତାଡିତ କରି ଦେଲାପରେ ଏହି ଫେଣାକୁ ଚିପୁଡି ମହୁ ସଂଗ୍ରହ କରାଯାଏ । ଭାରତରେ ବହୁ ପୁରାତନ କାଳରୁ ୩ ପ୍ରକାର ମହୁମାଛି ଦେଖାଯାଆନ୍ତି, ଏମାନେ ହେଲେ ୧) **Indian Rock bee (Apis dorsata)** ୨) **Indian Honey bee (Apis cerana)** ୩) **Dwarf Honey bee (Apis florea)** କିନ୍ତୁ ପ୍ରଥମେ ୧୯୬୫ ମସିହାରେ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ ତରଫରୁ **Italian honey bee( Apis mellifera )** ଆମଦାନୀ କରାଗଲା । ଏମାନଙ୍କ ମଧ୍ୟରୁ ଆପିସ୍ ସେରୋନା ବର୍ଷକୁ ପ୍ରାୟ ୪-୫ କେଜି ମହୁ ଦେଲାବେଳେ ଆପିସ୍ ମେଲିଫେରା ଠାରୁ ୨୦-୨୫ କେଜି ଏବଂ ଆପିସ ଡୋର୍ସାଟା ଠାରୁ ପ୍ରାୟ ୪୦ କେଜି ମହୁ ମିଳେ । କିନ୍ତୁ ଏହି ଶେଷ ପ୍ରକାରର ମହୁ ସେତେଟା ଉଚ୍ଚ ମାନର ନୁହଁ ।



ଏହାର ଚାହିଦା ଧିରେ ଧିରେ ବଢିବାରୁ ପ୍ରକୃତିରୁ ମିଳୁଥିବା ମହୁ ଯଥେଷ୍ଟ ହେଲା ନାହିଁ । ତେଣୁ କୃତ୍ରିମ ଭାବେ ଏହାକୁ ଚାଷ କରିବା ଆରମ୍ଭ ହେଲା । ବିଭିନ୍ନ ଫୁଲରୁ ମହୁମାଛିମାନେ ମହୁ ସଂଗ୍ରହ କରି ତାଙ୍କ ନିର୍ମିତ ବସାରେ ରଖନ୍ତି । ଏକ ଉତ୍ତମ ଗୁଣର ମହୁରେ ଜଳର ପରିମାଣ ୧୮-୨୦% ରହିବା ଉଚିତ। ଏହା ପାକଳ ଅବସ୍ଥାରେ ସମ୍ଭବ । କିନ୍ତୁ ଯଦି ଆଗରୁ ଏହାକୁ କାଢି ନିଆଯାଏ ତେବେ ଏଥିରେ ପ୍ରାୟ ୨୫% ଜଳ ରହିଯାଏ । ଏହି ମହୁମାଛିମାନଙ୍କ ଦ୍ୱାରା ମହୁରୁ ଜଳ ଅପସାରଣ ଏକ ନିଆରା ଢଙ୍ଗରେ ହୋଇଥାଏ । ସେମାନେ ମହୁ ଥିବା ବସା ଆଗରେ ନିଜ ପକ୍ଷକୁ ପଙ୍ଖା ସଦୃଶ ହଲାଇ ସେଥିରୁ ଜଳକୁ ବାଷ୍ପାକାରରେ ବାହାର କରି ଦିଅନ୍ତି । ବୈଜ୍ଞାନିକ ପଦ୍ଧତିରେ ମହୁଚାଷ ପାଇଁ ୨ ଥାକ ଥିବା ବାକ୍ସ ବ୍ୟବହାର କରିବାକୁ କୁହାଯାଏ । ଏଥିରୁ ଉପର ଥାକର ମହୁ ସଂଗ୍ରହ କଲାପରେ ତଳ ଥାକର ମହୁକୁ ମହୁମାଛିଙ୍କ ଖାଦ୍ୟ ପାଇଁ ଛାଡି ଦେବା ଉଚିତ କିନ୍ତୁ ଆଜିକାଲି ଏକ ଥାକିଆ ବାକ୍ସ ବ୍ୟବହାର କରା ଯାଉଛି ଏବଂ ସବୁ ମହୁକୁ କାଢି ନେଇ ଚିନି ସିରାକୁ ସେଠାରେ ମାଛିଙ୍କ ଖାଦ୍ୟ ପାଇଁ ଛାଡି ଦିଆଯାଉଛି । ଫଳରେ ଏଥିରୁ ସଂଗୃହୀତ ମହୁରେ ଅଧିକ ପରିମାଣର ଚିନି ଥିବାର ଜଣାପଡିଛି ।

ପ୍ରଥମେ ୨୦୦୩ ମସିହାରେ ଭାରତରୁ ଏକ ନାମୀ କଂପାନୀ ଦ୍ୱାରା ଯୁକ୍ତ ରାଜ୍ୟକୁ ପ୍ରେରିତ ମହୁକୁ ଫେରାଇ ଦିଆଯାଇଥିଲା କାରଣ ସେଥିରେ **Streptomycin** ନାମକ ଆଂଟିବାୟୋଟିକ୍ସ ମିଶ୍ରିତ ହୋଇ ରହିଥିଲା । ସେହିପରି ୨୦୧୦ ମସିହାରେ ୟୁରୋପକୁ ରପ୍ତାନୀ ହୋଇଥିବା ମହୁକୁ ଫେରାଇ ଦିଆଗଲା କାରଣ ସେଥିରେ ମଧ୍ୟ ଏହି ଆଂଟିବାୟୋଟିକ୍ସ ସହିତ କେତେକ ଭାରି ଧାତୁ ମିଶିଥିବାର ଜଣା ପଡିଥିଲା । ପରୀକ୍ଷଣରୁ ଜଣା ପଡିଥିଲା ଯେ କେବଳ ଏହି ଆଂଟିବାୟୋଟିକ୍ସ ନୁହେଁ ତା ସହିତ **Nitrofurans ,Tetracyclins ,Chloroamphenicol ,Benzoic acid** ଏବଂ ଭାରି ଧାତୁ ଯଥା ସୀସା, ପାରଦ ଓ କାଡ୍ମିଅମ ମଧ୍ୟ ଏଥିରେ ମିଶିକରି ରହିଥିଲା । ଏହାପରେ ଆମ ଦେଶର ଏକ ସଂସ୍ଥା **Agricultural Processed Food Product Export Development Agency ( APEDA )** ଦ୍ୱାରା ୨୦୦୫ ପରଠୁ ବିଦେଶକୁ ରପ୍ତାନୀ ହେଉଥିବା ମହୁର ନମୁନା ପରୀକ୍ଷଣ କରି

ଜାଣିଲେ ଯେ ପ୍ରତ୍ୟେକରେ ବିଭିନ୍ନ ପ୍ରକାର ଆଂଟିବାୟୋଟିକ୍ସ ଭିନ୍ନ ଭିନ୍ନ ମାତ୍ରାରେ ମିଶି ରହୁଛି । ଏହା ସ୍ୱତଃସିଦ୍ଧ ଯେ ଯେଉଁ ମହୁକୁ ବିଦେଶୀ ରାଷ୍ଟ୍ରମାନେ ଫେରାଇଦେଲେ ତାହାକୁ ଆମ ଦେଶର ଲୋକେ ଚଢା ଦରରେ କିଣିଲେ । ତେବେ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ବି ସଂସ୍ଥା ନାହାନ୍ତି, ଯେଉଁମାନେ ମହୁର ଗୁଣକୁ ପରୀକ୍ଷା କରିବେ ଏବଂ ସ୍ଥିର କରିବେ ଯେ ଏହା ମନୁଷ୍ୟ ବ୍ୟବହାର ଉପଯୋଗୀ ଅଟେ କି ନୁହେଁ । ତେବେ ପ୍ରଶ୍ନ ଉଠେ ଯେ ଏ ମହୁକୁ ଆଂଟିବାୟୋଟିକ୍ସ ଆସିଲା କିପରି ?

ଯେତେବେଳେ ଆମ ଦେଶରେ ମହୁ ଉତ୍ପାଦନ ଲକ୍ଷ୍ୟରେ ନୂଆ, ନୂଆ ପ୍ରଜାତିର ମହୁମାଛି ଅଣାଗଲା ତାଙ୍କ ସହିତ ନୂଆ ନୂଆ ରୋଗ ମଧ୍ୟ ଆସିଲା। ୨୦୦୫ ମସିହାରେ ଭେରୋଆ ନାମକ ଉଈ ଯୋଗୁଁ ୨୫%ଆପିସ୍ ମେଲିଫେରା ମହୁମାଛି ମରିଗଲେ। ପ୍ରକୃତରେ ଏହି ଉଈ ନେପାଳରୁ ଆନିତ ରାଣୀ ମହୁମାଛି ସଂଗରେ ଆସିଥିଲା । ଇଟାଲିରୁ ଆଣି ଭାରତରେ ପାଳନ କରାଯାଇଥିବା ଏହୁ ମହୁମାଛିମାନଙ୍କ ରୋଗ ପ୍ରତିରୋଧକ ଶକ୍ତି କମ ଥିଲା । ଫଳରେ ସେହି ଏକା ସମୟରେ ମହାରାଷ୍ଟ୍ରରେ **Europian Foul brood** ରୋଗରେ ଆଉ କିଛି ମାଛି ମଧ୍ୟ ମୃତ୍ୟୁବରଣ କଲେ । ସେହିପରି ୧୯୯୦ରେ ଥାଇସାକ୍ ବୃଡ୍ ନାମକ ରୋଗରେ ଆପିସ୍ ସେରୋନା ଗୋଷ୍ଠୀର ମହୁମାଛି ମରିବା ଆରମ୍ଭ କଲେ। ୧୯୯୩ରୁ ୨୦୧୦ ମଧ୍ୟରେ ପ୍ରାୟ ୯୩,୦୦୦ କଲୋନୀର ମହୁମାଛି ମୂଳପୋଛ ହୋଇଗଲେ । କହିବା ବାହୁଲ୍ୟ ଏହି କି ଯେ ଏହି ରୋଗର ଦମନ ପାଇଁ ବିଭିନ୍ନ ଆଂଟିବାୟୋଟିକ୍ସ ବ୍ୟବହାର ପାଇଁ ପରାମର୍ଶ ଦିଆଗଲା । ଯେପରିକି ୟୁରୋପିଆନ୍ ଫାଉଲ ବୃଡ୍ ରୋଗପାଇଁ ଅକ୍ସିଟେଟ୍ରାସାଇକ୍ଲିନ୍ ଦେବାକୁ କୁହାଗଲା । ଏହାକୁ ଚିନି ସହ ମିଶାଇ ମାଛିଙ୍କୁ ଦିଆଗଲା । ଏହା ସୂଚୀତ କରାଯାଇଥାଏ ଯେ ମହୁ ଝରିବା ଅବସ୍ଥାରେ କୌଣସି ଔଷଧ ଦେବା ଉଚିତ ନୁହେଁ । କିନ୍ତୁ ଏହି ନିୟମକୁ କେହି ମାନନ୍ତି ନାହିଁ । ସେହିପରି ରାଣୀ ମହୁମାଛିର ଅଣ୍ଡା ଦେବା କ୍ଷମତା ବୃଦ୍ଧି କରିବା ପାଇଁ ଅକ୍ସିଟେଟ୍ରାସାଇକ୍ଲିନ୍‌କୁ ବ୍ୟବହାର କରାଗଲା । ସେହିପରି ପିଂପୁଡି କବଳରୁ ମାଛିକୁ ରକ୍ଷା କରିବାକୁ ଡେଲ୍ଟାମେଥ୍ରୀନ୍, ମିଥାଇଲ ପାରାଥିଅନ୍ ଆଦି ମାରାତ୍ମକ କୀଟନାଶକ ବ୍ୟବହାର କରାଗଲା ।

ବୈଜ୍ଞାନିକଙ୍କ ମତରେ ସମସ୍ତ ପ୍ରକାର ରୋଗ ନିମନ୍ତେ ଫର୍ମିକ୍ ଓ ଅକ୍‌ଜାଲିକ୍ ଅମ୍ଳ ବ୍ୟବହାର କରିବା ବିଧେୟ କିନ୍ତୁ ମହୁଚାଷୀମାନେ ନିର୍ବିକାର ଭାବରେ ବିଭିନ୍ନ ପ୍ରକାର ଆଂଟିବାୟୋଟିକ୍ସ ସବୁ ବ୍ୟବହାର କରିଥାନ୍ତି । ମହୁମାଛିମାନେ ଜଳଶୋଷୀ ଅଟନ୍ତି । ଫଳରେ ଏହି କୀଟନାଶକ ଏବଂ ଔଷଧ ସବୁକୁ ନିଜ ଶରୀର ମଧ୍ୟକୁ ଜଳୀୟ ଦ୍ରବଣ ରୁପେ ନେଇ ଯାଆନ୍ତି । ଯାହାକି ମହୁର ନମୁନାରେ ମଧ୍ୟ ଆସିଥାଏ । ଏହି ଆଂଟିବାୟୋଟିକ୍ସ ର ଉପସ୍ଥିତି ଆକଳନ କରିବାକୁ **Centre for Science and Environment** ତରଫରୁ ୧୧ଟି ଦେଶୀ କଂପାନୀ ଏବଂ ୨ଟି ବିଦେଶୀ କଂପାନୀର ମହୁକୁ ବିଶ୍ଲେଷଣ କରାଯାଇଥିଲା ।ଏଥିରୁ ୫୦ % ନମୁନାରେ ଅକ୍ସିଟେଟ୍ରାସାଇକ୍ଲିନ୍‌ର ମାତ୍ରା କେଜି ପ୍ରତି ୨୭.୧ ରୁ ୨୫୦.୪ ମାଇକ୍ରୋଗ୍ରାମ୍ ଥିଲା । ସେହିପରି ୨୫% ନମୁନାରେ କ୍ଲୋରାଂଫେନିକଲ୍‌ର ମାତ୍ରା କେଜି ପ୍ରତି ୩.୬ରୁ ୫.୪ ମା;ଗ୍ରା, ୨୭% ନମୁନାରେ ଆମ୍ପିସିଲିନ୍‌ର ମାତ୍ରା ୧୦.୧ରୁ ୬୧୪.୨ ମା;ଗ୍ରା;, ୮୩ % ନମୁନାରେ ଏନ୍ରୋଫ୍ଲକ୍ସାସିନ୍ ୧୦.୯ରୁ ୧୪୪.୮ ମା;ଗ୍ରା, ୪୨% ନମୁନାରେ ଏରିଥ୍ରୋମାଇସିନ୍‌ର ମାତ୍ରା ଥିଲା ୬୯.୭ରୁ ୨୮୦.୩ ମା;ଗ୍ରା;/କେଜି ।

ଏଥିରୁ ଅନୁମାନ କରନ୍ତୁ ଆମ ଶରୀରକୁ କୌଣସି କାରଣ ନଥାଇ ମହୁ ମାଧ୍ୟମରେ କେତେ ଆଂଟିବାୟୋଟିକ୍ସ ପ୍ରବେଶ କରୁଛି । ଆମେ ଯେତେବେଳେ ଆମ ଶରୀର ମଧ୍ୟକୁ ଏତେ ଆଂଟିବାୟୋଟିକ୍ସ ନେଉଛୁ ସେ ସମୟରେ ଜାଣିବା ଉଚିତ ଯେ ଏ ଗୁଡିକ ଆମର କି କ୍ଷତି କରନ୍ତି । କୌଣସି ପ୍ରକାର ଜୀବାଣୁ ସଂକ୍ରମଣ ଜନିତ ରୋଗର ଉପଶମ ପାଇଁ ଆଂଟିବାୟୋଟିକ୍ସ ଏକ ଅମୋଘ ଅସ୍ତ୍ର ରୁପେ କାର୍ଯ୍ୟ କରିଥାଏ । ବିଭିନ୍ନ ରୋଗପାଇଁ ବିଭିନ୍ନ ପ୍ରକାର ଆଂଟିବାୟୋଟିକ୍ସ ଡାକ୍ତର ଆମକୁ ଦେଇଥାନ୍ତି । ତେଣୁ ଯେତେବେଳେ କୌଣସି କାରଣ ବିନା ଏହା ଆମ ଶରୀରକୁ ଗଲା କ୍ଷତି ତ ନିଶ୍ଚିତ ହେବ । ଏଥିରେ ସଂଦେହ ନାହିଁ । କାହାର କଣ ପ୍ରଭାବ ରହିଛି ଆସନ୍ତୁ ଆଲୋଚନା କରିବା ।

**ଅକ୍ସିଟେଟ୍ରାସାଇକ୍ଲିନ୍** - ଯଦି ଏହି ଔଷଧ ଲଗାତାର ଭାବେ ଆମ ଶରୀରକୁ ପ୍ରବେଶ କରେ ତେବେ ରକ୍ତ ସଂପର୍କୀତ ସମସ୍ୟା, ଯକୃତରେ କ୍ଷତ, ରକ୍ତ ଜମାଟ ବାନ୍ଧିବାରେ ବିଳମ୍ବ ହୋଇପାରେ । ଏହା କ୍ୟାଲସିୟମ ବହୁଳ ଦାନ୍ତ ଏବଂ ହାଡର କ୍ଷତି ପହଂଚାଏ ଏବଂ ନାକ ପୁଡାରେ କ୍ଷତ ସୃଷ୍ଟି କରିଥାଏ । ସାତ ବର୍ଷରୁ ସାନ ଶିଶୁମାନଙ୍କ ଦାନ୍ତ ହଳଦିଆ ପଡିଯାଏ । ଏଥିରେ ପ୍ରଭାବିତ ବ୍ୟକ୍ତି ଖରାକୁ ବାହାରି ପାରନ୍ତି ନାହିଁ । ଥଣ୍ଡା,କାଶ ସେମାନଙ୍କଠାରେ ନିୟମିତ ଲାଗି ରହେ। ସେଥିପାଇଁ ଗର୍ଭବତୀ ନାରୀ ଏବଂ ୧୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହି ଔଷଧ ଦିଆଯାଏ ନାହିଁ ।

**କ୍ଲୋରାଂଫେନିକଲ୍** - ଏହା ଏକ **Broad spectrum antibiotic** ଅଟେ । ଏହା କର୍କଟ ରୋଗ ଜାତ କରେ ଏବଂ ଶରୀରର ଜିନ୍‌ର କ୍ଷତି କରିଥାଏ । ଯଦି ଏହାକୁ ବାରମ୍ବାର ବ୍ୟବହାର କରାଯାଏ ତେବେ କେତେକ ଆଭ୍ୟନ୍ତରୀଣ ଅଙ୍ଗ ଏବଂ ଅସ୍ଥିମଜ୍ଜାର ଏହା ପ୍ରଭୁତ କ୍ଷତି କରିଥାଏ । ଅଧିକ ଦିନ ବ୍ୟବହାର ଦ୍ୱାରା ଆପ୍ଲାଷ୍ଟିକ୍ ଆନିମିଆଁ ହୋଇଥାଏ । ଯାହାର ଫଳସ୍ୱରୂପ କ୍ଷୟପ୍ରାପ୍ତ ରକ୍ତ କୋଷର ପୁନଃ ସୃଷ୍ଟି ହୋଇପାରେ ନାହିଁ । ଏହାକୁ **Idiosyncratic** କୁହାଯାଏ । ଅର୍ଥାତ ଏହା ବିରଳ ଏବଂ କାହାକୁ କେତେବେଳେ ହେବ କହିହେବ ନାହିଁ ଏବଂ ଏହା ରୋଗକୁ କେତେ ବ୍ୟାପକ କରିବ କହିବା ଅସମ୍ଭବ । ଶିଶୁଙ୍କ କ୍ଷେତ୍ରରେ ଏହାର ଅଧିକ ବ୍ୟବହାର ରକ୍ତ କର୍କଟ ମଧ୍ୟ ଜାତ କରିପାରେ ।

**ଆମ୍ପିସିଲିନ** - ଏହାକୁ ବିଟା ଲାକ୍ଟାମ୍ **antibiotic** କୁହାଯାଏ ।ଏହାକୁ ଜୀବଜନ୍ତୁଙ୍କଠାରେ ଜୀବାଣୁ ଜନିତ ରୋଗର ଚିକିତ୍ସା ପାଇଁ ଦିଆଯାଏ, କିନ୍ତୁ ଏହା ମହୁମାଛିଙ୍କ ପାଇଁ ନିରାପଦ ନୁହେଁ । ଏହା ମଣିଷ ଶରୀରରେ ଆଲର୍ଜି ସୃଷ୍ଟି କରେ ଏବଂ ଶ୍ୱାସ ରୋଗର କାରଣ ସାଜେ ।

**ଏରିଥ୍ରୋମାଇସିନ୍ -** ଏହା ମାକ୍ରୋଲାଇଡ ଶ୍ରେଣୀର **antibiotic** ଏହାକୁ କୁକୁଡା, ବତକ ଆଦି ପକ୍ଷୀମାନଙ୍କୁ ଜୀବାଣୁ ସଂକ୍ରମଣ ହେଲେ ଦିଆଯାଏ, ହେଲେ ଆଜିକାଲି ମହୁମାଛିମାନଙ୍କୁ ମଧ୍ୟ ଏହା ବହୁ ପରିମାଣରେ ଦିଆଯାଉଛି । ଏହି ଔଷଧ ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଏ, ହୃତପିଣ୍ଡର କାର୍ଯ୍ୟରେ ବ୍ୟାଘାତ ଜନ୍ମାଏ ଏବଂ ଶିଶୁମାନଙ୍କ କ୍ଷେତ୍ରରେ **Pyloric stenosis** କରାଏ । ଏହି ରୋଗରେ ଖାଦ୍ୟନଳୀ ପ୍ରଭାବିତ ହୋଇ ଶିଶୁମାନଙ୍କୁ ଭୀଷଣ ବାନ୍ତି କରାଇ ଥାଏ।

**ଏନ୍ରୋଫ୍ଲକ୍ସାସିନ୍ ଏବଂ ସିପ୍ରୋଫ୍ଲକ୍ସାସିନ୍ -** ଏହା ଏକ **Fiuoro Quinolone** ଶ୍ରେଣୀର **antibiotic** ଅଟେ । ଏହାକୁ ଶରୀର ବୃଦ୍ଧି ତଥା ଜୀବାଣୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୃହପାଳିତ ପଶୁମାନଙ୍କୁ ଦିଆଯାଇଥାଏ । ଆଜିକାଲି କୁକୁଡା ଏବଂ ମହୁମାଛି ମାନଙ୍କୁ ମଧ୍ୟ ଏହି ଔଷଧ ଦିଆଯାଉଛି । ଏହାର ଖରାପ ପ୍ରଭାବ ହେଲା ଏହା ଟେରାଟୋଜେନ୍ସ ଭଳି କାର୍ଯ୍ୟ କରେ ଏବଂ ମାତୃ ଗର୍ଭସ୍ଥ ଶିଶୁପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । ଏହା ମନୁଷ୍ୟ ଶରୀରରେ ରହିଲେ ତା'ଠାରୁ ଜୀବାଣୁ ନିରୋଧକ ଶକ୍ତିକୁ ହ୍ରାସ କରିଦିଏ ।

ଉପରେ ବର୍ଣ୍ଣିତ କୌଣସି ଏକ ନିର୍ଦ୍ଦିଷ୍ଟ ଆଂଟିବାୟୋଟିକ୍ସର ପ୍ରଭାବ ସାମୟିକ ହୋଇପାରେ କିନ୍ତୁ ଆଜି ସାରା ପୃଥିବୀରେ ଯାହା ଡାକ୍ତରମାନଙ୍କୁ ଚିନ୍ତାରେ ପକାଇଛି ତାହା ହେଲା ଆଂଟିବାୟୋଟିକ୍ସର ନିରବଚ୍ଛିନ୍ନ ତଥା ଆବଶ୍ୟକତା ନଥାଇ ବ୍ୟବହାର ଫଳରେ ସେହି ଜୀବାଣୁ ମାନଙ୍କ ଔଷଧ ପ୍ରତିରୋଧକ ଶକ୍ତି ବଢିଯାଉଛି। ଯଦ୍ୱାରା ଔଷଧର ମାତ୍ରା ବୃଦ୍ଧି ପରେ ମଧ୍ୟ ଏହା କାମ କରୁନାହିଁ ଏହାକୁ **Antibiotic resistance** କୁହାଯାଏ । ଏହାର କାରଣ ହେଲା ଯେତେବେଳେ ଆମେ ଏହି ଔଷଧ ପ୍ରୟୋଗ କରୁ ଜୀବାଣୁଟି ତା'ର ଡି.ଏନ.ଏରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରେ । ଯଦି ଏହି ପରିବର୍ତ୍ତନ ଦ୍ୱାରା ସେ ଏକ ନୂଆ ଜିନ୍ ତିଆରି କରିବାରେ ସକ୍ଷମ ହୁଏ ତେବେ ଏହି ଜିନକୁ ସେ ପରବର୍ତ୍ତୀ ପିଢିକୁ ହସ୍ତାନ୍ତର କରିଦିଏ । କେବଳ ସେତିକି ନୁହେଁ ବରଂ ଗୋଟିଏ ବୀଜାଣୁରୁ ଆଉ ଗୋଟିଏ ବୀଜାଣୁକୁ **Conjugation, Transformation, Transduction and Transposition** ଦ୍ୱାରା ଏହି ଜିନ୍ ହସ୍ତାନ୍ତରୀତ ହୋଇଥାଏ। ଯଦି ଗୋଟିଏ ବୀଜାଣୁଠାରେ ଏହିପରି ଅନେକ ଜିନ୍ ରହନ୍ତି ତେବେ ସେହି ଜୀବାଣୁକୁ ମଲ୍ଟି ରେଜିଷ୍ଟେନ୍ସ ବା ସୁପରବଗ୍ ବୋଲି କୁହାଯାଏ । **WHO** ମତରେ ମନୁଷ୍ୟମାନଙ୍କ ରୋଗ ନିରାକରଣରେ ବ୍ୟବହୃତ ଆଂଟିବାୟୋଟିକକୁ ଅନ୍ୟ କୌଣସି ପ୍ରାଣୀକୁ ଦେବା କଥା ନୁହେଁ । ନଚେତ ମଣିଷକୁ ରୋଗ ହେଲେ ଆଉ କୌଣସି ଆଂଟିବାୟୋଟିକ କାମ କରିବ ନାହିଁ ଏବଂ ମୃତ୍ୟୁ ସୁନିଶ୍ଚିତ ହୋଇଯିବ । ଏହାକୁ ଦୃଷ୍ଟିରେ ରଖି ଡେନମାର୍କ, ଜର୍ମାନୀ, ୟୁରୋପ ଏବଂ ଆମେରିକାରେ ପଶୁପକ୍ଷୀଙ୍କ କ୍ଷେତ୍ରରେ ଏପରି ଔଷଧର ବ୍ୟବହାରକୁ ଏକ ପ୍ରକାର ନିଷିଦ୍ଧ କରାଯାଇଛି । ତେଣୁ ଯେଉଁ ମହୁକୁ ଆମେ ପ୍ରାକୃତିକ, ସ୍ୱାସ୍ଥ୍ୟବର୍ଦ୍ଧକ ବୋଲି ଆଖି ବୁଜି ବ୍ୟବହାର କରି ଚାଲିଛୁ, ଅନୁମାନ କରନ୍ତୁ ସେଥିରେ ଆଂଟିବାୟୋଟିକ୍ସର ଉପସ୍ଥିତି ଆମ ପାଇଁ କେତେ ବିପଜ୍ଜନକ ହେବାକୁ ଯାଉଛି ଏବଂ ଦୁଃଖର କଥା ଏହି ଯେ ଏହା ମନୁଷ୍ୟକୃତ ଅଟେ ।

**ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)**
**ଏନ୍.ଏ.ସି ମହାବିଦ୍ୟାଳୟ, ବୁର୍ଲା**
**ମୋ - ୯୪୩୭୧୨୭୮୨୦**






ଆମକୁ ସ୍ୱେଚ୍ଛାରେ ଆଗେ ଯିବାକୁ ପଡିବ। କାରଣ ଆମେ ସ୍ଥିର ହୋଇ ରହିବାକୁ ଇଚ୍ଛାକଲେ ମଧ୍ୟ ସମୟ ଆମକୁ ଆଗେଇ ନେବ।

# ସମ୍ବାଦ ବିଚିତ୍ରା

୧. ବାଜିଲା ନିର୍ବାଚନୀ ବିଗୁଲ୍। ନଭେମ୍ବର ୭ରେ ମିଜୋରାମରେ, ମଧ୍ୟ ପ୍ରଦେଶରେ ନଭେମ୍ବର ୧୭ରେ, ନଭେମ୍ବର ୨୩ରେ ରାଜସ୍ଥାନରେ, ନଭେମ୍ବର ୩୦ରେ ତେଲେଙ୍ଗାନାରେ ମତଦାନ ହେବ। କେବଳ ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ଏଠାରେ ନଭେମ୍ବର ୭ରେ ପ୍ରଥମ ପର୍ଯ୍ୟାୟ ଓ ନଭେମ୍ବର ୧୭ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଡିସେମ୍ବର ୩ ତାରିଖରେ ଭୋଟ୍ ଗଣତି ହେବ। ଡିସେମ୍ବର ୫ ତାରିଖ ସୁଦ୍ଧା ନିର୍ବାଚନର ସବୁ ପ୍ରକ୍ରିୟା ଶେଷ ହେବ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି)।

୨. ଆମେରିକାରେ ଏଆଇ ବ୍ୟବହାରର ଆଉ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଆମେରିକା ଯୁବପିଢ଼ି ଏଆଇ ଗର୍ଲଫ୍ରେଣ୍ଡ ପଛରେ ପାଗଳ ହୋଇଯାଇଛନ୍ତି। ଏହା ଫଳରେ ସେମାନଙ୍କ ମଧ୍ୟରେ ବାସ୍ତବ ନିଃସଙ୍ଗତି ସଂକ୍ରାମକ ରୋଗ ପରି ବ୍ୟାପି ଚାଲିଛି।

୩. ବର୍ଷକ ମଧ୍ୟରେ ବୋର୍ଡ ପରୀକ୍ଷା ପାଇଁ ପିଲାମାନଙ୍କୁ ଗୋଟିଏ ସୁଯୋଗ ମିଳୁଥିବାରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି। ଏହାକୁ ଦୂର କରିବା ପାଇଁ ଦୁଇଟି ବୋର୍ଡ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା ଦେବା ବାଧ୍ୟତାମୂଳକ ନୁହେଁ।

୪. ତୀବ୍ର ହେଉଛି ଇସ୍ରାଏଲ-ପାଲେଷ୍ଟାଇନ ବିବାଦ। ପାଲେଷ୍ଟାଇନର ଆତଙ୍କବାଦୀ ଗୋଷ୍ଠୀ ହମାସର ଆକ୍ରମଣ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଯୁଦ୍ଧ ଘୋଷଣା ମୃତ୍ୟୁର ବିଭୀଷିକା ରଚିଛି।

୫. କେନ୍ଦ୍ରାପଡ଼ା ରସାବଳିକୁ ଗୁଣବତ୍ତା ଓ ମାନ ଯାଞ୍ଚ ପରେ ଜିଆଇ ଟ୍ୟାଗ୍ ମିଳିଛି। ଦୀର୍ଘ ଦିନରୁ ଦାବି ହୋଇ ୨୦୨୧ ମସିହାରେ କେନ୍ଦ୍ରପଡ଼ା ମିଷ୍ଟାନ୍ନ ରସାବଳି ସଂଘ ରସାବଳିର ଜିଓଗ୍ରାଫିକାଲ ଇଣ୍ଡିକେସନ (ଜିଆଇ) ସ୍ୱୀକୃତି ପାଇଁ ଆବେଦନ କରିଥିଲା।

୬. ପଶ୍ଚିମ ଆଫଗାନିସ୍ତାନକୁ ଥରାଇ ଦେଇଥିବା ଶକ୍ତିଶାଳୀ ଭୂକମ୍ପରେ ଛାରଖାର ହୋଇଯାଇଛି ଆଫଗାନିସ୍ତାନର ଅଧିକାଂଶ ଅଞ୍ଚଳ। ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ଏହା ଦେଶର ସବୁଠାରୁ ଭୟଙ୍କର ଭୂମିକମ୍ପ ବୋଲି କହିଛନ୍ତି ତାଲିବାନ ମୁଖପାତ୍ର।

୭. ଭୁବନେଶ୍ୱର ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ୨୦୨୪ ଜାନୁୟାରୀ ପହିଲା ନୂଆବର୍ଷ ଦିନ ଶିଳାନ୍ୟାସ କରାଯିବ। ୪ବର୍ଷ ମଧ୍ୟରେ ଏହି ମେଟ୍ରୋ ଟ୍ରେନ ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଏ ବାବଦରେ ମୋଟ ୫୯୨୯କୋଟି ଟଙ୍କା ଖର୍ଚ୍ଚ ହେବ। ସମସ୍ତ ପ୍ରକଳ୍ପ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

୮. ଚଳିତ ବର୍ଷ +୨ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଖୁସି ଖବର। ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରକାଶ କରିଛି କୋଶ୍ଚିନ ବ୍ୟାଙ୍କ।

୯. ସାରା ଦେଶରେ ଓଡ଼ିଶା ସମେତ ୪ ରାଜ୍ୟରେ ଆରମ୍ଭ ହେଉଛି ୱାନ୍ ହେଲଥ୍ କାର୍ଯ୍ୟକ୍ରମ। ଏହା ଅଧୀନରେ ଜେନେଟିକ୍ ଡିଜିଜ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ, ସ୍କ୍ରବ୍ ଟାଇଫସ୍, ନିପା ଭାଇରସ୍ ଭଳି ପଶୁଠାରୁ ମଣିଷ ଶରୀରକୁ ଆସୁଥିବା ରୋଗ ମୁକାବିଲା ଲାଗି ମିଳିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

୧୦. ସିକିମରେ ପ୍ରକୃତିର ତାଣ୍ଡବ; ବାଦଲ ଫଟା ବର୍ଷାରେ ଗଲାଣି ବହୁ ଜୀବନ ଏବଂ ଅନେକ ନିଖୋଜ।

୧୧. 'ସପ୍ତପଦୀ' ଓ ପାରମ୍ପାରିକ ରୀତିନୀତି ବିନା ହିନ୍ଦୁ ବିବାହ ବୈଧ ନୁହେଁ। ଯେଉଁ ବିବାହରେ 'ସପ୍ତପଦୀ' ଅର୍ଥାତ୍ ଅଗ୍ନିକୁ ସାକ୍ଷୀ ରଖି ବର-କନିଆଁ ସାତ ଥର ପରିକ୍ରମା କରିନାହାନ୍ତି କିମ୍ବା ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇନାହିଁ, ସେ ବିବାହ ହିନ୍ଦୁ ବିବାହ ଆଇନ ଅନୁସାରେ ବୈଧ ନୁହେଁ : ଆହ୍ଲାବାଦ ହାଇକୋର୍ଟ।

୧୨. ମୁଦ୍ରାସ୍ଫୀତି ସମୟରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି। ଉଜ୍ଜ୍ୱଳା ଯୋଜନା ଅଧୀନରେ ନିଆଯାଇଥିବା ଏଲପିଜି ସିଲିଣ୍ଡର ଉପରେ ସବସିଡି ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ଏଣିକି ସିଲିଣ୍ଡର୍ ପିଛା ୩୦୦ ଟଙ୍କା ସବସିଡି ମିଳିବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୯.୬ କୋଟି ହିତାଧିକାରୀ ଏହି ସୁବିଧାର ଲାଭବାନ ହୋଇପାରିବେ। କମର୍ସିଆଲ୍ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି। ନୂଆ ଦର ଅନୁସାରେ, ଗ୍ୟାସ୍ ସିଲିଣ୍ଡର୍ ପିଛା ୨୦୯ ଟଙ୍କା ବୃଦ୍ଧି ପାଇଛି।

୧୩. ଦେଶର ପ୍ରଥମ ରାଜ୍ୟ ଭାବେ ବିହାର ସରକାର ଜାତି ଭିତ୍ତିକ ସର୍ଭେ ରିପୋର୍ଟ ଜାରି କରିଛନ୍ତି।

୧୪. ୨୦୨୪ରେ ନୁହେଁ ୨୦୨୯ରୁ ଏକକ ନିର୍ବାଚନ! ବିଭିନ୍ନ ରାଜ୍ୟରେ ବିଧାନସଭା କାର୍ଯ୍ୟକାଳକୁ ବୃଦ୍ଧି ଓ ହ୍ରାସ କରିବା ଫର୍ମୁଲା ଉପରେ ଆଇନ କମିଶନ କାର୍ଯ୍ୟ କରୁଛନ୍ତି।

୧୫. ପୋକସୋ ଅଧୀନରେ ସମ୍ମତି ବୟସ ୧୮ରୁ ୧୬ କରିବାକୁ କେନ୍ଦ୍ର ସରକାର ଇଚ୍ଛା ପ୍ରକାଶ କରିଥିଲେ ହେଁ ଏହାକୁ ବିରୋଧ କରିଛନ୍ତି ଆଇନ କମିଶନ। ବୟସ ହ୍ରାସ କଲେ ବାଲ୍ୟ ବିବାହ ଓ ଶିଶୁ ଚାଲାଣ ବିରୋଧରେ ଚାଲିଥିବା ଅଭିଯାନ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ବର୍ତ୍ତମାନ ଦେଶରେ ସମ୍ମତି ବୟସ ୧୮ ବର୍ଷ ରହିଛି।

୧୬. ଆତଙ୍କବାଦୀ ହରଦୀପ ସିଂହ ନିଜାର ହତ୍ୟାକୁ ନେଇ ଭାରତ ଓ କାନାଡା ମଧ୍ୟରେ ଜାରି ରହିଥିବା କୂଟନୀତିକ ଯୁଦ୍ଧ ପଛରେ ପାକସ୍ତାନର ହାତ। ପାକସ୍ତାନ ଗୁଇନ୍ଦା ସଂସ୍ଥା(ଆଇଏସ୍ଆଇ) ହିଁ ଭାରତ ଓ କାନାଡା ମଧ୍ୟରେ କଳି ଲଗାଇବାକୁ ଯୋଜନା କରିଥିଲା। ଯୋଜନା ଅନୁସାରେ ଆଇଏସଆଇ ନିଜାରକୁ ହତ୍ୟା କରାଇଛି ବୋଲି ଜଣାପଡ଼ିଛି।

୧୭. ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଚାଲିଥିବା ୩ ମହଲା ବିଶିଷ୍ଟ ଭବ୍ୟ ରାମ ମନ୍ଦିରର କାମ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ। ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର ନିର୍ମାଣ କାମ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ। ଏହାପରେ ମନ୍ଦିରର ପ୍ରତିଷ୍ଠା ଜାନୁଆରୀ ୨୨ରେ କରାଯିବ ବୋଲି ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରା କହିଛନ୍ତି।

୧୮. ସୁପ୍ରିମକୋର୍ଟ ପ୍ରଥମଥର ପାଇଁ ଜଣେ ବାକ୍ ଓ ଶ୍ରବଣ ବାଧିତ ଆଇନଜୀବୀଙ୍କ ଯୁକ୍ତିକୁ କୌଣସି ଏକ ମାମଲାରେ ଶୁଣିଛନ୍ତି। ଯୁକ୍ତି ଉପସ୍ଥାପନ କରିଥିବା ମହିଳା ଆଇନଜୀବୀ ଜଣକ ବାକ୍ ଓ ଶ୍ରବଣ ବାଧିତ ହୋଇଥିଲେ ହେଁ ସାଙ୍କେତିକ ଭାଷାର ବ୍ୟବହାର କରିଥିଲେ। ଏହାକୁ ଭାଷା ଅନୁବାଦକଙ୍କ ଜରିଆରେ ମାମଲା ସମ୍ପର୍କରେ ନିଜର ଯୁକ୍ତି ବାଢ଼ିଥିଲେ। ଦେଶ ଇତିହାସରେ ପ୍ରଥମଥର ପାଇଁ ଏପରି ଘଟଣା ଘଟିଛି।

୧୯. ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଚଳିତ ମାସ ଅକ୍ଟୋବର୧୪ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ।

୨୦. ଭାରତକୁ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ କରିବାକୁ ଆଉ ଗୋଟିଏ ଦେଶ ସମର୍ଥନ କରିଛି। କ୍ୱାଡ ଦେଶରେ ଥିବା ଅଷ୍ଟ୍ରେଲିଆ ଖୋଲାଖୋଲି ଭାରତ ସପକ୍ଷରେ ମତ ରଖିଛି। ଅଷ୍ଟ୍ରେଲିଆର ବିଦେଶ ମନ୍ତ୍ରୀ ପେନ୍ନୀ ୱଙ୍ଗ କହିଛନ୍ତି ଭାରତ ଓ ଜାପାନ ଭଳି ଦେଶକୁ ସ୍ଥାୟୀ ସଦସ୍ୟମାନ୍ୟତା ମିଳିବାର ଆବଶ୍ୟକ ରହିଛି।

୨୧. ଆସନ୍ତା ୨୦୨୪ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହୋଇପାରନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ତାଙ୍କୁ ଜାନୁଆରୀ ୨୬ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - କଳାହାଣ୍ଡି

୨.ଗଠନ - ୧ ଜାନୁୟାରୀ, ୧୯୯୪

୩.କ୍ଷେତ୍ରଫଳ - ୭୯୨୦ ବର୍ଗ.କି.ମି

୪.ଜନସଂଖ୍ୟା - ୧୫୭୩୦୪୫ (ପୁରୁଷ - ୭୮୫୧୭୯, ମହିଳା - ୭୮୭୮୭୫)

୫.ଉପଖଣ୍ଡ - ୨ ୬.ତହସିଲ - ୧୩

୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୧୩ ୮.ଗ୍ରାମ ପଞ୍ଚାୟତ - ୨୭୩

୯.ଗ୍ରାମ - ୨୨୫୩ ୧୦.ଥାନା - ୧୫

୧୧.ପୌରସଂସ୍ଥା - ୧

୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୨

୧୩.ବିଧାନସଭା ଆସନ - ୫ (୭୭.ଲାଞ୍ଜିଗଡ଼ (ଅ. ଜନଜାତି), ୭୮. ଜୁନାଗଡ଼, ୭୯.ଧର୍ମଗଡ଼, ୮୦.ଭବାନୀପାଟଣା (ଅ. ଜାତି), ୮୧.ନାରଳା)

୧୪.ସାକ୍ଷରତା ହାର - ୬୦.୨୨% (ପୁରୁଷ - ୭୩.୩୪%, ମହିଳା - ୪୭.୨୭%)

୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୧୪୧୧୧ (୯୪୭)

୧୬.ଜନସଂଖ୍ୟା ଘନତ୍ୱ - ୧୯୯/ ବର୍ଗ କି.ମି

୧୭.ଜନସଂଖ୍ୟା ବୃଦ୍ଧି ହାର - ୧୭.୭୯%

୧୮.ଲିଙ୍ଗ ଅନୁପାତ - ୧୦୦୩ ମହିଳା /୧୦୦୦ ପୁରୁଷ

୧୯.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୪୯

୨୦.ନିଆଁଲିଭା କେନ୍ଦ୍ର - ୩

୨୧.ଜଙ୍ଗଲ ଜମି - ୨୫୩୮.୦୧ ବର୍ଗ କି.ମି

୨୨.ହାରାହାରି ତାପମାତ୍ରା - ସର୍ବନିମ୍ନ ୮.୦°- ସର୍ବୋଚ୍ଚ ୪୯.୦°

୨୩.ସାଧାରଣ ବୃଷ୍ଟିପାତ - ୧୩୩୦.୫ ମି.ମି.

୨୪.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୮୫

୨୫.ପର୍ଯ୍ୟଟନସ୍ଥଳୀ - ଭବାନୀପାଟ୍ନା, ଆମଥଗଡ଼, ଅମ୍ପାନୀ ପର୍ବତ ଓ ଜଙ୍ଗଲ, ଅସୁରଗଡ଼, ବେଲଖଣ୍ଡି ଧବଳେଶ୍ୱର ମନ୍ଦିର, ଧର୍ମଗଡ଼, ଗୁଡ଼ହାଣ୍ଡି, କୁସୁରଲା ନୀଳକଣ୍ଠେଶ୍ୱର ମନ୍ଦିର, ଫୁଲରିଝରଣା

## ABBREVIATION

1.DIPA - Digital Infrastructure Providers Association

2.ABC - Audit Bureau of Circulations

3.AAAI - Advertising Agencies Association of India

4.NIRF - National Institutional Ranking Framework

5.Nasscom - The National Association of Software and Service Companies

6.BGNDRF - Board of Governors for the National Design and Research Forum

7.IFSCA - International Financial Services Centre Authority

8.IRDAI - Insurance Regulatory and Development Authority of India

9. NRLM - National Rural Livelihood Mission

10.WFME - World Federation for Medical Education

## ପୁସ୍ତକ

୧. ଅତସୀ କୁସୁମ - ଡଃ ନିର୍ମଳ କୁମାର ନାୟକ

୨. କବିତାରେ ଦିବସ - ଡଃ ସିମାଞ୍ଚଳ ପ୍ରଧାନ

୩. ଅମୃତ କଙ୍କଣ - ଦିବ୍ୟସିଂହ ପାଣିଗ୍ରାହୀ ଏବଂ ବିଶ୍ୱନାଥ ସାହୁ

୪. ପରଫ୍ୟୁମ - ସ୍ୱର୍ଣ୍ଣଲତା ମହାପାତ୍ର ଏବଂ ରାଜକିଶୋର ମହାପାତ୍ର

୫. ପ୍ରତିକ୍ରିୟା - ଭାରତୀ ମୁଦୁଲି

1. Fire On The Ganges - Radhika Iyengar

2. Wise and Otherwise: A salute to Life - Sudha Murty

3. Why We Are Who We Are - Meetu Bisht

4. Why Should I Trust You? - Sudeep Nagarkar

5. Narayani: True Story Of A Sati - Monica Sudhir Gupta

## ରାଜ୍ୟ

୧.ନାମ - ରାଜସ୍ଥାନ

୨.ରାଜ୍ୟପାଳ - କଲରାଜ୍ ମିଶ୍ର

୩.ମୁଖ୍ୟମନ୍ତ୍ରୀ - ଅଶୋକ ଗେହେଲୋଟ୍

୪.ଗଠନ - ୩୦ ମାର୍ଚ୍ଚ ୧୯୪୯

୫.କ୍ଷେତ୍ରଫଳ - ୩୪୨,୨୩୯ ବର୍ଗ କି.ମି

୬.ରାଜଧାନୀ - ଜୟପୁର

୭.ଲୋକସଭା ଆସନ - ୨୫

୮.ରାଜ୍ୟସଭା ଆସନ - ୧୦

୯.ବିଧାନସଭା ଆସନ - ୨୦୦

୧୦.ବିଧାନ ପରିଷଦ - ୩୪

୧୧.ମୁଖ୍ୟ ଭାଷା - ହିନ୍ଦୀ

୧୨.ମୁଖ୍ୟ ପର୍ବ - ପୁଷ୍କର ମେଳା

୧୩.ମୁଖ୍ୟ ନୃତ୍ୟ - ଘୁମର

୧୩.ଜନସଂଖ୍ୟା(୨୦୧୧) - ୬୮,୫୪୮,୪୩୭(ପୁରୁଷ - ୩୫,୫୫୦,୯୯୭, ମହିଳା - ୩୨,୯୯୭,୪୪୦)

୧୪.ଜନସଂଖ୍ୟା ବୃଦ୍ଧିହାର - ୨୩.୫୬%

୧୫.ଜନସଂଖ୍ୟା ଘନତ୍ୱ - ୨୦୧/ବର୍ଗ କି.ମି

୧୬.ଶିଶୁ ଲିଙ୍ଗ ଅନୁପାତ - ୮୮୮ ଝିଅ/୧୦୦୦ ପୁଅ

୧୭.ଲିଙ୍ଗ ଅନୁପାତ(୨୦୧୧) - ୯୨୮ ମହିଳା/୧୦୦୦ ପୁରୁଷ

୧୮.ସାକ୍ଷରତା ହାର(୨୦୧୧) - ୬୬.୧%(ପୁରୁଷ-୫୪.୯୯%, ମହିଳା- ୨୦.୪୪%)

୧୯.ଜିଲ୍ଲା - ୫୦

୨୦.ଗ୍ରାମ - ୪୫୪୯୩

୨୧.ସହର - ୩୭

୨୨.ପର୍ଯ୍ୟଟନ ସ୍ଥଳୀ - ଜୟପୁର, ଭରତପୁର, ଯୋଧପୁର, ସୱାଇ ମାଧୋପୁର, ବୁଣ୍ଡି

## ସମ୍ମାନ/ପୁରସ୍କାର

୧. **ଓଡିଆ ବୈଜ୍ଞାନିକ ସ୍ୱାତୀ ନାୟକ** - ନରମାନ୍ ବୋରଲାଗ୍ ଫିଲ୍ଡ ପୁରସ୍କାର ୨୦୨୩

୨. **କୁଳପତି ପ୍ରଫେସର ନଜମା ଅଖତର** - ଆଜୀବନ ସଫଳତା ପୁରସ୍କାର-ଶିକ୍ଷା

୩. **ବିଜୟୱାଡ଼ା ରେଳ ଷ୍ଟେସନ** - ସବୁଜ ରେଳ ଷ୍ଟେସନ

୪. **ୱାହିଦା ରେହମାନ** - ଦାଦାସାହେବ ଫାଲକେ ଆଜୀବନ ସଫଳତା ପୁରସ୍କାର ୨୦୨୩

୫. **ବ୍ରିଗେଡିୟର ସଞ୍ଜୟ କୁମାର ମିଶ୍ର** – ଡ. ଏ. ଏମ. ଗୋଖଲେ ପୁରସ୍କାର

## ନିଯୁକ୍ତି

୧. **ଜୟା ବର୍ମା ସିହ୍ନା** - ପ୍ରଥମ ମହିଳା ଅଧ୍ୟକ୍ଷ – ଭାରତୀୟ ରେଳ ବୋର୍ଡ

୨. **ଆର ମାଧବନ** - ନୂତନ ସଭାପତି - ଭାରତୀୟ ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ଶିକ୍ଷାନୁଷ୍ଠାନ

୩. **ଡ. ବସୁଧା ଗୁପ୍ତା** – ନୂତନ ମୁଖ୍ୟ ନିର୍ଦ୍ଦେଶକ - ଆକାଶବାଣୀ ଏବଂ ସମ୍ବାଦ ସେବା ବିଭାଗ

୪. **ରାଜେଶ ନାମ୍ବିଆର** - ନୂତନ ଚେୟାରମ୍ୟାନ୍ - ନାସକମ୍

୫. **ରାହୁଲ ନବିନ୍** - ଇନ-ଚାର୍ଜ ନିର୍ଦ୍ଦେଶକ - କାର୍ଯ୍ୟକାରୀ ନିର୍ଦ୍ଦେଶାଳୟ

## ଦେହାନ୍ତ

୧. **ଗୀତା ମେହେଟ୍ଟା** (୮୦) - ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା

୨. **ଅଜିତ ନିନାନ୍** (୬୮) - ରାଜନୈତିକ କାର୍ଟୁନିଷ୍ଟ

୩. **ମାଳିନୀ ରାଜୁକର** (୮୨) - ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ

୪. **ଡେନିସ ଅଷ୍ଟିନ** (୭୬) - ମାଇକ୍ରୋସଫ୍ଟ ପାୱାର ପଏଣ୍ଟର ଜନକ

୫. **ଜିଓର୍ଜିଓ ନାପୋଲିତାନୋ** (୯୮) - ପୂର୍ବତନ ଇଟାଲୀ ରାଷ୍ଟ୍ରପତି



ପ୍ରାର୍ଥନା ବିନା ପବିତ୍ରତା ଆସେ ନାହିଁ। ପବିତ୍ରତା ବିନା ଧ୍ୟାନ ହୁଏ ନାହିଁ। ଧ୍ୟାନବିନା ଜ୍ଞାନ ଉଦୟ ହୁଏ ନାହିଁ। ଜ୍ଞାନୋଦୟ ବିନା ମୁକ୍ତି ମିଳେ ନାହିଁ।

## ଓଡ଼ିଶା

୧. ଓଡିଶାର ଆନୁମାନିକ ଜନସଂଖ୍ୟା କେତେ ?
କ) ୨-୩ କୋଟି ଖ) ୪-୫ କୋଟି
ଗ) ୫-୬ କୋଟି ଘ) ୬-୭ କୋଟି

୨. ଓଡିଶାର କେଉଁ ଜିଲ୍ଲା ଅଧିକ ଜନବହୁଳ ?
କ) କଟକ ଖ) ଖୋର୍ଦ୍ଧା ଗ) ଗଞ୍ଜାମ ଘ) ପୁରୀ

୩. ୨୦୧୧ ଜନଗଣନା ଅନୁଯାୟୀ ଓଡିଶାରେ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା କେତେ ?
କ) ୯୨୦ ଖ) ୯୫୦ ଗ) ୯୭୮ ଘ) ୧୦୨୦

୪. ଓଡିଶାର କେଉଁ ଆଦିବାସୀ ସମ୍ପ୍ରଦାୟ ଜନସଂଖ୍ୟା ଦୃଷ୍ଟିରୁ ସବୁଠାରୁ ବଡ଼ ?
କ) ଗୋଣ୍ଡ ଖ) ମୁଣ୍ଡା ଗ) ସାନ୍ତାଳ ଘ) କନ୍ଧ

୫. ୨୦୧୧ ଜନଗଣନା ଅନୁଯାୟୀ ଓଡିଶାର ସାକ୍ଷରତା ହାର କେତେ ?
କ) ୬୪% ଖ) ୭୩% ଗ) ୭୬% ଙ) ୮୨%

୬. ଓଡିଶାରେ ସମୁଦାୟ କେତୋଟି ବିମାନବନ୍ଦର କାର୍ଯ୍ୟ କରୁଛି ?
କ) ୩ ଖ) ୪ ଗ) ୫ ଘ) ୬

୭. ଓଡିଶାରେ ଅର୍ଥନୀତିର ମୁଖ୍ୟ ସ୍ରୋତ କ'ଣ ?
କ) କୃଷି ଖ) ସୂଚନା ପ୍ରଯୁକ୍ତିବିଦ୍ୟା
ଗ) ଉତ୍ପାଦନ ଘ) ଖଣି ଏବଂ ଖଣିଜ ପଦାର୍ଥ

୮. ଓଡ଼ିଶାର କେଉଁ ଉପକୂଳ ଜିଲ୍ଲା ଏହାର ସମୃଦ୍ଧ ମତ୍ସ୍ୟ ଶିଳ୍ପ ପାଇଁ ଜଣାଶୁଣା ?
କ) କେନ୍ଦ୍ରାପଡା ଖ) ବାଲେଶ୍ୱର
ଗ) ଭଦ୍ରକ ଘ) ଜଗତସିଂହପୁର

୯. ଓଡ଼ିଶାର ଉପକୂଳ ତଟରେଖା କେତେ ଦୀର୍ଘ ?
କ) ୩୮୫ କି.ମି. ଖ) ୪୮୫ କି.ମି.
ଗ) ୫୮୪ କି.ମି. ଗ) ୬୮୩ କି.ମି.

୧୦. କେଉଁ ବର୍ଷ **'Orissa'** ରୁ **'Odisha'** ହେଲା ?
କ) ୨୦୦୦ ଖ) ୨୦୦୭
ଗ) ୨୦୧୧ ଘ) ୨୦୧୪

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କ୍ରମରେ ପରବର୍ତ୍ତୀ ସଂଖ୍ୟା କ'ଣ: ୨,୬,୧୨,୨୦,____ ?
କ) ୨୪ ଖ) ୨୬ ଗ) ୨୮ ଘ) ୩୦

୨. ଯଦି ଏକ କାର ଘଣ୍ଟା ପ୍ରତି ୬୦ ମାଇଲ୍ ବେଗରେ ଗତି କରେ, ତେବେ ଏହା ୩ ଘଣ୍ଟା ମଧ୍ୟରେ କେତେ ଦୂର ଯାତ୍ରା କରିବ ?
କ) ୧୨୦ ମାଇଲ୍ ଖ) ୧୫୦ ମାଇଲ୍
ଗ) ୧୮୦ ମାଇଲ୍ ଘ) ୨୦୦ ମାଇଲ୍

୩. ଯଦି ୩**x** + ୪ = ୧୬, **x**ର ମୂଲ୍ୟ କ'ଣ ?
କ) ୨ ଖ) ୪ ଗ) ୬ ଘ) ୮

୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଲଗା ଅଟେ ?
କ) ବର୍ଗକ୍ଷେତ୍ର ଖ) ବୃତ୍ତ
ଗ) ତ୍ରିଭୂଜ ଘ) ଆୟତକ୍ଷେତ୍ର

୫. ଯଦି **RED** ୨୭ ଭାବରେ କୋଡ୍ ହୋଇଛି, **BLUE** କିପରି କୋଡ୍ ହୋଇଛି ?
କ) ୩୭ ଖ) ୩୮ ଗ) ୩୯ ଘ) ୪୦

୬. ଏହି ଢାଞ୍ଚାରେ ପରବର୍ତ୍ତୀ ସଂଖ୍ୟା କ'ଣ : ୧, ୪, ୯, ୧୬, ____ ?
କ) ୨୫ ଖ) ୩୬ ଗ) ୪୯ ଘ) ୬୪

୭. ଯଦି ଏକ ସାର୍ଟର ମୂଲ୍ୟ ଏହାର ମୂଳ ମୂଲ୍ୟ ୫୦ ଟଙ୍କାରୁ ୨୦% ହ୍ରାସ ହୁଏ, ତେବେ ନୂଆ ମୂଲ୍ୟ କେତେ ?
କ) ୩୦ ଟଙ୍କା ଖ) ୪୦ ଟଙ୍କା
ଗ) ୪୫ ଟଙ୍କା ଘ) ୬୦ ଟଙ୍କା

୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ହେଉଛି ଏକ ମୌଳିକ ସଂଖ୍ୟା ?
କ) ୧୨ ଖ) ୧୫ ଗ) ୧୭ ଘ) ୨୦

୯. ଯଦି ଏକ ଟ୍ରେନ୍ ୫ ଘଣ୍ଟାରେ ୨୫୦ କି.ମି. ଯାତ୍ରା କରେ, ତେବେ ଏହାର ଘଣ୍ଟା ପ୍ରତି ବେଗ କେତେ ?
କ) ୫୦ କି.ମି. ଖ) ୫୫ କି.ମି.
ଗ) ୬୦ କି.ମି. ଘ) ୬୫ କି.ମି.

୧୦. ଏକ ବ୍ୟାଗରେ ୫ଟି ଲାଲ୍ ବଲ୍, ୩ଟି ନୀଳ ବଲ୍ ଏବଂ ୨ଟି ସବୁଜ ବଲ୍ ଅଛି । ଯଦି ଗୋଟିଏ ବଲ୍ ଅନିୟମିତ ଭାବରେ ଅଙ୍କିତ ହୁଏ, ତେବେ ଏହା ଲାଲ ହେବାର ସମ୍ଭାବନା କେତେ ?
କ) ୧/୨ ଖ) ୧/୩ ଗ) ୧/୪ ଘ) ୧/୫

**ଉତ୍ତର**

**୧.ଖ) ୪-୫ କୋଟି, ୨.ଗ) ଗଞ୍ଜାମ, ୩.ଗ) ୯୭୮, ୪.ଘ) କନ୍ଧ, ୫.ଖ) ୭୩%, ୬.କ) ୩, ୭.ଘ) ଖଣି ଏବଂ ଖଣିଜ ପଦାର୍ଥ, ୮.କ) କେନ୍ଦ୍ରାପଡା, ୯.ଖ) ୪୮୫ କି.ମି., ୧୦. ଗ) ୨୦୧୧**

**୧.ଗ) ୨୮, ୨.ଖ) ୧୫୦ ମାଇଲ୍, ୩.କ) ୨, ୪.ଖ) ବୃତ୍ତ, ୫.ଘ) ୪୦, ୬.ଖ) ୩୬, ୭.ଖ) ୪୦ ଟଙ୍କା, ୮.ଗ) ୧୭, ୯.ଗ) ୬୦ କି.ମି., ୧୦.କ) ୧/୨**



ଅଧର୍ମ ବିତ୍ତ ବଢେ ବହୁତ, ଗଲାବେଳେ ଯାଏ ମୂଳ ସହିତ ।

## ଇତିହାସ

୧. ଭାରତରେ ଜାତି ପ୍ରଣାଳୀ ପାରମ୍ପାରିକ ଭାବରେ କେତେ ପ୍ରମୁଖ ବର୍ଗରେ ବିଭକ୍ତ?
କ) ୨ ଖ) ୪ ଗ) ୬ ଘ) ୮

୨. କିଏ ସାମାଜିକ ସଂସ୍କାରକ ଭାବରେ ଭାରତରେ ସତୀ ପ୍ରଥାକୁ ରଦ୍ଦ କରିବା ପାଇଁ ନିରନ୍ତର କାର୍ଯ୍ୟ କରିଥିଲେ?
କ) ରାଜା ରାମମୋହନ ରାୟ ଖ) ଭୀମ ରାଓ ଆମ୍ବେଦକର
ଗ) ସ୍ୱାମୀ ବିବେକାନନ୍ଦ ଘ) ମହାତ୍ମା ଗାନ୍ଧୀ

୩. କେଉଁ ସାମାଜିକ ସଂସ୍କାରକ ଅସ୍ପୃଶ୍ୟତାକୁ ହଟାଇବା ଏବଂ ଦଳିତଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଆନ୍ଦୋଳନର ପୁରୋଧା ଥିଲେ?
କ) ଜବାହରଲାଲ ନେହେରୁ ଖ) ଭଗତ ସିଂ
ଗ) ଭୀମ ରାଓ ଆମ୍ବେଦକର ଘ) ସୁଭାଷ ଚନ୍ଦ୍ର ବୋଷ

୪. 'ସତ୍ୟାଗ୍ରହ' ଶବ୍ଦର ଅର୍ଥ ହେଉଛି 'ସତ୍ୟ ଶକ୍ତି' ବା 'ଆତ୍ମା ଶକ୍ତି'- ଏହି ଉକ୍ତି ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ କେଉଁ ନେତାଙ୍କ ଦ୍ୱାରା ଲୋକପ୍ରିୟ ହୋଇଥିଲା?
କ) ଜବାହରଲାଲ ନେହେରୁ ଖ) ସୁଭାଷ ଚନ୍ଦ୍ର ବୋଷ
ଗ) ମହାତ୍ମା ଗାନ୍ଧୀ ଘ) ଡ. ଆମ୍ବେଦକର

୫. ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମହିଳା ଶିକ୍ଷା ତଥା ସମାନ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ କେଉଁ ସାମାଜିକ ସଂସ୍କାରକ ତଥା ନାରୀବାଦୀ ନେତା ଉଦ୍ୟମ କରିଥିଲେ?
କ) ସରୋଜିନୀ ନାଇଡୁ ଖ) ଆନି ବେସାନ୍ତ
ଗ) ରୁଖମାବାଇ ଘ) ପଣ୍ଡିତା ରମାବାଇ ସରସ୍ୱତୀ

୬. ୧୯୬୦ ଏବଂ ୧୯୭୦ ଦଶକରେ ଭାରତରେ 'ସବୁଜ ବିପ୍ଳବ' ମୁଖ୍ୟତଃ କେଉଁ କୃଷି ଫସଲର ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲା?
କ) ଚାଉଳ ଖ) ଗହମ ଗ) ସୂତା ଘ) ଆଖୁ

୭. ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ ତଥା ୧୯୭୦ ଦଶକରେ ଚିପକୋ ଆନ୍ଦୋଳନରେ ଅଂଶଗ୍ରହଣ ପାଇଁ କେଉଁ ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ଜଣାଶୁଣା?
କ) ମେଧା ପାଟକର ଖ) ଅରୁନ୍ଧତୀ ରାୟ ଗ) ବନ୍ଦନା ଶିବ ଘ) କିରଣ ବେଦୀ

୮. ୧୯୭୯ରେ ନିଯୁକ୍ତ ମଣ୍ଡଳ ଆୟୋଗ ଭାରତରେ କେଉଁ ପଛୁଆ ଗୋଷ୍ଠୀର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଐତିହାସିକ ପରାମର୍ଶ ଦେଇଥିଲେ?
କ) ମହିଳା ଖ) ଅନୁସୂଚିତ ଜନଜାତି
ଗ) ଧାର୍ମିକ ସଂଖ୍ୟାଲଘୁ ଘ) ଅନ୍ୟ ପଛୁଆ ବର୍ଗ (ଓବିସି)

୯. ଭାରତରେ 'ଯୌତୁକ ପ୍ରଥା' ବହୁ କାଳରୁ ସମାଜରେ ପ୍ରଚଳିତ। ଏହା ମୁଖ୍ୟତଃ କ'ଣ?
କ) ବରର ପରିବାର କନ୍ୟାର ପରିବାରକୁ ଉପହାର ଦେଉଛନ୍ତି
ଖ) ବରର ପରିବାର କନ୍ୟାର ପରିବାରଠାରୁ ଟଙ୍କା ପାଇବା ପାଇଁ ଦାବିକରୁଛନ୍ତି
ଗ) ବରର ପରିବାର ଓ କନ୍ୟାର ପରିବାର ଅତିଥିମାନଙ୍କୁ ଉପହାର ଦେଉଛନ୍ତି
ଘ) ବରକନ୍ୟାକୁ ଅତିଥିମାନେ ଉପହାର ଦେଉଛନ୍ତି

୧୦. ୨୦୦୯ରେ ପାରିତ ହୋଇଥିବା 'ଶିକ୍ଷା ଅଧିକାର' ଆଇନରେ କେତେ ବୟସର ପିଲାମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି?
କ) ୩ରୁ ୬ ଖ) ୬ରୁ ୧୪
ଗ) ୧୪ରୁ ୧୮ ଘ) ୧୮ରୁ ୨୧

## ବାଣିଜ୍ୟ

୧. ଭାରତର କେଉଁ ପ୍ରମୁଖ ସାମୁଦ୍ରିକ ବନ୍ଦର ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରେ?
କ) କୋଲକାତା ବନ୍ଦର ଖ) ଚେନ୍ନାଇ ବନ୍ଦର ଗ) ମୁମ୍ବାଇ ବନ୍ଦର ଘ) କୋଚି ବନ୍ଦର

୨. ଭାରତୀୟ ବାଣିଜ୍ୟର କେଉଁ ଦିଗକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦାୟୀ?
କ) ବୈଦେଶିକ ନୀତି ଖ) ମୁଦ୍ରା ନୀତି ଗ) ପ୍ରତିରକ୍ଷା ନୀତି ଘ) ଶିକ୍ଷା ନୀତି

୩. ଭାରତରେ ଏକାଧିକ ପରୋକ୍ଷ ଟ୍ୟାକ୍ସଗୁଡ଼ିକୁ ବଦଳାଇବା ପାଇଁ ଦ୍ରବ୍ୟ ଏବଂ ସେବା କର (ଜିଏସଟି) ଲାଗୁ କରାଯାଇଥିଲା । ଅଧିକାଂଶ ସାମଗ୍ରୀ ଏବଂ ସେବା ଉପରେ ବର୍ତ୍ତମାନର ଜିଏସଟି ହାର କେତେ?
କ) ୫% ଖ) ୧୨% ଗ) ୧୮% ଘ) ୨୮%

୪. ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ହେଉଛି ଭାରତର ଦୁଇଟି ପ୍ରମୁଖ ପୁଞ୍ଜି ବଜାର। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ୍ କେଉଁ ସହରରେ ଅବସ୍ଥିତ?
କ) ମୁମ୍ବାଇ ଖ) କୋଲକାତା ଗ) ଚେନ୍ନାଇ ଘ) ଦିଲ୍ଲୀ

୫. ଅନ୍ତର୍ଜାତୀୟ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ବ୍ୟବସାୟକୁ ବିଶ୍ୱବ୍ୟାପୀ ବିସ୍ତାର କରିବାରେ ସାହାଯ୍ୟ କରିବା ପାଇଁ କେଉଁ ଭାରତୀୟ ସଂଗଠନ ଦାୟୀ?
କ) **FICCI** ଖ) **CII** ଗ) **EXIM** ବ୍ୟାଙ୍କ ଘ) **NITI** ଆୟୋଗ

୬. ଭାରତୀୟ ବାଣିଜ୍ୟର କେଉଁ କ୍ଷେତ୍ରକୁ ଉତ୍ସାହିତ କରିବା ପାଇଁ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଆରମ୍ଭ କରାଯାଇଥିଲା?
କ) ସୂଚନା ପ୍ରଯୁକ୍ତିବିଦ୍ୟା ଖ) ଉତ୍ପାଦନ ଗ) କୃଷି ଘ) ସେବା

୭. କେଉଁ ଭାରତୀୟ ସହର 'ହୀରକ ନଗର' ଭାବରେ ଜଣାଶୁଣା?
କ) ଜୟପୁର ଖ) ସୁରଟ ଗ) ହାଇଦ୍ରାବାଦ ଘ) ବେଙ୍ଗାଲୁରୁ

୮. ବୀମା କ୍ଷେତ୍ରର ନିୟନ୍ତ୍ରଣ ଏବଂ ତଦାରଖ ପାଇଁ ଭାରତର କେଉଁ ସରକାରୀ ସଂସ୍ଥାନ ଦାୟୀ?
କ) **RBI** ଖ) **SEBI** ଗ) **IRDAI** ଘ) **FSSAI**

୯. ଭାରତର 'ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର' କାହାକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଷ୍ଠିତ କରାଯାଇଛି?
କ) କୃଷି ରପ୍ତାନି ଖ) କ୍ଷୁଦ୍ର ଶିଳ୍ପଗୁଡ଼ିକ
ଗ) ବିଦେଶୀ ପୁଞ୍ଜି ବିନିଯୋଗ ଏବଂ ରପ୍ତାନିଘ) ପର୍ଯ୍ୟଟନ

୧୦. ବର୍ତ୍ତମାନ **NITI** ଆୟୋଗ ହେଉଛି ଭାରତର ନୀତି ସୃଷ୍ଟିକାରୀ ସଂସ୍ଥା। ଏହାର ପୂର୍ବରୁ କେଉଁ ସଂଗଠନ ଥିଲା?
କ) ଯୋଜନା ଆୟୋଗ ଖ) ଭାରତୀୟ ରିଜର୍ଭ ବ୍ୟାଙ୍କ
ଗ) ଅର୍ଥ ମନ୍ତ୍ରଣାଳୟ ଘ) ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ

### ଉତ୍ତର

**୧.ଖ) ୪, ୨.କ) ରାଜା ରାମମୋହନ ରାୟ, ୩.ଗ) ଭୀମ ରାଓ ଆମ୍ବେଦକର, ୪.ଗ) ମହାତ୍ମା ଗାନ୍ଧୀ, ୫.ଘ) ପଣ୍ଡିତା ରମାବାଇ ସରସ୍ୱତୀ, ୬.ଖ) ଗହମ, ୭.ଗ) ବନ୍ଦନା ଶିବ, ୮.ଘ) ଅନ୍ୟ ପଛୁଆ ଶ୍ରେଣୀ (ଓବିସି), ୯.ଖ) ବରର ପରିବାର କନ୍ୟାର ପରିବାରଠାରୁ ଟଙ୍କା ପାଇବା ପାଇଁ ଦାବି କରୁଛନ୍ତି, ୧୦.ଖ) ୬ରୁ ୧୪**

**୧.ଗ) ମୁମ୍ବାଇ ବନ୍ଦର, ୨.ଖ) ମୁଦ୍ରା ନୀତି, ୩.ଗ) ୧୮%, ୪.କ) ମୁମ୍ବାଇ, ୫.ଗ) EXIM ବ୍ୟାଙ୍କ, ୬.ଖ) ଉତ୍ପାଦନ, ୭.ଖ) ସୁରଟ, ୮.ଗ) IRDAI, ୯.ଗ) ବିଦେଶୀ ପୁଞ୍ଜି ବିନିଯୋଗ ଏବଂ ରପ୍ତାନି, ୧୦.କ) ଯୋଜନା ଆୟୋଗ**



ପ୍ରକୃତ ଧାର୍ମିକ ଲୋକ ପାଚିଲା ଧାନ କେଣ୍ଡା ଭଳି- ଯେତେ ଅଧିକ ପାଚୁଥିବ, ସେତେ ସେ ମଥା ନତ କରି ଦେଉଥିବ।

## ଅର୍ଥନୀତି

୧. ମାନବ ବିକାଶ ସୂଚକାଙ୍କ ହେଉଛି ଦେଶର ସାମଗ୍ରିକ ବିକାଶର ଏକ ମାପ ଯାହା ଆୟ, ଶିକ୍ଷା ଏବଂ ଆୟୁ ଭଳି କାରକକୁ ବିଚାରକୁ ନେଇଥାଏ । ଏହୀ ସୂଚକାଙ୍କ କେଉଁ ମିଳିତ ଜାତିସଂଘ ଏଜେନ୍ସି ପ୍ରକାଶ କରେ ?
କ) **WHO** ଖ) **UNDP** ଗ) **UNESCO** ଘ) **FAO**

୨. ଜାତୀୟ ଗ୍ରାମୀଣ ସୁନିଶ୍ଚିତ ରୋଜଗାର ଅଧିନିୟମ, ଯାହା ବର୍ତ୍ତମାନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ସୁନିଶ୍ଚିତ ରୋଜଗାର ଅଧିନିୟମ ଭାବରେ ଜଣାଶୁଣା, କେତେ ଦିନର ରୋଜଗାର ପାଇଁ ପ୍ରତିଶ୍ରୁତି ଦିଏ ?
କ) ୬୦ ଦିନ ଖ) ୯୦ ଦିନ ଗ) ୧୦୦ ଦିନ ଘ) ୧୨୦ ଦିନ

୩. ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନା କେଉଁ ବର୍ଷରେ ଆରମ୍ଭ କରାଯାଇଥିଲା ?
କ) ୧୯୪୨ ଖ) ୧୯୫୧ ଗ) ୧୯୬୫ ଘ) ୧୯୭୨

୪. ଭାରତରେ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା ପାଇଁ କେଉଁ ସଂସ୍ଥା ଦାୟୀ ?
କ) RBI ଖ) **SEBI** ଗ) ଅର୍ଥ ମନ୍ତ୍ରଣାଳୟ ଘ) **SBI**

୫. ଭାରତର 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ କେଉଁ ବର୍ଷ ଆରମ୍ଭ ହୋଇଥିଲା ?
କ) ୨୦୧୦ ଖ) ୨୦୧୪ ଗ) ୨୦୧୯ ଘ) ୨୦୨୦

୬. ଭାରତର କେଉଁ ପ୍ରମୁଖ ଅର୍ଥନୈତିକ ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏକକ ଦ୍ରବ୍ୟ ଏବଂ ସେବା କର (ଜିଏସଟି)ରେ ଏକୀଭୂତ କରିବାକୁ ଲକ୍ଷ୍ୟ ରଖିଛି ?
କ) **LPG** ସଂସ୍କାର ଖ) ସବୁଜ ବିପ୍ଳବ ଗ) ସ୍ୱଚ୍ଛ ଭାରତ ଅଭିଯାନ ଘ) ବିମୁଦ୍ରୀକରଣ

୭. ଭାରତରେ ନାଗରିକମାନଙ୍କ ଦ୍ୱାରା ଖର୍ଚ୍ଚ ହେଉଥିବା ସାମଗ୍ରୀ ଏବଂ ସେବାଗୁଡିକର ସମୁଦାୟ ମୂଲ୍ୟର ହାରାହାରି ପରିବର୍ତ୍ତନକୁ ମାପ କରିବାକୁ କେଉଁ ସୂଚକାଙ୍କ ବ୍ୟବହାର କରାଯାଏ ?
କ) **GDP** ଖ) **WPI** ଗ) **CPI** ଘ) **HDI**

୮. ୧୯୯୦ ଦଶକରେ ଭାରତୀୟ ଅର୍ଥନୈତିକ ସଂସ୍କାରର ପିତା ଭାବରେ କେଉଁ ଅର୍ଥନୀତିଜ୍ଞ ଜଣାଶୁଣା ?
କ) ରଘୁରାମ ରାଜନ ଖ) ମନମୋହନ ସିଂହ
ଗ) ସି. ରଙ୍ଗରାଜନ୍ ଘ) ଉର୍ଜିତ ପଟେଲ

୯. ଭାରତର 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ପଦକ୍ଷେପ ଦ୍ୱାରା ଉଦୀୟମାନ ବ୍ୟବସାୟଗୁଡିକ ପାଇଁ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଉଦ୍ୟୋଗୀତା ଏବଂ ନୂତନତ୍ୱକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇ କେଉଁ ବର୍ଷଠାରୁ ଆରମ୍ଭ କରାଯାଇଛି ?
କ) ୨୦୧୩ ଖ) ୨୦୧୫ ଗ) ୨୦୧୭ ଘ) ୨୦୧୯

୧୦. ଭାରତରେ ଦ୍ରବ୍ୟ ଏବଂ ସେବା କର (ଜିଏସଟି) ପରି ଦେଶ ମଧ୍ୟରେ ସାମଗ୍ରୀ ଏବଂ ସେବା ଉତ୍ପାଦନ ତଥା ବିକ୍ରୟ ଉପରେ ଆଦାୟ କରାଯାଉଥିବା ଟିକସକୁ କ'ଣ କୁହାଯାଏ ?
କ) ଆୟକର ଖ) ସମ୍ପତ୍ତି କର
ଗ) ଅବକାରୀ ଟିକସ ଘ) ମୂଲ୍ୟଯୁକ୍ତ କର (ଭାଟ୍)

## କ୍ରୀଡ଼ା

୧.ଚୀନର ହାଙ୍ଗଝାଉ ଠାରେ ଆୟୋଜିତ ୨୦୨୩ର ଏସୀୟ କ୍ରୀଡ଼ାରେ ଭାରତ ଏହାର ପ୍ରଥମ ସ୍ୱର୍ଣ୍ଣପଦକ କେଉଁ ଖେଳରେ ଜିତିଛି ?
(କ) କ୍ରିକେଟ (ଖ) ଶୁଟିଂ (ଗ) ନୌଚାଳନା (ଘ) ଆର୍ଚ୍ଚେରୀ

୨.୨୦୨୩ର ଏସିଆଡ଼ର ମହିଳା କ୍ରିକେଟ ଫାଇନାଲରେ ଭାରତ କାହାକୁ ହରାଇ ସ୍ୱର୍ଣ୍ଣପଦକ ହାସଲ କରିଛି ?
(କ) ପାକିସ୍ତାନ (ଖ) ବାଂଲାଦେଶ (ଗ) ଶ୍ରୀଲଙ୍କା (ଘ) ଥାଇଲାଣ୍ଡ

୩.ଏଥର ଏସୀୟ କ୍ରୀଡ଼ାର ପୁରୁଷ କ୍ରିକେଟ ଖେଳରେ କେଉଁ ଦେଶ ଟି-ଟ୍ୱେଣ୍ଟି ମ୍ୟାଚରେ ୩୧୪ରନ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛି ?
(କ) ଭାରତ (ଖ) ପାକିସ୍ତାନ (ଗ) ଶ୍ରୀଲଙ୍କା (ଘ) ନେପାଳ

୪.୨୦୨୩ର ଏସୀୟ କ୍ରୀଡ଼ାର ଶୁଟିଂ ବା ବନ୍ଧୁକ ଚାଳନାରେ ଭାରତ କେତୋଟି ସ୍ୱର୍ଣ୍ଣପଦକ ହାସଲ କରିଛି ?
(କ) ୬ଟି (ଖ) ୭ଟି (ଗ) ୮ଟି (ଘ) ୯ଟି

୫.ହାଙ୍ଗଝାଉ ଏସିଆଡ଼ର ମହିଳା ୫୦ମି. ରାଇଫଲ ଥ୍ରୀ ପୋଜିସନ୍‌ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିଣିଥିବା ଭାରତୀୟ ଶୁଟରଙ୍କ ନାମ କ'ଣ ?
(କ) ଶିଫ୍ଟ କୌର ସମରା (ଖ) ମାନିନୀ କୌଶିକ
(ଗ) ଆଶି ଚୌକସୀ (ଘ) ଏଲାଭେନିଲ୍ ଭାଲାରିଭାନ୍

୬.ହାଙ୍ଗଝାଉ ଏସିଆଡ଼ର ମହିଳା ୧୦ମି. ଏୟାର ପିସ୍ତଲ ବିଭାଗରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଓ ଦଳଗତ ରୌପ୍ୟ ଜିଣିଥିବା ତାରକା ଜଣକ କିଏ ?
(କ) ଇଶା ସିଂହ (ଖ) ପଲକ ଗୁଲିଆ
(ଗ) ଟି.ଏସ.ଦିବ୍ୟା (ଘ) ମନୁ ଭାକର

୭.ହାଙ୍ଗଝାଉ ଏସିଆଡ଼ରେ ଦୁଇଟି ଦଳଗତ ସ୍ୱର୍ଣ୍ଣ ସହିତ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିବା ଭାରତୀୟ ରାଇଫଲ ସୁଟରଙ୍କ ନାମ କ'ଣ ?
(କ) ରୁଦ୍ରାଂକ୍ଷ ପାଟିଲ୍ (ଖ) ଦିବ୍ୟାଂଶ ସିଂହ ପଁୱର
(ଗ) ଅଖିଲ ଶେଓରନ୍ (ଘ) ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର

୮.ଏଥିରେ ଅନୁଷ ଅଗ୍ରୱାଲା, ହୃଦୟ ଛେଡ଼ା, ଦିବ୍ୟକୀର୍ତ୍ତି ସିଂ ଓ ସୁଦୀପ୍ତି ହାଜେଲା ଅଶ୍ୱଚାଳନାର କେଉଁ ଦଳଗତ ଖେଳରେ ସ୍ୱର୍ଣ୍ଣ ଜିଣିଛନ୍ତି ?
(କ) ଡ୍ରେସେଜ୍ (ଖ) ଇଭେଂଟିଙ୍ଗ୍ (ଗ) ସୋ ଜମ୍ପିଙ୍ଗ୍ (ଘ) ରେସିଂ

୯.ହାଙ୍ଗଝାଉ ଏସୀୟ କ୍ରୀଡ଼ାର ପୁରୁଷ ଦଳଗତ ସ୍କ୍ୱାଶ୍ ପ୍ରତିଯୋଗିତାର ଫାଇନାଲରେ ଭାରତ କାହାକୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛି ?
(କ) ପାକିସ୍ତାନ (ଖ) ମାଲେସିଆ (ଗ) ହଂକଂ (ଘ) ସିଙ୍ଗାପୁର

୧୦.ହାଙ୍ଗଝାଉ ଏସୀୟ କ୍ରୀଡ଼ାରେ ଭାରତର ଆଥଲେଟ୍ ତେଜିନ୍ଦର ପାଲ ସିଂହ ତୁର୍ କେଉଁ ଖେଳରେ ସ୍ୱର୍ଣ୍ଣ ଜିତିଛନ୍ତି ?
(କ) ହାମର ଥ୍ରୋ (ଖ) ଡସକସ୍ ଥ୍ରୋ
(ଗ) ସଟ୍ ପୁଟ୍ (ଘ) ୩ହଜାର ମି. ଷ୍ଟିପଲଚେଜ୍

### ଉତ୍ତର

୧.ଖ) UNDP, ୨.ଗ) ୧୦୦ ଦିନ, ୩.ଖ) ୧୯୫୧, ୪.କ) RBI, ୫.ଖ) ୨୦୧୪, ୬.କ) LPG ସଂସ୍କାର, ୭.ଗ) CPI, ୮.ଖ) ମନମୋହନ ସିଂହ, ୯.ଖ) ୨୦୧୫, ୧୦.ଘ) ମୂଲ୍ୟଯୁକ୍ତ କର (ଭାଟ୍)

୧.(ଖ) ଶୁଟିଂ, ୨.(ଗ) ଶ୍ରୀଲଙ୍କା, ୩.(ଘ) ନେପାଳ, ୪.(ଖ) ୭ଟି, ୫.(କ) ଶିଫ୍ଟ କୌର ସମରା, ୬.(ଖ) ପଲକ ଗୁଲିଆ, ୭.(ଘ) ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର, ୮.(କ)ଡ୍ରେସେଜ୍, ୯.(କ) ପାକିସ୍ତାନ, ୧୦.(ଗ)ସଟ୍ ପୁଟ୍



ଯିଏ ପ୍ରଶଂସା ଖୋଜି ବୁଲେ, ସେ କେବେ ପାଏ ନାହିଁ।

## ସାହିତ୍ୟ, କଳା ଓ ସଂସ୍କୃତି

୧.ମାର୍କଣ୍ଡେୟ ପୁରାଣରେ ସ୍ଥାନିତ ଦେବୀ ମହାତ୍ମ୍ୟର ସାତଶହ ଶ୍ଲୋକ ଦୁର୍ଗା ସପ୍ତଶତୀ ନାମରେ ପରିଚିତ। ଏହାର ରଚୟିତା କିଏ ?
(କ) ମହର୍ଷି ବାଲ୍ମିକୀ (ଖ) ମହର୍ଷି ବେଦବ୍ୟାସ
(ଗ) ମହର୍ଷି ପଦ୍ମଗୁପ୍ତ (ଘ) ମହର୍ଷି ଭର୍ତ୍ତୃହରି

୨.ସଂସ୍କୃତ ଭାଷାରେ ଲିଖିତ 'କାଦମ୍ବରୀ' ଉପନ୍ୟାସର ରଚୟିତା କିଏ ?
(କ) ହର୍ଷବର୍ଦ୍ଧନ (ଖ) କାଳିଦାସ (ଗ) ଶୁଦ୍ରକ (ଘ) ବାଣଭଟ୍ଟ

୩.ମହାକବି ହୋମରଙ୍କ ଦ୍ୱାରା ରଚିତ ବିଶ୍ୱପ୍ରସିଦ୍ଧ 'ଇଲିୟାଡ଼' ଏବଂ 'ଓଡ଼େସୀ' କାବ୍ୟ ଦୁଇଟି କେଉଁ ଭାଷାରେ ରଚିତ ହୋଇଥିଲା ?
(କ) ଟ୍ୟୁଟୋନିକ୍ (ଖ) ଲାଟିନ୍ (ଗ) ଗ୍ରୀକ୍ (ଘ) ସ୍ଲାଭିକ୍

୪.ଭଦ୍ରବାହୁଙ୍କ ଦ୍ୱାରା ରଚିତ 'କଳ୍ପସୂତ୍ର' ଗ୍ରନ୍ଥ କେଉଁ ଧର୍ମ ସହିତ ସମ୍ବନ୍ଧିତ ଏକ ସାହିତ୍ୟ କୃତି ?
(କ) ହିନ୍ଦୁ ଧର୍ମ (ଖ) ବୌଦ୍ଧ ଧର୍ମ
(ଗ) ଜୈନ ଧର୍ମ (ଘ) କୌଣସି ଧର୍ମ ସହିତ ସମ୍ବନ୍ଧିତ ନୁହେଁ

୫.ନିମ୍ନଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ 'କୱାଲୀ' ଏବଂ 'ଖେୟାଲ' ଗାୟନ ଶୈଳୀ ସୃଷ୍ଟି କରିଥିଲେ ?
(କ) ଅମୀର ଖୁସ୍‌ରୋ (ଖ) ଖ୍ୱାଜା ଅବଦୁର୍ ସମଦ୍
(ଗ) ତାନସେନ୍ (ଘ) ଅବଦୁର ରହୀମ ଖାନେଖାନା

୬.୨୦୨୩ ପାଇଁ କେଉଁ ପ୍ରସିଦ୍ଧ ଅଭିନେତ୍ରୀଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର ଦେବା ନିମନ୍ତେ ସ୍ଥିର କରାଯାଇଛି ?
(କ) ହେମା ମାଲିନୀ (ଖ) ଆଶା ପାରେଖ
(ଗ) ୱହିଦା ରେହମାନ (ଘ) ବୈଜୟନ୍ତୀ ମାଳା ବାଲି

୭.ସୁନ୍ଦର ଚିତ୍ରକଳା ପାଇଁ ପ୍ରସିଦ୍ଧ ରାଜରାଜେଶ୍ୱର ମନ୍ଦିର ତାମିଲନାଡୁ ରାଜ୍ୟର କେଉଁ ସ୍ଥାନରେ ଅବସ୍ଥିତ ?
(କ) ତିରୁଚିରାପଲ୍ଲୀ (ଖ) ସୁଚୀନ୍ଦ୍ରମ (ଗ) ତାଞ୍ଜାଭୁର୍ (ଘ) ମଦୁରାଇ

୮.ହିମାଚଳ ପ୍ରଦେଶର କେଉଁ ସ୍ଥାନରେ ଭିନ୍ନ ଶୈଳୀରେ ପାଳିତ ହେଉଥିବା ଦଶହରା ଅତ୍ୟନ୍ତ ପ୍ରସିଦ୍ଧ ?
(କ) ଶିମଲା (ଖ) କୁଲ୍ଲୁ (ଗ) ମନାଲି (ଘ) ଧର୍ମଶାଳା

୯.କଟକ ସହରର କେଉଁ ସ୍ଥାନରେ ଥିବା ଦୁର୍ଗାପୂଜା ମଣ୍ଡପରେ ପ୍ରଥମେ ଚାନ୍ଦୀମେଢ଼ ନିର୍ମିତ ହୋଇଥିଲା ?
(କ) ଚୌଧୁରୀ ବଜାର (ଖ) ଶେଖ୍ ବଜାର
(ଗ) ଚାଉଳିଆଗଞ୍ଜ (ଘ) ଅଲିଶା ବଜାର

୧୦.ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ବିଷ୍ଣୁଙ୍କର କେଉଁ ଅବତାରଙ୍କ ଜନ୍ମଦିନ ପାଳିତ ହୋଇଥାଏ ?
(କ) ନୃସିଂହ (ଖ) ବାମନ (ଗ) ବରାହ (ଘ) ବଳରାମ

## ଭୂଗୋଳ

୧. କେଉଁ ଭାରତୀୟ ରାଜ୍ୟ ସର୍ବାଧିକ ସଂଖ୍ୟାରେ ଅନ୍ୟ ରାଜ୍ୟ ଏବଂ ଦେଶ ସହିତ ସୀମା ବଣ୍ଟନ କରିଛି ?
କ) ଉତ୍ତରପ୍ରଦେଶ ଖ) ରାଜସ୍ଥାନ ଗ) ଆସାମ ଘ) ଜାମ୍ମୁ କାଶ୍ମୀର

୨. ନିମ୍ନଲିଖିତ ମଧ୍ୟରୁ କେଉଁଟି ପୂର୍ବ ଉପକୂଳରେ ଅବସ୍ଥିତ ଭାରତର ସବୁଠାରୁ ବଡ଼ ଲୁଣିଆ ହ୍ରଦ ?
କ) ଭେମ୍ବାନାଡ ଖ) ଚିଲିକା ଗ) ପୁଲିକେଟ୍ ଘ) ଡାଲ୍ ହ୍ରଦ

୩. ଲାଲ୍ ହରିଣର ଏକ ଉପଜାତି 'ହାଙ୍ଗୁଲ'ର ସଂରକ୍ଷଣ ପାଇଁ ଜଣାଶୁଣା ଡାଚିଗମ୍ ଜାତୀୟ ଉଦ୍ୟାନ କେଉଁ ଭାରତୀୟ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ ଅବସ୍ଥିତ ?
କ) ଜାମ୍ମୁ କାଶ୍ମୀର ଖ) ହିମାଚଳ ପ୍ରଦେଶ ଗ) ଉତ୍ତରାଖଣ୍ଡ ଘ) ଲଦାଖ

୪. ନିମ୍ନଲିଖିତ ନଦୀଗୁଡ଼ିକ ମଧ୍ୟରୁ କେଉଁଟି ଡେକାନ ମାଳଭୂମି ଦେଇ ପ୍ରବାହିତ ହୁଏ ଏବଂ ଭାରତର ଦ୍ୱିତୀୟ ସର୍ବୋଚ୍ଚ ଜଳପ୍ରପାତ ସୃଷ୍ଟି କରେ ?
କ) ନର୍ମଦା ଖ) ଗୋଦାବରୀ ଗ) କାବେରୀ ଘ) ଶରାବତୀ

୫. ଭାରତର ସର୍ବ ପୁରାତନ ପର୍ବତ ଶୃଙ୍ଖଳା ମଧ୍ୟରୁ ଅରାବଳୀ ଶୃଙ୍ଖଳା ବିଭିନ୍ନ ରାଜ୍ୟଗୁଡ଼ିକୁ ଯୋଗ କରୁଛି। ନିମ୍ନଲିଖିତ ମଧ୍ୟରୁ କେଉଁ ରାଜ୍ୟରେ ନାହିଁ ?
କ) ରାଜସ୍ଥାନ ଖ) ହରିୟାଣା ଗ) ଗୁଜୁରାଟ ଘ) ମଧ୍ୟପ୍ରଦେଶ

୬. ଭାରତ ମହାସାଗରରେ ଅବସ୍ଥିତ, ଭାରତ ଦ୍ୱାରା ପରିଚାଳିତ ଏବଂ ଏହାର ଅନନ୍ୟ ଜୈବ ବିବିଧତା ଏବଂ ଆଦିବାସୀ ସଂସ୍କୃତି ପାଇଁ ଜଣାଶୁଣା ଆଗ୍ନେୟଗିରି ଦ୍ୱୀପର ନାମ କ'ଣ ?
କ) ଆଣ୍ଡାମାନ ଖ) ନିକୋବର ଗ) ଲକ୍ଷ୍ମୀଦୀପ ଘ) ଉତ୍ତର ସେଣ୍ଟିନେଲ

୭. କେଉଁ ଭାରତୀୟ ନଦୀ ବିହାର ଏବଂ ଉତ୍ତରପ୍ରଦେଶ ମଧ୍ୟରେ ସୀମା ସୃଷ୍ଟି କରେ ଏବଂ ଭାରତୀୟ ପୁରାଣରେ ଏହାର ମହତ୍ୱ ବର୍ଣ୍ଣିତ ?
କ) ବ୍ରହ୍ମପୁତ୍ର ଖ) ଗଙ୍ଗା ଗ) ଯମୁନା ଘ) ଗଣ୍ଡକ

୮. ଅନନ୍ୟ ସ୍ଥାପତ୍ୟ ଐତିହ୍ୟ ପାଇଁ ଜଣାଶୁଣା 'ଗୋଲାପୀ ସହର' କେଉଁ ଭାରତୀୟ ରାଜ୍ୟରେ ଅବସ୍ଥିତ ?
କ) ରାଜସ୍ଥାନ ଖ) ଉତ୍ତରପ୍ରଦେଶ ଗ) ମଧ୍ୟପ୍ରଦେଶ ଘ) ହରିୟାଣା

୯. ତିବ୍ବତୀୟ ମାଳଭୂମିର ପୂର୍ବ ଧାରରେ ଅବସ୍ଥିତ ଏକ ଉଚ୍ଚ ମାଳଭୂମି ଯାହା ଭାରତର ଶୀତଳ ମରୁଭୂମି ଅଞ୍ଚଳ ଭାବରେ ଜଣାଶୁଣା, ତା'ର ନାମ କ'ଣ ?
କ) ଥର ଖ) ଲଦାଖ ଗ) ସ୍ପିଟି ଉପତ୍ୟକା ଘ) ଦେଓସାଇ ସମତଳ

୧୦.୧୩ଟି କରାଲ୍ ଆଟଲ୍ ଏବଂ ୧୦୦୦ରୁ ଅଧିକ ପ୍ରବାହ ଦ୍ୱୀପପୁଞ୍ଜକୁ ନେଇ ଗଠିତ କେଉଁ ଭାରତୀୟ କେନ୍ଦ୍ର ଶାସିତ ଅଞ୍ଚଳ ଆରବ ସାଗରରେ ଅବସ୍ଥିତ ?
କ) ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଖ) ପୁଡୁଚେରୀ
ଗ) ଲାକ୍ଷାଦ୍ୱୀପ ଘ) ଦାମନ୍ ଏବଂ ଡିୟୁ

### ଉତ୍ତର

**୧. (ଖ) ମହର୍ଷି ବେଦବ୍ୟାସ, ୨.(ଘ) ବାଣଭଟ୍ଟ, ୩.(ଗ) ଗ୍ରୀକ୍, ୪.(ଗ) ଜୈନ ଧର୍ମ, ୫.(କ) ଅମୀର ଖୁସ୍‌ରୋ, ୬.(ଗ) ୱହିଦା ରେହମାନ, ୭.(ଗ) ତାଞ୍ଜାଭୁର, ୮.(ଖ) କୁଲ୍ଲୁ, ୯.(କ)ଚୌଧୁରୀ ବଜାର,୧୦.(ଖ) ବାମନ**

**୧.ଖ)ରାଜସ୍ଥାନ, ୨.ଖ) ଚିଲିକା, ୩.କ) ଜାମ୍ମୁ କାଶ୍ମୀର, ୪.ଘ) ଶରାବତୀ, ୫.ଘ) ମଧ୍ୟପ୍ରଦେଶ, ୬.ଘ) ଉତ୍ତର ସେଣ୍ଟିନେଲ, ୭.ଗ) ଯମୁନା, ୮.କ) ରାଜସ୍ଥାନ, ୯.ଖ) ଲଦାଖ, ୧୦.ଗ) ଲାକ୍ଷାଦ୍ୱୀପ**



ଧୈର୍ଯ୍ୟ ହିଁ ସବୁଠାରୁ ବଡ ପ୍ରାର୍ଥନା।

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧. ଭାରତୀୟ ସମ୍ବିଧାନର ଡ୍ରାଫ୍ଟ କମିଟିର ସଭାପତି କିଏ ଥିଲେ ?
କ) ସର୍ଦ୍ଦାର ଭାଲାଭଭାଇ ପଟେଲ ଖ) ଭୀମରାଓ ଆମ୍ବେଦକର
ଗ) ଜବାହରଲାଲ ନେହେରୁ ଘ) ମହାତ୍ମା ଗାନ୍ଧୀ

୨. ଜଣେ ବ୍ୟକ୍ତି ଭାରତର ରାଷ୍ଟ୍ରପତି ଭାବରେ ସର୍ବାଧିକ କେତେ ସମୟ କାର୍ଯ୍ୟ କରିପାରିବେ ?
କ) ୫ ବର୍ଷ ଖ) ୬ ବର୍ଷ ଗ) ୭ ବର୍ଷ ଘ) ୮ ବର୍ଷ

୩. କେଉଁଟି ଭାରତୀୟ ସମ୍ବିଧାନ ଦ୍ୱାରା ନିଶ୍ଚିତ ହୋଇଥିବା ଏକ ମୌଳିକ ଅଧିକାର ନୁହେଁ ?
କ) ସମାନତାର ଅଧିକାର ଖ) କାମ କରିବାର ଅଧିକାର
ଗ) ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର
ଘ) ଧାର୍ମିକ ସ୍ୱାଧୀନତାର ଅଧିକାର

୪. ଭାରତୀୟ ଲୋକସଭା ଭଙ୍ଗ କରିବାର ଅଧିକାର କାହାର ଅଛି ?
କ) ପ୍ରଧାନମନ୍ତ୍ରୀ ଖ) ରାଷ୍ଟ୍ରପତି
ଗ) ବାଚସ୍ପତି ଘ) ଭାରତର ପ୍ରଧାନ ବିଚାରପତି

୫. କେଉଁ ବର୍ଷ ଭାରତରେ ସୂଚନା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା ?
କ) ୨୦୦୧ ଖ) ୨୦୦୩ ଗ) ୨୦୦୫ ଘ) ୨୦୦୭

୬. ଭାରତୀୟ ସମ୍ବିଧାନର କେଉଁ ଆର୍ଟିକଲ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ଉପରେ ମହାଭିଯୋଗ ଲଗାଯାଇପାରିବ ?
କ) ଧାରା ୬୧ ଖ) ଧାରା ୭୧ ଗ) ଧାରା ୮୧ ଘ) ଧାରା ୯୧

୭. ସଂସଦର ଗୋଟିଏ ଗୃହ ଦ୍ୱାରା ପାରିତ ହୋଇଥିବା ବିଲ୍ ଅନ୍ୟ ଗୃହକୁ ପଠାଯାଉଥିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?
କ) ଗ୍ରହଣ ଖ) ଅନୁମୋଦନ ଗ) ବହିଷ୍କାର ଘ) ତିରସ୍କାର

୮. ଏକ ସରକାରୀ ବ୍ୟବସ୍ଥାର କେନ୍ଦ୍ର ସରକାର ଏବଂ ଆଞ୍ଚଳିକ ସରକାର କିମ୍ବା ରାଜ୍ୟ ମଧ୍ୟରେ କ୍ଷମତା ବିଭାଜନକୁ କ'ଣ କୁହାଯାଏ ?
କ) ରାଜତନ୍ତ୍ର ଖ) ସଙ୍ଘିୟତା ଗ) କୁଳୀନତନ୍ତ୍ର ଘ) ସ୍ୱାଧୀନତା

୯. ସିଧାସଳଖ ଗଣତନ୍ତ୍ରରେ ପ୍ରମୁଖ ନିଷ୍ପତ୍ତି କିପରି ନିଆଯାଏ ?
କ) ନିର୍ବାଚିତ ପ୍ରତିନିଧୀଙ୍କ ଦ୍ୱାରା ଖ) ରାଷ୍ଟ୍ରପତିଙ୍କ ଦ୍ୱାରା
ଗ) ନାଗରିକମାନଙ୍କର ମତଦାନ ଦ୍ୱାରା ଘ) ଜଣେ ରାଜାଙ୍କ ଦ୍ୱାରା

୧୦. ଜଣେ ସରକାରୀ ବ୍ୟକ୍ତିର ଏକଚାଟିଆ କ୍ଷମତା ଏବଂ ଅଧିକାର ଧାରଣ କରିବାକୁ କ'ଣ କୁହାଯାଏ ?
କ) ଗଣତନ୍ତ୍ର ଖ) ରାଜତନ୍ତ୍ର ଗ) ଏକଛତ୍ରବାଦ ଘ) ଅମଲାତନ୍ତ୍ର

## କମ୍ପ୍ୟୁଟର ଶିକ୍ଷା

୧. କମ୍ପ୍ୟୁଟର ସିଷ୍ଟମରେ **CPU cache**ର ପ୍ରାଥମିକ କାର୍ଯ୍ୟ କ'ଣ ?
କ) ଅସ୍ଥାୟୀ ଫାଇଲ ଗଚ୍ଛିତ କରିବା ଖ) ପ୍ରୋଗ୍ରାମ ନିର୍ଦ୍ଦେଶାବଳୀ ପାଳନ କରିବା
ଗ) ବାରମ୍ବାର ଆକ୍ସେସ୍ ହୋଇଥିବା ତଥ୍ୟ ଗଚ୍ଛିତ କରିବା
ଘ) ଭର୍ଚୁଆଲ୍ ମେମୋରୀ ପରିଚାଳନା କରିବା

୨. ନିମ୍ନଲିଖିତ ମଧ୍ୟରୁ କେଉଁଟି କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ମୁଖ୍ୟ ବୈଶିଷ୍ଟ୍ୟ ?
କ) ସର୍ବାଧିକ ଗଣନା କ୍ଷମତା ଖ) ସାଧାରଣ ଗଣନା କ୍ଷମତା
ଗ) ପ୍ରକ୍ରିୟାକରଣ ପାଇଁ କ୍ୟୁବିଟର ଉପଯୋଗ ଘ) ନିର୍ଭରଯୋଗ୍ୟତା ଏବଂ ସ୍ଥିରତା

୩. କମ୍ପ୍ୟୁଟର ଷ୍ଟୋରେଜ୍ ପ୍ରସଙ୍ଗରେ ସଂକ୍ଷିପ୍ତ ଶବ୍ଦ '**RAID**'ର ଅର୍ଥ କ'ଣ ?
କ) ସମ୍ମିଳିତ କାର୍ଯ୍ୟ ସମ୍ପାଦନ ଖ) ସ୍ୱାଧୀନ ଡିସ୍କଗୁଡ଼ିକର ଅନାବଶ୍ୟକ ଆରେ
ଗ) ରିମୋଟ ପରିଚୟ ଡାଟାବେସ୍ ଘ) ଉନ୍ନତ ଇନପୁଟ୍ ଉପକରଣ

୪. ସ୍ମାର୍ଟଫୋନ୍ ଏବଂ ଅନ୍ୟାନ୍ୟ ଉପକରଣ ମଧ୍ୟରେ ବେତାର ଯୋଗାଯୋଗ ପାଇଁ କେଉଁ ଟେକ୍ନୋଲୋଜି ବ୍ୟବହୃତ ହୁଏ ?
କ) **NFC** ଖ) **RFID** ଗ) **GPS** ଘ) Wi-Fi

୫. ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମରେ ପ୍ରୟୋଗଗୁଡ଼ିକର ବିକାଶ ପାଇଁ ସାଧାରଣତଃ କେଉଁ ପ୍ରୋଗ୍ରାମିଂ ଭାଷା ବ୍ୟବହୃତ ହୁଏ ?
କ) ସ୍ୱିଫ୍ଟ ଖ) ଜାଭା ଗ) ସି ++ ଘ) ପାଇଥନ୍

୬. କମ୍ପ୍ୟୁଟର ଟେକ୍ନୋଲୋଜିରେ ଏକ **FPGA**ର ମୂଳ ଉଦ୍ଦେଶ୍ୟ କ'ଣ ?
କ) ବଡ଼ ଡାଟାବେସ୍ ଗଚ୍ଛିତ କରିବା ଖ) ଜଟିଳ ଗାଣିତିକ କାର୍ଯ୍ୟ କରିବା
ଗ) ନିର୍ଦ୍ଦିଷ୍ଟ ହାର୍ଡୱେର୍ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ ଘ) ଭର୍ଚୁଆଲ୍ ମେମୋରୀ ପରିଚାଳନା

୭. କେଉଁ ଟେକ୍ନୋଲୋଜି ଏକାଧିକ ଭର୍ଚୁଆଲ୍ ମେସିନଗୁଡ଼ିକୁ ଗୋଟିଏ ଭୌତିକ ସର୍ଭରରେ ଚଲାଇବାକୁ ଅନୁମତି ଦିଏ ?
କ) କଣ୍ଟେନେରାଇଜେସନ୍ ଖ) ହାଇପରଭାଇଜର ଗ) କ୍ଲାଉଡ୍ ଗଣନା ଘ) କ୍ଲଷ୍ଟର ଗଣନା

୮. ନେଟୱର୍କ ଟ୍ରାଫିକ୍ ଉପରେ ନଜର ରଖିବା ଏବଂ ଫିଲ୍ଟର୍ କରି ସୁରକ୍ଷା ଯୋଗାଉଥିବା ସଫ୍ଟୱେର୍ କିମ୍ବା ହାର୍ଡୱେର୍ ଉପାଦାନକୁ କ'ଣ କୁହାଯାଏ ?
କ) ଫାୟାରୱାଲ୍ ଖ) ରାଉଟର ଗ) ମୋଡେମ୍ ଘ) ଆଣ୍ଟିଭାଇରସ୍

୯. କେଉଁ ପ୍ରକାରର ମେମୋରୀ ସ୍ଥିର ଏବଂ କମ୍ପ୍ୟୁଟରରେ ଦୀର୍ଘକାଳୀନ ତଥ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ ହୁଏ ?
କ) **RAM** ଖ) **Cache** ଗ) **SSD** ଘ) ROM

୧୦. ଇଣ୍ଟରନେଟରେ କମ୍ପ୍ୟୁଟିଂ ଉତ୍ସ ଏବଂ ସେବା ବାଣ୍ଟିବାକୁ ସକ୍ଷମ ଟେକ୍ନୋଲୋଜିକୁ କ'ଣ କୁହାଯାଏ ?
କ) ପିଅର-ଟୁ-ପିଅର୍ ନେଟୱାର୍କିଂ ଖ) ବଣ୍ଟିତ ଗଣନା
ଗ) କ୍ଲାଉଡ୍ ଗଣନା ଘ) ଗ୍ରୀଡ୍ ଗଣନା

### ଉତ୍ତର

**୧.ଖ) ଭୀମରାଓ ଆମ୍ବେଦକର, ୨.କ) ୫ ବର୍ଷ, ୩.ଖ) କାମ କରିବାର ଅଧିକାର, ୪.ଖ) ରାଷ୍ଟ୍ରପତି, ୫.ଗ) ୨୦୦୫, ୬.କ) ଧାରା ୬୧, ୭.ଖ) ଅନୁମୋଦନ, ୮.ଖ) ସଙ୍ଘିୟତା, ୯.ଗ) ନାଗରିକମାନଙ୍କର ମତଦାନ ଦ୍ୱାରା, ୧୦.ଗ) ଏକଛତ୍ରବାଦ**

**୧.ଗ) ବାରମ୍ବାର ଆକ୍ସେସ୍ ହୋଇଥିବା ତଥ୍ୟ ଗଚ୍ଛିତ କରିବା, ୨.ଗ) ପ୍ରକ୍ରିୟାକରଣ ପାଇଁ କ୍ୟୁବିଟର ବ୍ୟବହାର, ୩.ଖ) ସ୍ୱାଧୀନ ଡିସ୍କଗୁଡ଼ିକର ଅନାବଶ୍ୟକ ଆରେ, ୪.କ) NFC, ୫.ଖ) ଜାଭା, ୬.ଗ) ନିର୍ଦ୍ଦିଷ୍ଟ ହାର୍ଡୱେର୍ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା, ୭.ଖ) ହାଇପରଭାଇଜର, ୮.କ) ଫାୟାରୱାଲ୍, ୯.ଉ) SSD, ୧୦. ଗ) କ୍ଲାଉଡ୍ ଗଣନା**



ଯେ ଦୋଷ କରିଥାଏ ତା ମନ ଭିତରେ ଗୁଡାଏ କଙ୍କଡା ବିଛା ଚାଲୁଥାନ୍ତି ।

## ସାଧାରଣ ବିଜ୍ଞାନ

୧. ପ୍ରୋଟନ୍, ନ୍ୟୁଟ୍ରନ୍ ଏବଂ ଇଲେକ୍ଟ୍ରନ୍ ଗୁଡ଼ିକରେ ଗଠିତ ପଦାର୍ଥର ମୌଳିକ ଏକକକୁ କ'ଣ କୁହାଯାଏ ?

କ) ଅଣୁ ଖ) ପରମାଣୁ ଗ) କକ୍ଷ ଘ) ନ୍ୟୁକ୍ଲିୟସ୍

୨. ଆମର ସୌର ପରିବାରରେ ସବୁଠାରୁ ଛୋଟ ଗ୍ରହ କିଏ ?

କ) ଶୁକ୍ର ଖ) ପୃଥିବୀ ଗ) ବୁଧ ଘ) ମଙ୍ଗଳ

୩. କ୍ୱାର୍ଟ ଏବଂ ଲେପ୍ଟନ୍ ପରି ସବ-ଅଟୋମିକ୍ କଣିକାର ଆଚରଣ ଅଧ୍ୟୟନକୁ କ'ଣ କୁହାଯାଏ ?

କ) ଜ୍ୟୋତିର୍ବିଜ୍ଞାନ ଖ) ଜୀବବିଜ୍ଞାନ

ଗ) ରସାୟନ ବିଜ୍ଞାନ ଘ) କଣିକା ପଦାର୍ଥ ବିଜ୍ଞାନ

୪. କେଉଁ ପ୍ରକ୍ରିୟା ଦ୍ୱାରା ଉଦ୍ଭିଦ ସୂର୍ଯ୍ୟ କିରଣକୁ ରାସାୟନିକ ଶକ୍ତିରେ ପରିଣତ କରନ୍ତି ?

କ) ଫୋଟୋସିନ୍ଥେସିସ୍ ଖ) ଶ୍ୱାସକ୍ରିୟା

ଗ) ଫେମେଣ୍ଟେସନ୍ ଘ) ଜାଳେଣି

୫. ପୃଥିବୀର ବାୟୁମଣ୍ଡଳର କେଉଁ ଗ୍ୟାସର ପରିମାଣ ଅଧିକ ?

କ) ଅମ୍ଳଜାନ ଖ) ଯବକ୍ଷାରଜାନ ଗ) ଅଙ୍ଗାରକାମ୍ଳ ଘ) ଉଦଜାନ

୬. ବୈଦ୍ୟୁତିକ ପ୍ରତିରୋଧର ଏକକ କ'ଣ ?

କ) ଭୋଲ୍ଟ ଖ) ଆମ୍ପିୟର୍ ଗ) ଓମ୍ ଘ) ୱାଟ

୭. ପଦାର୍ଥ ନିଜେ ଗତି ନକରି ଅନ୍ୟ ଏକ ପଦାର୍ଥ ମାଧ୍ୟମରେ ଉତ୍ତାପ ସ୍ଥାନାନ୍ତରିତ କରିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

କ) ପରିବାହନ ଖ) ସଂକଳନ ଗ) ବିକିରଣ ଘ) ପ୍ରତିରୋଧ

୮. କେଉଁ ଗ୍ରହକୁ 'ଲୋହିତ ଗ୍ରହ' କୁହାଯାଏ ?

କ) ବୃହସ୍ପତି ଖ) ଶୁକ୍ର ଗ) ମଙ୍ଗଳ ଘ) ଶନି

୯. କଣିକା ପଦାର୍ଥ ବିଜ୍ଞାନର ଷ୍ଟାଣ୍ଡାର୍ଡ ମଡେଲରେ ବୈଦ୍ୟୁତିକ ଚୁମ୍ବକୀୟ ଶକ୍ତି ବିସ୍ତାର ପାଇଁ କେଉଁ ମୌଳିକ କଣିକା ଦାୟୀ ?

କ) ଫୋଟନ୍ ଖ) ନିଉଟ୍ରିନୋ ଗ) ଇଲେକ୍ଟ୍ରନ୍ ଘ) ପ୍ରୋଟନ୍

୧୦. ପର୍ଯ୍ୟାୟ ଟେବୁଲରେ କେଉଁ ଉପାଦାନର ରାସାୟନିକ ପ୍ରତୀକ '**Fe**' ?

କ) ଲୁହା ଖ) ସୁନା ଗ) ରୂପା ଘ) ତମ୍ବା

## ଗଣିତ

୧.ଏକ ଯୁଗଳ ସମାନ୍ତରାଳ ଧାଡିକୁ କାଟୁଥିବା ରେଖାକୁ କ'ଣ କୁହାଯାଏ ?

(କ) ଟାଙ୍ଗେଣ୍ଟ (ଖ) କୋର୍ଡ (ଗ) ଟ୍ରାଭର୍ସାଲ୍ (ଘ) ଛକ

୨.କେତେ ଡିଗ୍ରୀ କୋଣକୁ ସଂପୂର୍ଣ୍ଣ କୋଣ କୁହାଯାଏ ?

(କ) ୧୮୦ (ଖ) ୨୪୦ (ଗ) ୩୬୦ (ଘ) କୌଣସିଟି ନୁହେଁ

୩.ଦୁଇଟି ତ୍ରିଭୂଜର କ୍ଷେତ୍ର ହେଉଛି ୮୧ ବର୍ଗ ସେମି ଏବଂ ୪୯ ବର୍ଗ ସେମି। ସେମାନଙ୍କର ଅନୁରୂପ ଉଚ୍ଚତାର ଅନୁପାତ କେତେ ?

(କ) ୯:୭ (ଖ) ୭:୯ (ଗ) ୬:୫ (ଘ) ୮୧:୪୯

୪.ଯଦି ଏକ ଆୟତକାରର ଲମ୍ବ ଏବଂ ପ୍ରସ୍ଥ ଯଥାକ୍ରମେ **a**% ଏବଂ **b**% ବୃଦ୍ଧି ହୁଏ, ତେବେ କ୍ଷେତ୍ରଟି ବୃଦ୍ଧି ପାଇବ-

(କ) (a-b + 2ab / 100)% (ଖ) (a + b + 2ab / 100)%

(ଗ) (a + b + ab / 100)% (ଘ) (a-b + ab / 100)%

୫.**A, B** ଏବଂ **C** ଯଥାକ୍ରମେ ୧୪, ୬ ଏବଂ ୧୨ ଦିନରେ ଏକ କାର୍ଯ୍ୟ ସମାପ୍ତ କରିପାରନ୍ତି । ଏକତ୍ର କାର୍ଯ୍ୟ କରି ସେମାନେ ସେହି କାର୍ଯ୍ୟକୁ କେତେ ଦିନରେ ସମାପ୍ତ କରିପାରିବେ ?

(କ) ୧୯/୯ ଦିନ (ଖ) ୨୭ ଦିନ

(ଗ) ୨୮/୯ ଦିନ (ଘ) ୨୫/୮ ଦିନ

୬.ଯଦି **Px = Qy = Rz** ଏବଂ **Q / P = R / Q**, ତେବେ **2z / (x + z)** = ?

(କ) **y / z** (ଖ) **y / x** (ଗ) **x / y** (ଘ) **z / y**

୭.ଜଣେ ଦୋକାନୀ ୧୦ଟଙ୍କାରେ ୧୫ଟି ଆମ୍ବ କିଣି ସେଥିରୁ ୧୦ଟି ଆମ୍ବ ୧୫ଟଙ୍କାରେ ବିକ୍ରି କଲେ କେତେ ପ୍ରତିଶତ ଲାଭ ଅର୍ଜନ କରିବେ ?

(କ) ୫୦% (ଖ) ୭୫% (ଗ) ୮୦% (ଘ) ୧୨୫%

୮.୪୯୫୦ / ୬ + ୧୧୨ **x** ୧.୭୫ = ? **x**୨

(କ) ୫୧୦.୫ (ଖ) ୫୦୫.୨ (ଗ) ୫୧୫.୫ (ଘ) କୌଣସିଟି ନୁହେଁ

୯.ଯଦି ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ୧୦ ବର୍ଷରେ ୫ ଗୁଣ ବୃଦ୍ଧି ହୁଏ, ତେବେ ବାର୍ଷିକ ସୁଧ ହାର କେତେ ?

(କ) ୨୦% (ଖ) ୩୦% (ଗ) ୪୦% (ଘ) ୫୦%

୧୦.ଯଦି ୧୦, ୦୦୦ ଟଙ୍କା ୨ ବର୍ଷରେ ୨୦,୭୩୬ ଟଙ୍କାରେ ପରିଣତ ହୁଏ ଏବଂ ପ୍ରତି ୬ ମାସରେ ଚକ୍ରବୃଦ୍ଧି ସୁଧ ଲାଗେ, ତେବେ ବାର୍ଷିକ ସୁଧ ହାର କେତେ ?

(କ) ୨୫% (ଖ) ୨୦% (ଗ) ୪୦% (ଘ) ୩୦%

### ଉତ୍ତର

**୧.ଖ) ପରମାଣୁ, ୨.ଗ) ବୁଧ, ୩.ଘ) କଣିକା ପଦାର୍ଥ ବିଜ୍ଞାନ, ୪.କ) ଫୋଟୋସିନ୍ଥେସିସ୍, ୫.ଖ) ଯବକ୍ଷାରଜାନ, ୬.ଗ) ଓମ୍, ୭.କ) ପରିବାହନ, ୮.ଗ) ମଙ୍ଗଳ, ୯.କ) ଫୋଟନ୍, ୧୦.କ) ଲୁହା**

**୧.(ଗ) ଟ୍ରାଭର୍ସାଲ, ୨.(ଗ) ୩୬୦, ୩.(କ) ୯:୭, ୪.(ଗ) (a + b + ab / 100)%, ୫.(ଗ) ୨୮/୯ ଦିନ, ୬.(ଖ) y / x, ୭.(ଘ) ୧୨୫%, ୮.(କ) ୫୧୦.୫, ୯.(ଗ) ୪୦%, ୧୦.(ଗ) ୪୦%**



ତୁମ ପ୍ରତି ଜଣେ ଅନ୍ୟାୟ କଲେ ସହି ଯାଅ। ଦେଖିବ ଯିଏ ଅନ୍ୟାୟ କରନ୍ତି ସେହି ଅସୁଖୀ ହେବ।

# ପର୍ବପର୍ବାଣୀ

## ଅକ୍ଟୋବର

(କନ୍ୟା ଦି୧୫ନ-ତୁଳା ଦି୧୪ନ)

(ଆଶ୍ୱିନ କୃଷ୍ଣ ଦ୍ୱିତୀୟା-କାର୍ତ୍ତିକ କୃଷ୍ଣ ତୃତୀୟା)

ତା୦୩. ଅଶ୍ୱ ପଞ୍ଚମୀ
ତା୦୪. ଗଜ ଷଷ୍ଠୀ
ତା୦୬. ଦେବ୍ୟୁତ୍ଥାପନ, ସହସ୍ରା କୁମ୍ଭାଭିଷେକ, ମୂଳାଷ୍ଟମୀ ଓ ଦ୍ୱିତୀବାହନ ଓଷା
ତା୧୦. ଇନ୍ଦିରା ଏକାଦଶୀ ଓ ହଳ ନିଷେଧ
ତା୧୩. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା ପରିକ୍ରମା
ତା୧୪. ମହାଳୟା ଅମାବାସ୍ୟା ଚନ୍ଦ୍ରକ୍ଷୟ, ଫୁଲ୍ଲେରୀ ଓଷା ଓ ହଳ ନିଷେଧ
ତା୧୫. ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ ଓ ବିରାଜଦେବୀଙ୍କ ରଥଯାତ୍ରା
ତା୧୬. ଚନ୍ଦ୍ରଦର୍ଶନ ଓ ପୂଜା
ତା୧୮. ତୁଳା(ଗର୍ଭଣା) ସଂକ୍ରାନ୍ତି ଓ ହଳ ନିଷେଧ
ତା୧୯. ନତଃ ପଞ୍ଚମୀ
ତା୨୦. ତପଃ ଷଷ୍ଠୀ, ବିଲ୍ୱାଧିବାସ ଓ ଶ୍ରୀଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜାରମ୍ଭଃ
ତା୨୧. ପୀଠେ ମହାଷ୍ଟମୀ, ଦୁର୍ଗା ବ୍ରତ ଓ ମୃଣ୍ମୟୀ ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା
ତା୨୨. ପୀଠେ ମହାନବମୀ ଓ ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା ଓ ଶରଣ ଆରମ୍ଭ
ତା୨୩. ମୃଣ୍ମୟୀ ଦୁର୍ଗାଦେବୀଙ୍କ ମହାନବମୀ ପୂଜା ଓ ପୀଠେ ବିଶ୍ରାମ
ତା୨୩. ବିଜୟା ଦଶମୀ, ଦଶହରା
ତା୨୫. ଭଷାଣୀ ଯାତ୍ରା, ପାପାଙ୍କୁଶା ଏକାଦଶୀ ଭଷାଣୀ, ଗୋଷାଣୀ ଯାତ୍ରା ଓ ହ.ନି.
ତା୨୬. ଶରଣ ଶେଷ
ତା୨୮. କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା ଓ ଚନ୍ଦ୍ରପୂଜା
ତା୨୯. କାର୍ତ୍ତିକ ବ୍ରତ ଆରମ୍ଭ

## ନଭେମ୍ବର

(ତୁଳା ଦି୧୫ନ-ବିଛା ଦି୧୪ନ)

(କାର୍ତ୍ତିକ କୃଷ୍ଣ ଚତୁର୍ଥୀ-ମାର୍ଗଶୀର କୃଷ୍ଣ ତୃତୀୟା)

ତା୦୯. ରମା ଏକାଦଶୀ, ଗୋବତ୍ସ ଦ୍ୱାଦଶୀ ଓ ହଳ ନିଷେଧ
ତା୧୧. ନରକ ଚତୁର୍ଦ୍ଦଶୀ, ଶିବଚତୁର୍ଦ୍ଦଶୀ ଓ ଧନ୍ୱନ୍ତରୀ ଜୟନ୍ତୀ
ତା୧୨. ଶ୍ୟାମାକାଳୀ ପୂଜା, ଦୀପାବଳୀ, ଚନ୍ଦ୍ରକ୍ଷୟ ଓ ହଳ ନିଷେଧ
ତା୧୩. ଅମାବାସ୍ୟା, ପ୍ରୟାଶ୍ରାଦ୍ଧ ଓ ସୋମମହୀତ ସ୍ନାନ
ତା୧୪. ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ଶିଶୁଦିବସ, ନେହେରୁଙ୍କ ଜୟନ୍ତୀ, ଓ ଚନ୍ଦ୍ରଦର୍ଶନ
ତା୧୫. ଯମ ଓ ଭାତୃ ଦ୍ୱିତୀୟା, ଗରୁଡ ଦ୍ୱାଦଶୀ, ତୁଳସୀ ବିବାହ
ତା୧୭. ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା, ନାଗ ଚତୁର୍ଥୀ ଓ ହଳ ନିଷେଧ
ତା୧୮. ଶରଣ ଆରମ୍ଭ
ତା୧୯. ଷୋଳାଶାସନ ଅମୃତମଣୋହି ଭୋଗ
ତା୨୦. ଗୋଷ୍ଠାଷ୍ଟମୀ
ତା୨୧. ଅଁଳା ନବମୀ, ଶ୍ରୀରାଧାଙ୍କ ପାଦ ଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା
ତା୨୨. ଶ୍ରୀ କୃଷ୍ଣଙ୍କ ଶରଦ୍ରାସାଧିବାସ ଓ ଶରଣ ଶେଷ
ତା୨୩. ଦେବୋତ୍ଥାପନ(ବଡ଼) ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ, ହଳ ନିଷେଧ
ତା୨୪. ଗରୁଡ଼ ଦ୍ୱାଦଶୀ ଓ ତୁଳସୀ ବିବାହ
ତା୨୫. ଶିବଉତ୍ଥାପନ, ବଡ଼ଓଷା ଓ ବୈକୁଣ୍ଠ ଚତୁର୍ଦ୍ଦଶୀ
ତା୨୬. ଚନ୍ଦ୍ରପୂଜା ଓ କେଦାର ବ୍ରତ
ତା୨୭. ରାସ ପୂର୍ଣ୍ଣିମା, ବାଲିଯାତ୍ରା ଓ କାର୍ତ୍ତିକେଶ୍ୱର ପୂଜା
ତା୨୮. ଛାଡ ଖାଇ
ତା୩୦. ମାଣବସା ଗୁରୁବାର (ପ୍ରଥମ)

# ମୁଖ୍ୟ ଦିବସ

ତା୦୧. ବିଶ୍ୱ ପ୍ରୌଢ଼ ଦିବସ
ତା୦୨. ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀ ଜୟନ୍ତୀ, ଅନ୍ତର୍ଜାତୀୟ ଅହିଂସା ଦିବସ
ତା୦୩. ପୁରୁଷବନ୍ଧୁ ଦିବସ, ବିଶ୍ୱ ପ୍ରକୃତି ଦିବସ
ତା୦୪. ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ
ତା୦୫. ବିଶ୍ୱ ଶିକ୍ଷକ ଦିବସ, ବିଶ୍ୱ ହସ ଦିବସ (ଅକ୍ଟୋବର ପ୍ରଥମ ଶୁକ୍ରବାର)
ତା୦୬. ବିଶ୍ୱ ବନ୍ୟପ୍ରାଣୀ ଦିବସ, ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ
ତା୦୭. ବିଶ୍ୱ କପା ଦିବସ
ତା୦୮. ଭାରତୀୟ ବାୟୁସେନା ଦିବସ
ତା୦୯. ବିଶ୍ୱ ଡାକ ଦିବସ, ଗୋପବନ୍ଧୁ ଜନ୍ମ ଦିବସ
ତା୧୦. ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଜାତୀୟ ଡାକ ଦିବସ
ତା୧୧. ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ, ଶହୀଦ ବାଜିରାଉତ ଶ୍ରାଦ୍ଧ ଦିବସ
ତା୧୨. ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ, ବିଶ୍ୱ ଦୃଷ୍ଟି ଦିବସ (ଅକ୍ଟୋବର ଦ୍ୱିତୀୟ ଗୁରୁବାର)
ତା୧୩. ବିଶ୍ୱ ଅଣ୍ଡା ଦିବସ (ଅକ୍ଟୋବର ଦ୍ୱିତୀୟ ଶୁକ୍ରବାର)
ତା୧୪. ବିଶ୍ୱ ମାନକ ଦିବସ, ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ,
ତା୧୫. ବିଶ୍ୱ ହାତ ଧୋଇବା ଦିବସ, ବିଶ୍ୱ ଛାତ୍ର ଦିବସ, ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ
ତା୧୬. ବିଶ୍ୱ ଖାଦ୍ୟ ଦିବସ
ତା୧୭. ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ
ତା୨୦. ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ବିଶ୍ୱ ପରିସଂଖ୍ୟାନ ଦିବସ
ତା୨୧. ପୋଲିସ୍ ସ୍ମୃତି ଦିବସ
ତା୨୪. ବିଶ୍ୱ ପୋଲିଓ ଦିବସ, ମିଳିତ ଜାତିସଂଘ ଦିବସ, ବିଶ୍ୱ ବିକାଶ ସୂଚନା ଦିବସ
ତା୨୮. ଅନ୍ତର୍ଜାତୀୟ ଆନିମେସନ୍ ଦିବସ
ତା୨୯. ବିଶ୍ୱ ଷ୍ଟ୍ରୋକ୍ ଦିବସ, ଅନ୍ତର୍ଜାତୀୟ ଇଣ୍ଟରନେଟ୍ ଦିବସ
ତା୩୦. ବିଶ୍ୱ ସଞ୍ଚୟ (ଥ୍ରିଫ୍ଟ) ଦିବସ
ତା୩୧. ଜାତୀୟ ଏକତା ଦିବସ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ,
ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ବିଶ୍ୱ ସହର ଦିବସ

ତା୦୧. ହରିୟାଣା ଦିବସ, ସମସ୍ତ ସାଧୁସନ୍ଥ ଦିବସ, ବିଶ୍ୱ ଶାକାହାରୀ ଦିବସ
ତା୦୫. ବିଶ୍ୱ ସୁନାମି ସଚେତନତା ଦିବସ
ତା୦୭. ଜାତୀୟ କର୍କଟ ସଚେତନତା ଦିବସ, ନବଜାତ ଶିଶୁ ସୁରକ୍ଷା ଦିବସ
ତା୦୮. ବିଶ୍ୱ ସହରୀକରଣ ଦିବସ, ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ
ତା୦୯. ଜାତୀୟ ଆଇନ ସେବା ଦିବସ
ତା୧୦. ପରିବହନ ଦିବସ
ତା୧୧. ଜାତୀୟ ଶିକ୍ଷା ଦିବସ (ମୌଲାନା ଅବୁଲ କଲାମ ଆଜାଦ ଜୟନ୍ତୀ)
ତା୧୨. ଜାତୀୟ ପକ୍ଷୀ ଦିବସ (ଡକ୍ଟର ସଲିମ ଅଲ୍ଲୀଙ୍କ ଜନ୍ମଦିନ),
ବିଶ୍ୱ ନିମୋନିଆ ଦିବସ, ଜନସେବା ପ୍ରସାରଣ ଦିବସ
ତା୧୩. ବିଶ୍ୱ ଦୟା ଦିବସ
ତା୧୪. ଶିଶୁ ଦିବସ (ନେହେରୁ ଜୟନ୍ତୀ), ବିଶ୍ୱ ମଧୁମେହ ଦିବସ
ତା୧୫. ବିର୍ସା ମୁଣ୍ଡା ଜନ୍ମ ଦିବସ
ତା୧୬. ଅନ୍ତର୍ଜାତୀୟ ସହନଶୀଳତା ଦିବସ, ଜାତୀୟ ପ୍ରେସ ଦିବସ
ତା୧୭. ଜାତୀୟ ଅପସ୍ମାର ଦିବସ, ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଦିବସ
ତା୧୮. ବିଶ୍ୱ ଦର୍ଶନ ଦିବସ, ଜାତୀୟ ପ୍ରାକୃତିକ ଚିକିତ୍ସା ଦିବସ
ତା୧୯. ବିଶ୍ୱ ଶୌଚାଳୟ ଦିବସ, ଇନ୍ଦିରା ଗାନ୍ଧୀ ଜୟନ୍ତୀ, ଅନ୍ତର୍ଜାତୀୟ ପୁରୁଷ ଦିବସ
ତା୨୦. ଆଫ୍ରିକା ଶିଳ୍ପାୟନ ଦିବସ, ସାର୍ବଭୌମିକ ଶିଶୁ ଦିବସ
ତା୨୧. ବିଶ୍ୱ ଟେଲିଭିଜନ ଦିବସ, ବିଶ୍ୱ ମତ୍ସ୍ୟ ଦିବସ, ହରେକୃଷ୍ଣ ମହତାବଙ୍କ ଜନ୍ମ ଦିବସ
ତା୨୨. ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଦିବସ
ତା୨୩. ନବକୃଷ୍ଣ ଚୌଧୂରୀଙ୍କ ଜନ୍ମ ଦିବସ
ତା୨୪. ଗୁରୁ ତେଗ୍ ବାହାଦୁରଙ୍କ ଶହୀଦ ଦିବସ
ତା୨୫. ବିଶ୍ୱ ଆମିଷ ଦିବସ
ତା୨୬. ଜାତୀୟ ସମ୍ବିଧାନ ଦିବସ, ଜାତୀୟ ଦୁଗ୍ଧ ଦିବସ
ତା୨୭. ଗୁରୁ ନାନକ ଦେବଙ୍କ ଜନ୍ମ ବାର୍ଷିକୀ, ଜାତୀୟ ଅଙ୍ଗଦାନ ଦିବସ
ତା୩୦. କମ୍ପ୍ୟୁଟର ସୁରକ୍ଷା ଦିବସ



ଯେଉଁମାନେ ନିର୍ଦ୍ଦୋଷ, ସେମାନେ ସୁଖ ନିଦ୍ରାହିଁ ଭୋଗ କରନ୍ତି- ଛଟପଟ ହେବା ସେମାନଙ୍କର ଭାଗ୍ୟରେ ନାହିଁ।

# ଆମରିସତ୍ୟର ବାର୍ଷିକ ଉତ୍ସବ



■ ଖୋର୍ଦ୍ଧା, ତା ୨୪ା୯(ପିଏନଏସ)

ଆମରିସତ୍ୟ ପତ୍ରିକାଟିର ତ୍ରୟୋଦଶତମ ବାର୍ଷିକ ଉତ୍ସବ-୨୦୨୩ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆମରି ସତ୍ୟ ସମ୍ମାନ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆମରି ସତ୍ୟ ସାରସ୍ୱତ ସମ୍ମାନ- ପଣ୍ଡିତ ରମାକାନ୍ତ ମିଶ୍ର ଓ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ- ନାଟ୍ୟକାର ଗୋପାଳ ଦେଙ୍କୁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ଉଦଘାଟନ କରି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଆଗାମୀ ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଗୁଡ଼ିକ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ । ସମ୍ମାନୀୟ ଅତିଥି ସ୍ୱାମୀ ଜୟଦେବ ଭାରତୀ କବି, ଲେଖକ, ସାହିତ୍ୟିକମାନଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ ବୋଲି ମତ ଦେଇଥିଲେ । ମୁଖ୍ୟଅତିଥି ଭାବେ ଜେଏନୟୁ ନୂଆଦିଲ୍ଲୀ, ଆଦିକବି ସାରଳା ଦାସ ଚେୟାରର ପ୍ରଫେସର ଉଦୟନାଥ ସାହୁ ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟଭାଷାଠାରୁ ପ୍ରାଚୀନ ଆର୍ଯ୍ୟଭାଷା (ସଂସ୍କୃତ ବ୍ୟତିତ) ହୋଇଥିଲେ ମଧ୍ୟ ଆମଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବରେ ଉପସ୍ଥାପିତ କରିପାରୁ ନାହୁଁ । ସମ୍ମାନୀୟ ଅତିଥି ଡ.ବିଷ୍ଣୁ ଚରଣ ସାହୁ ବର୍ତ୍ତମାନ ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର ଏବଂ ଶିକ୍ଷକଙ୍କପାଇଁ ଏକ ଉପାଦେୟ ପତ୍ରିକା ବୋଲି ମତ ଦେଇଥିଲେ । ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଓ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ତ୍ରିଲୋଚନ ମହାପାତ୍ରଙ୍କ ଦୃଷ୍ଟିକୋଣ ଓ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଗୀତି ମଞ୍ଜୁଷା ପୁସ୍ତକ ଉନ୍ମୋଚିତ ହୋଇଥିଲା । କବିତା ପାଠୋତ୍ସବ ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ଏବଂ ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ.ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ପାଠ କରିଥିଲେ । ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

**'ଆମରି ସତ୍ୟ' ତ୍ରୟୋଦଶତମ ବାର୍ଷିକ ଉତ୍ସବ**

# ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କୁ 'ଆମରି ସତ୍ୟ' ସମ୍ମାନ

ଖୋର୍ଦ୍ଧା,୨୪।୯ (ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ଆମରିସତ୍ୟ ପତ୍ରିକାର ତ୍ରୟୋଦଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ଆଗାମୀ ପିଢିର ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଗୁଡ଼ିକ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ଜେଏନୟୁ ନୂଆଦିଲ୍ଲୀ ଆଦିକବି ସାରଳା ଦାସ ଚେୟାରର ପ୍ରଫେସର ଉଦୟନାଥ ସାହୁ ଯୋଗଦେଇ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟ ଭାଷାଠାରୁ ପ୍ରାଚୀନ ଆର୍ଯ୍ୟଭାଷା(ସଂସ୍କୃତ ବ୍ୟତିତ) ହୋଇଥିଲେ ମଧ୍ୟ ଆମଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବରେ ଉପସ୍ଥାପିତ କରିପାରୁ ନାହୁଁ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଡ.ବିଷ୍ଣୁ ଚରଣ




■ ପଣ୍ଡିତ ରମାକାନ୍ତ ମିଶ୍ରଙ୍କୁ ସାରସ୍ୱତ ସମ୍ମାନ
■ ପୁସ୍ତକ 'ଦୃଷ୍ଟିକୋଣ' ଓ 'ଗୀତି ମଞ୍ଜୁଷା' ଉନ୍ମୋଚିତ

ସାହୁ ଓ ସ୍ୱାମୀ ଜୟଦେବ ଭାରତୀ ଯୋଗଦେଇ ଲେଖକ, ସାହିତ୍ୟିକମାନଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ। ଏକାତ୍ମ ମନୋଭାବ ସହ ମାନବିକତା ଲେଖାରେ ପରିଦୃଷ୍ଟ ହେଉ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଚଳିତ ବର୍ଷର ଆମରି ସତ୍ୟ ସମ୍ମାନ ଐତିହାସିକ ସତ୍ୟବାଦୀ ବଳିୟାରସିଂହ,'ଆମରି ସତ୍ୟ ସାରସ୍ୱତ ସମ୍ମାନ' ପଣ୍ଡିତ ରମାକାନ୍ତ ମିଶ୍ର ଓ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ' ନାଟ୍ୟକାର ଗୋପାଳ ଦେଙ୍କୁ ପ୍ରଦାନ କରାଯାଇଛି। ସେହିପରି ତ୍ରିଲୋଚନ ମହାପାତ୍ରଙ୍କ 'ଦୃଷ୍ଟିକୋଣ', ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'ଗୀତି ମଞ୍ଜୁଷା'ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆମରିସତ୍ୟର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେଇଥିବାବେଳେ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।

ପ୍ରାରମ୍ଭରେ ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ସମରଜିତ୍ ପଟ୍ଟନାୟକ,ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ.ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଉଦ୍ଧ୍ୱର୍ କବି କବୟିତ୍ରୀ କବିତାପାଠ କରିଥିଲେ। ସେହିପରି ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# 'ଆମରି ସତ୍ୟ' ପତ୍ରିକାର ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୨୪।୯(ଆପ୍ର): ରବିବାର ଦିନ ସ୍ଥାନୀୟ ପ୍ରାଣନାଥ କଲେଜ ମୈତ୍ରୀ ଭବନ ପରିସରରେ 'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହାକୁ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଉଦ୍‌ଘାଟନ କରିଥିଲେ । ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ଜେ.ଏନ.ୟୁ ଆଦିକବି ଶାରଳା ଚେୟାରର ପ୍ରଫେସର ଉଦୟନାଥ ସାହୁ ଯୋଗଦେଇଥିଲେ । ଏଠାରେ ସେ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟ ଭାଷା ଠାରୁ ପ୍ରାଚୀନ ଆର୍ଯ୍ୟଭାଷା(ସଂସ୍କୃତ ବ୍ୟତୀତ) ହୋଇଥିବା ପ୍ରକାଶ କରିଥିଲେ । ଏହା ସତ୍ତ୍ୱେ ଆମ ଭାଷାରେ ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବେ ଉପସ୍ଥାପନ କରିପାରୁନଥିବା ମତବ୍ୟକ୍ତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ସାହିତ୍ୟକ ଜୟଦେବ ଭାରତୀ, ଡ.ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।ଏ ଅବସରରେ ସମ୍ମାନିତ ଅତିଥିମାନେ ଛାତ୍ର,ଛାତ୍ରୀ ଓ ପାଠକଙ୍କ ପାଇଁ 'ଆମରି ସତ୍ୟ' ପତ୍ରିକା ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେହିପରି ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ ଓ ପଣ୍ଡିତ ରମାକାନ୍ତ ମିଶ୍ରଙ୍କୁ ଆମରି ସତ୍ୟ ସମ୍ମାନ ପ୍ରଦାନ କରାଯାଇଛି । ନାଟ୍ୟକାର ଗୋପାଳ ଦେଙ୍କୁ ଡ.ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଏହା ସହିତ ତ୍ରିଲୋଚନ ମହାପାତ୍ରଙ୍କ ଦୃଷ୍ଟିକୋଣ ଓ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଗୀତି ମଞ୍ଜୁଷା ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଡ.ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବକୁ ଅନୁଷ୍ଠିତ ହୋଇଥିବା ବେଳେ ସମରଜିତ୍ ପଟ୍ଟନାୟକ, ବିଭୁ ପ୍ରସାଦ ହରିଚନ୍ଦନ, ଡ. ସୁକାନ୍ତି ମହାପାତ୍ର ପ୍ରମୁଖ ବହୁ କବି ଓ କବୟିତ୍ରୀ ଯୋଗଦାନ କରିଥିଲେ । ରମେଶ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାମ ଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'ଆମରି ସତ୍ୟ'ର ତ୍ରୟୋଦଶତମ ବାର୍ଷିକ ଉତ୍ସବ

।। ପ୍ରଭାନ୍ୟୁଜ୍ ।। ଖୋର୍ଦ୍ଧା, ୨୫।୯: ଆମରିସତ୍ୟ ପତ୍ରିକାଟିର ତ୍ରୟୋଦଶତମ ବାର୍ଷିକ ଉତ୍ସବ-୨୦୨୩ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆମରି ସତ୍ୟ ସମ୍ମାନ ଐତିହାସିକ ସତ୍ୟବାଦୀ ବଳିୟାରସିଂହ,'ଆମରି ସତ୍ୟ ସାରସ୍ୱତ ସମ୍ମାନ' ପଣ୍ଡିତ ରମାକାନ୍ତ ମିଶ୍ର ଓ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ' ନାଟ୍ୟକାର ଗୋପାଳ ଦେଙ୍କୁ ପ୍ରଦାନ କରାଯାଇଛି । ଉଦ୍‌ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଆଗାମୀ ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଗୁଡ଼ିକ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ସ୍ୱାମୀ ଜୟଦେବ ଭାରତୀ କବି,ଲେଖକ, ସାହିତ୍ୟିକମାନଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ । ଏକାତ୍ମମନୋଭାବ ସହ ମାନବିକତା ଲେଖାରେ ପରିଦୃଷ୍ଟ ହେଉ । ମୁଖ୍ୟଅତିଥି ପ୍ରଫେସର ଉଦୟନାଥ ସାହୁ, ଆଦିକବି ସାରଳା ଦାସ ଚେୟାରର ପ୍ରଫେସର, ଜେଏନୟୁ ନୂଆଦିଲ୍ଲୀ ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟଭାଷାଠାରୁ ପ୍ରାଚୀନ



ଆର୍ଯ୍ୟଭାଷା(ସଂସ୍କୃତ ବ୍ୟତିତ) ହୋଇଥିଲେ ମଧ୍ୟ ଆମଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବରେ ଉପସ୍ଥାପିତ କରିପାରୁ ନାହୁଁ। ସମ୍ମାନୀୟ ଅତିଥି ଡ.ବିଷ୍ଣୁ ଚରଣ ସାହୁ ବର୍ତ୍ତମାନ ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର ଏବଂ ଶିକ୍ଷକଙ୍କପାଇଁ ଏକ ଉପାଦେୟ ପତ୍ରିକାଟି ବୋଲି ମତଦେଇଥିଲେ । ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେବା ସହ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ତ୍ରିଲୋଚନ ମହାପାତ୍ରଙ୍କ 'ଦୃଷ୍ଟିକୋଣ', ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'ଗୀତି ମଞ୍ଜୁଷା'ପୁସ୍ତକ ଉନ୍ମୋଚିତ ହୋଇଥିଲା । କବିତା ପାଠୋତ୍ସବ ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ଏବଂ ସମରଜିତ୍ ପଟ୍ଟନାୟକ,ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ.ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ । ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# 'ଲେଖାରେ ଏକାତ୍ମ ମନୋଭାବ ରହୁ'

ଧରିତ୍ରୀ

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ରବିବାର 'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ପ୍ରସନ୍ନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଉତ୍ସବର ଉଦ୍‌ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ, ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ। ସେହିପରି ମୁଖ୍ୟ ଅତିଥି ଜେଏନ୍‌ୟୁ ପ୍ରଫେସର ଉଦୟନାଥ ସାହୁ କହିଥିଲେ, ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟ ଭାଷାଠାରୁ ପ୍ରାଚୀନ। ଆମ ଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବେ ଉପସ୍ଥାପିତ କରିପାରୁ ନାହୁଁ। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ସବୁସ୍ତରରେ ଉଦ୍ୟମ ଜରୁରୀ। ମାଆ, ମାଟି ଏବଂ ମାତୃଭାଷା ସର୍ବଦା ବନ୍ଦନୀୟ। ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ସ୍ୱାମୀ ଜୟଦେବ ଭାରତୀ କହିଥିଲେ, କବି, ଲେଖକ ଓ ସାହିତ୍ୟିକଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ। ଏକାତ୍ମ ମନୋଭାବ ସହ ମାନବିକତା ଲେଖାରେ ପରିଦୃଷ୍ଟ ହେଉ। ଅନ୍ୟତମ ଅତିଥି ଡ.ବିଷ୍ଣୁ ଚରଣ ସାହୁ କହିଥିଲେ, ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର, ଶିକ୍ଷକ ଏବଂ ଗବେଷଣାରତ ଛାତ୍ରଛାତ୍ରଙ୍କ ପାଇଁ ଏକ ଉପାଦେୟ ହୋଇପାରିଛି। ଏହି ଅବସରରେ ତ୍ରିଲୋଚନ ମହାପାତ୍ରଙ୍କ 'ଦୃଷ୍ଟିକୋଣ' ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'ଗୀତି ମଞ୍ଜୁଷା'ପୁସ୍ତକ ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ 'ଆମରିସତ୍ୟ ସମ୍ମାନ' ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ସାରସ୍ୱତ ସମ୍ମାନ ପଣ୍ଡିତ ରମାକାନ୍ତ ମିଶ୍ର ଏବଂ ନାଟ୍ୟ ସମ୍ମାନ ନାଟ୍ୟକାର ଗୋପାଳ ଦେ ଙ୍କୁ ପ୍ରଦାନ କରାଯାଇଛି। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦଶ ସ୍ୱାଗତ ଭଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।



'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକୋତ୍ସବ**

■ ସତ୍ୟବାଦୀ, ରମାକାନ୍ତ ଓ ଗୋପାଳ ସମ୍ମାନିତ

■ ୨ପୁସ୍ତକ ଉନ୍ମୋଚିତ, ମନମୋହିଲା ପାଲା

ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ। ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ. ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ। ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆମରିସତ୍ୟର ତ୍ରୟୋଦଶ ବାର୍ଷିକ ଉତ୍ସବ

ଖୋର୍ଦ୍ଧା (ସବ୍ୟୁ): ଆମରିସତ୍ୟ ପତ୍ରିକାଟିର ତ୍ରୟୋଦଶତମ ବାର୍ଷିକ ଉତ୍ସବ-୨୦୨୩ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଡ.ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆମରି ସତ୍ୟ ସମ୍ମାନ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆମରି ସତ୍ୟ ସାରସ୍ୱତ ସମ୍ମାନ- ପଣ୍ଡିତ ରମାକାନ୍ତ ମିଶ୍ର ଓ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ- ନାଟ୍ୟକାର ଗୋପାଳ ଦେଙ୍କୁ ପ୍ରଦାନ କରାଯାଇଛି। ଉଦ୍‌ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଆଗାମୀ ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଗୁଡ଼ିକ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ। ସମ୍ମାନୀୟ ଅତିଥି ସ୍ୱାମୀଜୟଦେବ ଭାରତୀ କବି,ଲେଖକ, ସାହିତ୍ୟିକମାନଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ। ଏକାତ୍ମମନୋଭାବ ସହ ମାନବିକତା ଲେଖାରେ ପରିଦୃଷ୍ଟ ହେଉ ।

ମୁଖ୍ୟଅତିଥି ପ୍ରଫେସର ଉଦୟନାଥ ସାହୁ,ଆଦିକବି ସାରଳା ଦାସ ଚେୟାରର ପ୍ରଫେସର, ଜେଏନୟୁ ନୂଆଦିଲ୍ଲୀ ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟଭାଷାଠାରୁ ପ୍ରାଚୀନ ଆର୍ଯ୍ୟଭାଷା(ସଂସ୍କୃତ ବ୍ୟତିତ) ହୋଇଥିଲେ ମଧ୍ୟ ଆମଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବରେ ଉପସ୍ଥାପିତ କରିପାରୁ ନାହୁଁ। ସମ୍ମାନୀୟ ଅତିଥି ଡ.ବିଷ୍ଣୁ ଚରଣ ସାହୁ ବର୍ତ୍ତମାନ ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର ଏବଂ ଶିକ୍ଷକଙ୍କପାଇଁ ଏକ ଉପାଦେୟ ପତ୍ରିକାଟି ବୋଲି ମତଦେଇଥିଲେ । ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେବା ସହ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ତ୍ରିଲୋଚନ ମହାପାତ୍ରଙ୍କ ଦୃଷ୍ଟିକୋଣ, ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଗୀତି ମଞ୍ଜୁଷାପୁସ୍ତକ ଉନ୍ମୋଚିତ ହୋଇଥିଲା। କବିତା ପାଠୋତ୍ସବ ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ଏବଂ ସମରଜିତ୍ ପଟ୍ଟନାୟକ,ବିଭୁପ୍ରସାଦ ହରିଚନ୍ଦନ ଏବଂ




ଡ.ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ। ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆମରିସତ୍ୟ ତ୍ରୟୋଦଶତମ ବାର୍ଷିକ ଉତ୍ସବ, ୨୦୨୩

ନିର୍ଭୟ ସୂଚନା

ଖୋର୍ଦ୍ଧା,୨୪।୯(ନି.ସୂ): 'ଆମରିସତ୍ୟ' ପତ୍ରିକାଟିର ତ୍ରୟୋଦଶତମ ବାର୍ଷିକ ଉତ୍ସବ ୨୦୨୩ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଡ ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁ ଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ 'ଆମରି ସତ୍ୟ ସମ୍ମାନ' ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆମରି ସତ୍ୟ ସାରସ୍ୱତ ସମ୍ମାନ'- ପଣ୍ଡିତ ରମାକାନ୍ତ ମିଶ୍ର ଓ ଡା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ – ନାଟ୍ୟକାର ଗୋପାଳ ଦେଙ୍କୁ ପ୍ରଦାନ କରାଯାଇଛି । ଉଦ୍ ?ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଆଗାମୀ ସାହିତ୍ୟିକମନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଗୁଡ଼ିକ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ । ସମ୍ମାନୀୟ ଅତିଥି ସ୍ୱାମୀଜୟଦେବ ଭାରତୀ କବି, ଲେଖକ, ସାହିତ୍ୟିକମାନଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ । ଏକାତ୍ମମନୋଭାବ ସହ ମନବିକତା ଲେଖାରେ ପରିଦୃଷ୍ଟ ହେଉ । ମୁଖ୍ୟଅତିଥି ପ୍ରଫେସର ଉଦୟନାଥ



ସାହୁ, ଆଦିକବି ସାରଳା ଦାସ ଚେୟାରର ପ୍ରଫେସର, ଜେଏନୟୁ ନୂଆଦିଲ୍ଲୀ ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟ ଭାଷାଠାରୁ ପ୍ରାଚୀନ ଆର୍ଯ୍ୟଭାଷା( ସଂସ୍କୃତ ବ୍ୟତିତ) ହୋଇଥିଲେ ମଧ୍ୟ ଆମଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବରେ ଉପସ୍ଥାପିତ କରିପାରୁ ନାହୁଁ । ସମ୍ମାନୀୟ ଅତିଥି ଡ.ବିଷ୍ଣୁ ଚରଣ ସାହୁ ବ ମାନ ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର ଏବଂ ଶିକ୍ଷକଙ୍କପାଇଁ ଏକ ଉପାଦେୟ ପତ୍ରିକାଟି ବୋଲି ମତଦେଇଥିଲେ । ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେବା ସହ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ତ୍ରିଲୋଚନ ମହାପାତ୍ରଙ୍କ ' ଦୃଷ୍ଟିକୋଣ", ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'ଗୀତି ମଞ୍ଜୁଷା'ପୁସ୍ତକ ଉନ୍ମୋଚିତ ହୋଇଥିଲା । କବିତା ପାଠୋତ୍ସବ ଡ. ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ଏବଂ ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ.ସୁକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ । ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହାରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖପରିଚାଳନା କରିଥିଲେ ।

# 'ଆମରି ସତ୍ୟ' ବାର୍ଷିକୋତ୍ସବ

ଖୋର୍ଦ୍ଧା, ୨୪/୯ (ଇମିସ): ଖୋର୍ଦ୍ଧାର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ 'ଆମରି ସତ୍ୟ'ର ୧୩ତମ ବାର୍ଷିକ ଉତ୍ସବ ଆଜି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ.ପ୍ରସନ୍ନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ ଏହି ଅବସରରେ, ସତ୍ୟବାଦୀ ବଳିଆରସିଂହଙ୍କୁ ଆମରିସତ୍ୟ ସମ୍ମାନ, ପଣ୍ଡିତ ରମାକାନ୍ତ ମିଶ୍ରଙ୍କୁ ଓ ଡା.ଧନେଶ୍ୱର ସାହୁଙ୍କୁ ସାରସ୍ୱତ ସମ୍ମାନ, ଗୋପାଳ ଦେ'ଙ୍କୁ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତ୍ରିଲୋଚନ ମହାପାତ୍ରଙ୍କ ଦୃଷ୍ଟିକୋଣ ଓ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଗୀତି ମଞ୍ଜୁଷା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ ଅତିଥି ଭାବେ ସ୍ୱାମୀ ଜୟଦେବ ଭାରତୀ, ଆଦିକବି ସାରଳା ଦାସ ଚେୟାରର ମୁଖ୍ୟ ପ୍ରଫେସର ଉଦୟନାଥ ସାହୁ, ଡ.ବିଷ୍ଣୁ ଚରଣ ସାହୁ ଯୋଗ ଦେଇ ଓଡ଼ିଆ ଭାଷାର ପ୍ରାଚୀନତା, ଏହାର ସୁରକ୍ଷା ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ ଡ.ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମରଜିତ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ, ଡ. ସୁକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସୁରେଶ ସ୍ୱାଇଁ ଓ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ। ରାମଶଙ୍କର, ଜବାହରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।





ଆଳସ୍ୟ ପ୍ରଥମେ ବୁଢିଆଣୀ ସୂତା ଭଳି ତୁମ ଦେହରେ ଲାଗିଯାଏ। ଦିନେ ଦେଖିଲା ବେଳକୁ ତାହା ଲୁହା ଶିକୁଳି ପାଲିଟି ଗଲାଣି।



Volume - 14 ● Issue No. 4 ● Monthly ● October - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA KHORDHA

SENIOR SECONDARY SCHOOL

Code No. - 16137

Affiliated to CBSE, New Delhi - 1530380






ARYAVART ANCIENT ACADEMY

*An initiative of People's Forum Foundation*

Plot No. 684, Haldipada, Khordha, Pin - 752056

Email : aryavartaa.krd@gmail.com, Website : www.aryavartancientacademy.in

Contact : 6372866816, 9178387717

Toll Free : 1800 120 22 3333


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From
M1/5, MPHB Colony,
P.O. - P N College,
Khordha - 752057